ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୯ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 JUNE 2022
Vol.No. 35 ■ No. 150 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ଯା ଦେବୀ ସର୍ବଭୂତେଷୁ............





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଖରିଫ ଫସଲର ଏମଏସପି ବୃଦ୍ଧି



ଭୁବନେଶ୍ୱର, ୦୮/୦୬ (ନି.ପ୍ର): ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଥିବାରୁ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ନରେନ୍ଦ୍ର ସିଂତୋମରଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୧୦୦ଟଙ୍କା ବୃଦ୍ଧି କରାଯାଇ କ୍ୱିଂଟାଲ ପିଛା ୨୦୪୦ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୦୬୦ଟଙ୍କା ହୋଇଛି। ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ଯଥା - ବାଜରା ୨୨୫୦ ରୁ ୨୩୫୦, ମାଣ୍ଡିଆ ୩୩୭୭ ରୁ ୩୫୭୮, ମକା ୧୮୭୦ ରୁ ୧୯୬୨, ହରଡ ୬୩୦୦ ରୁ ୬୬୦୦, ମୁଗ ୭୨୭୫ ରୁ ୭୭୫୫, ଚିନାବାଦାମ ୫୫୫୦ ରୁ ୫୮୫୦, ସୂର୍ଯ୍ୟମୁଖି ୬୦୧୫ ରୁ ୬୪୦୦, କପା ୫୭୨୬ ରୁ ୬୦୮୦, ସୋୟାବିନ୍ ୩୯୫୦ ରୁ ୪୩୦୦ଟଙ୍କାକୁ ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟ ସରକାରଙ୍କର ଆନ୍ତରିକତା ଅଭାବ ଏବଂ ରାଜ୍ୟରେ କୃଷିର ତଥା ଧାନ ମଣ୍ଡିର ଭିତିଭୂମି ଅଭାବ କାରଣରୁ କୃଷିବହୁଳ ଆମ ରାଜ୍ୟରେ ଗତ ଖରିଫ ଏବଂ ବର୍ତମାନ ରବି ଫସଲର ଉତ୍ପାଦିତ ଧାନକୁ ଏବଂ ଅନ୍ୟାନ୍ୟ ଫସଲକୁ ଚାଷୀ ସଠିକ୍ ମୂଲ୍ୟରେ ବିକ୍ରି କରିନପାରି ବହୁ କ୍ଷତି ଅସୁବିଧାରେ ସମ୍ମୁଖୀନ ହୋଇଛି। ରାଜ୍ୟରେ କୃଷକ ଭାଇ, ଭଉଣୀମାନଙ୍କ ସ୍ୱାର୍ଥ ଏବଂ ଆର୍ଥିକ ସ୍ଥିତିକୁ ମଜଭୁତ୍ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରାଇବାରେ ବିହିତ ପଦକ୍ଷେପ ନେବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

## ରାସ୍ତାରୁ ହଟିବ ପୁରୁଣା ଡିଜେଲ ବସ୍

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ଖୁବଶୀଘ୍ର ରାସ୍ତାରୁ ହଟିପାରେ ପୁରୁଣା ଡିଜେବ ବସ୍ । ଏନେଇ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟ ୩୨ ହଜାର ପୁରୁଣା ବସ୍ ହଟାଇ ସେହି ସ୍ଥାନରେ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବାକୁ କୁହାଯାଇଛି । ସଡକ ପରିବହନ ମନ୍ତ୍ରାଳୟ ଆକଳନ ଅନୁସାରେ ୨୫ଟି ରାଜ୍ୟ ପରିବହନ ସଂସ୍ଥା ପାଖରେ ୧୦ ବର୍ଷରୁ ଅଧିକ ପୁରୁଣା ୩୨,୦୬୨ଟି ବସ୍ ରହିଛି । ଚିଠା ବିଜ୍ଞପ୍ତି ହିସାବରେ ୧୫ ବର୍ଷରୁ ଅଧିକ ପୁରୁଣା ବସର ଆଉ ନବୀକରଣ ହେବ ନାହିଁ । ସେସବୁକୁ ସ୍କ୍ରାପରେ ପରିଣତ କରାଯିବ । ରାଜ୍ୟ ପରିବହନ ସଂସ୍ଥାଗୁଡିକ ପାଖରେ ୧୦ବର୍ଷରୁ ଅଧିକ ପୁରୁଣା ବସ୍ ଗୁଡିକ ବିଏସ୍-୨ ଓ ବିଏସ୍-୩ ଡିଜେଲ ବସ୍ ହୋଇଥିବା ▶▶ପୃଷ୍ଠା ୭

## ୧୩ରେ ବାଚସ୍ପତି ନିର୍ବାଚନ, ଶୁକ୍ରବାର ହେବ ପ୍ରାର୍ଥିପତ୍ର ଦାଖଲ



ଭୁବନେଶ୍ୱର, ୦୮/୦୬ (ନି.ପ୍ର): ନୂତନ ମନ୍ତ୍ରିମଣ୍ଡଳ ଗଠନ ପରେ ଏବେ ବାଚସ୍ପତିଙ୍କ ପାଳି। ବରିଷ୍ଠ ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ବାଚସ୍ପତି ପଦ ଛାଡ଼ିବା ପରେ ଉକ୍ତ ପଦ ଏବେ କାହା ଝୁଲାକୁ ଯିବ ତାହା ଉପରେ ସମସ୍ତଙ୍କ ନଜର। ଏଥିନିମନ୍ତେ ଆସନ୍ତା ୧୩ ତାରିଖରେ ହେବ ବାଚସ୍ପତି ନିର୍ବାଚନ । ବାଚସ୍ପତି ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରାଯିବ । ବରିଷ୍ଠ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ହେବା ପରେ ପଦ ଛାଡ଼ିବା ପରେ ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ ବାଚସ୍ପତି ହେବା ନେଇ ଚର୍ଚ୍ଚା ଜୋରି ଧରିଛି। ତେଣୁ ଅନୁମାନ କରାଯାଉଛି ଆସନ୍ତା ଶୁକ୍ରବାର ସେ ବାଚସ୍ପତି ଭାବେ ନାମାଙ୍କନ ପତ୍ର ଦାଖଲ କରିପାରନ୍ତି । ସୂଚନାଯୋଗ୍ୟ, ଗତ ଶନିବାର ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ପରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଠନ କଲେ ନୂଆ ମନ୍ତ୍ରିମଣ୍ଡଳ। ମୋଟ ୨୧ ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୮ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) । ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

## ବିମାନ ଯାତ୍ରୀଙ୍କ ପାଇଁ ମାସ୍କ ପିନ୍ଧିବା ହେଲା ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୦୮/୦୬ : ପୁଣି ବଢୁଥିବା କରୋନା ସଂକ୍ରମଣକୁ ନଜରରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମାସ୍କ କଟକଣା ଜାରି କରାଯାଇଛି । ଏହି କ୍ରମରେ ଡିଜିସିଏ କହିଛି କି ବିମାନରେ ଯାତ୍ରା କରିବା ଓ ବିମାନ ବନ୍ଦର ଭିତରକୁ ପ୍ରବେଶ କରିବା ସମୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ । ଯଦି କେହି ଏହି ନିୟମର ଉଲଙ୍ଘନ କରେ ତେବେ ତାକୁ ବିମାନରୁ ବାହାର କରିଦିଆଯିବ । ବୁଧବାର ଦିନ ଡିଜିସିଏ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି କି ସିଆଇଏସଏଫ ଯବାନଙ୍କ ତରଫରୁ ମାସ୍କ ନିୟମ ଜାରି କରାଯିବ । ଯଦି କେହି ଏହାର ଅବମାନନା କରେ ତେବେ ତାଙ୍କୁ ବିମାନରୁ ଓହ୍ଲାଇ ଦିଆଯିବ । କହିରଖୁ କି ଦିଲ୍ଲୀ ହାଇକୋର୍ଟ ତରଫରୁ କୋଭିଡ ନିୟମ ପାଳନ କରୁନଥିବା ଲୋକଙ୍କ ପ୍ରତି ଡିଜିସିଏ କଠୋର ହେଉ ବୋଲି ଏକ ନିର୍ଦ୍ଦେଶ ଦେବା ପରେ ଡିଜିସିଏ ଏହି ନିୟମ ଲାଗୁ କରିଛି । ▶▶ପୃଷ୍ଠା ୭

## ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଲେ ଏଏସଆଇ

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ଭିଜିଲାନ୍ସ ଜାଲରେ ପୋଲିସ ବାବୁ । ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଗଞ୍ଜାମ ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡି ଏଏସଆଇ ମାନସ କୁମାର ରାଉତ । ମାନସଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ଅଟକ ରଖି ପଚରାଉଚରା କରୁଛି । ଆଉ ଏହି ପୋଲିସ ବାବୁଙ୍କୁ ଧରା ପକାଇ ଦେଇଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବକ ସ୍ୱାଧୀନ ବିଷୋୟୀ । ସୂଚନା ମୁତାବକ, ସ୍ୱାଧୀନଙ୍କୁ କିଛି ବ୍ୟକ୍ତି ଧମକ ଦେଉଥିବା ବେଳେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ତେଣୁ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିବା ପାଇଁ ଏଏସଆଇ ମାନସ କୁମାର ରାଉତ ସ୍ୱାଧୀନଙ୍କୁ ୫ ହଜାର ଟଙ୍କା ଦେବାକୁ କହିଥିଲେ । ପରେ ମୁଲଚାଲ ପରେ ୩ ହଜାରରେ କଥା ଛିଡିଥିଲା । ହେଲେ ପୂର୍ବ ଯୋଜନା ମୁତାବକ ଟଙ୍କା ଦେବା ପୂର୍ବରୁ ଭିଜିଲାନ୍ସଙ୍କୁ ସୂଚନା ଦେଇଥିଲେ ସ୍ୱାଧୀନ । ଗତାକାଲି ସ୍ୱାଧୀନ ଟଙ୍କା ନେଇ ଏଏସଆଇଙ୍କୁ ଦେଉଥିବା ବେଳେ ପହଞ୍ଚି ଯାଇଥିଲେ ଭିଜିଲାନ୍ସର ୫ ଜଣିଆ ଟିମ୍ । ଭିଜିଲାନ୍ସ ଉକ୍ତ ଟଙ୍କା ଜବତ କରିଥିବା ବେଳେ ପୋଲିସ ବାବୁଙ୍କ ଅନ୍ୟାନ୍ୟ ସମ୍ପତି ଯାଞ୍ଚ ଆରମ୍ଭ କରିଛି ।

## ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ପ୍ରକୃତ ମାଷ୍ଟର ମାଇଣ୍ଡ ଲରେନ୍ସ ବିଷ୍ଣୋଇ : ପୁଲିସ



ନୂଆଦିଲ୍ଲୀ, ୦୮/୦୬ : ପଞ୍ଜାବର ପ୍ରସିଦ୍ଧ ସିଙ୍ଗର ତଥା କଂଗ୍ରେସ ନେତା ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ପ୍ରକୃତ ମାଷ୍ଟର ମାଇଣ୍ଡ ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ। ଆଜି ଦିଲ୍ଲୀ ପୁଲିସ ପକ୍ଷରୁ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ଦିଲ୍ଲୀ ସ୍ପେସିଆଲ କମିଶନର। ଏହି ମାମଲାରେ ପୁଲିସ ୫ ଜଣ ଶୁଟରଙ୍କୁ ଗିରଫ କରିଛି। ସେହିପରି ଘଟଣାରେ ସିଦ୍ଧେଶ ହିରାମନ କମଲେ ଓରଫ ମହାକାଳଙ୍କୁ ଗିରଫ କରାଯାଇଛି। ସିଦ୍ଧୁଙ୍କ ମୁଖ୍ୟ ଶୁଟରର ମହାକାଳ ହେଉଛନ୍ତି ଘନିଷ୍ଠ ସହଯୋଗୀ ବୋଲି ପୋଲିସ କହିଛି। ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରିଛି ପୁଲିସ। ଲରେନ୍ସ ବିଷ୍ଣୋଇ ଏହା ପୂର୍ବରୁ ହତ୍ୟାକଣ୍ଡାରେ ତାଙ୍କ ଗ୍ୟାଙ୍ଗ ଥିଲେ ବି ତାଙ୍କର ଏଥିରେ କୌଣସି ଭୂମିକା ନଥିବା କହିଥିଲା। ସେ ମୋବାଇଲ୍‌ରେ ଧରୁ ନାହିଁ କି ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର ରଚିନଥିବା ଲରେନ୍ସ କହିଥିଲା। ହେଲେ ଦିଲ୍ଲୀ ପୁଲିସ ବିଷ୍ଣୋଇ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ବୋଲି କହିଛି। ବୁଧବାର ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ସ୍ପେଶିଆଲ୍ କମିଶନର ଅଫ ପୁଲିସ ଏଚ୍‌ଏସ୍ ଧାଲିୱାଲ କହିଛନ୍ତି ଯେ, ଲରେନ୍ସ ବିଷ୍ଣୋଇ ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ। ଏହି ଘଟଣାରେ ଆଉ ୫ ଜଣ ଶୁଟର ଧରାପଡ଼ିଛନ୍ତି। ସେ କହିଛନ୍ତି "ଦିଲ୍ଲୀ ପୁଲିସର ସ୍ପେଶିଆଲ୍ ସେଲ୍ ମୁସେୱାଲା କେସ୍‌ରେ ତଦନ୍ତ ଜାରି ରଖିଛି। ▶▶ପୃଷ୍ଠା ୭

## ଗୋଚର ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ସଂଘର୍ଷ : ୧୪୪ ଧାରା ଜାରି

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ଗଜପତି ମୋହନା ଥାନା ବିଜିପୁର ଓ ବାହାଡାପଦା ଗାଁର ବିବାଦୀୟ ଜମିରେ ୧୪୪ ଧାରା ଲଗାଇଲା ପୋଲିସ । ୨ ମାସ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି ପୋଲିସ । ଏହି ଅଂଚଳରେ ପ୍ରବେଶ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଏନେଇ ପୋଲିସ ପକ୍ଷରୁ ଉଭୟ ଗାଁରେ ଡାକବାଜି ଯନ୍ତ୍ର ଦ୍ୱାରା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉଭୟ ଗାଁରେ ପୋଲିସ ମୁତୟନ କରାଯାଇଛି । ବିବାଦର ସମାଧାନ ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇଛି । ଏହି କମିଟି ୧୫ ଦିନ ଭିତରେ ଦୁଇ ଗାଁର ଲୋକଙ୍କ ସହ ବୈଠକ କରିବ । ଗତ ରବିବାର ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ବାହାଡାପଦା ଗାଁ ଲୋକେ ନିଜ ଗାଁର ଗୋଚର ଜମିକୁ ସଫା କରୁଥିବା ବେଳେ ବିଜିପୁର ଗାଁ ଲୋକେ ଏହାକୁ ବିରୋଧ କରିଥିଲେ । ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ ୨୨ ଜଣ ଆହତ ହୋଇଥିବା ବେଳେ ୭ ଜଣ ଗୁରୁତର ହୋଇଥିଲେ ।

## ରଥଯାତ୍ରା ପାଇଁ ସୁରକ୍ଷା ନେଇ ଆରଏଏଫର ମକଡ୍ରିଲ

ପୁରୀ, ୦୮/୦୬ (ନି.ପ୍ର): ରଥଯାତ୍ରା ନେଇ ପୁରୀରେ ପ୍ରସ୍ତୁତି ଜୋରଦାର କରାଯାଇଛି । ରଥଯାତ୍ରା ସୁରକ୍ଷା ନେଇ ଆରଏଏଫ ତଥା ରାପିଡ୍ ଆକ୍ସନ୍ ଫୋର୍ସର ମକଡ୍ରିଲ କରାଯାଉଛି । ରଥଯାତ୍ରାରେ ନିୟୋଜିତ ହେବେ ୨ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ । ଏଥିରେ ୨୪୦ ଜଣ ଯବାନ ରହିବେ । ବଜ୍ରଯାନ ସହ ମକଡ୍ରିଲ କରାଯାଉଛି । ଏଥିରେ ପୁରୀ ପୋଲିସ ସାମିଲ ହୋଇଥିବା ବେଳେ ମନ୍ଦିର ସମ୍ମୁଖରେ ମକଡ୍ରିଲ କରାଯାଉଛି । ସେପଟେ, ମଙ୍ଗଳବାର କାମ ଶେଷ ସୁଦ୍ଧା ତିନି ରଥର ଦଣ୍ଡା ଉଠି ଏଥିରେ ନିରାଡ଼ି, କୋଣଗୁଜ ଆଦି ସଂଯୋଗ କରାଯାଇଛି । ତିନିରଥର ଦଣ୍ଡା ପଡ଼ିଲା ପରେ ତିନିରଥର 'ଦଣ୍ଡା ଗୋଳେଇ' କାର୍ଯ୍ୟ ପରେ ଦଣ୍ଡାଗୁଡ଼ିକରେ ଅର୍ଦ୍ଧଚନ୍ଦ୍ରାକାର ଖୋଦେଇ ସାରି ଦଣ୍ଡା ଓ ଅଖକୁ ଖାପରେ ପକାଇ ଦଉଡ଼ିରେ ଟାଣ ଦେଇ ବାନ୍ଧିଥିଲେ । ଏହାପରେ ପଞ୍ଚ ଦଣ୍ଡା ଆଗ ଓ ପଛରେ ମୁହାଣ୍ଟ ସଂଯୋଗ ହୋଇଥିଲା । ଆଗ ମୁହାଣ୍ଟରେ ୫ଟି ସାଲ ଗୁଜ ଓ ପଛ ମୁହାଣ୍ଟରେ ୩ଟି ଜଳଯନ୍ତ୍ର ସହ ଦୁଇଟି ସାଲଗୁଜ ଉଠି ଗୁଜ ଉପରେ ନିରାଡ଼ି ଉଠିଛି ।

## ୪ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲ୍ଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବାର ସମ୍ଭାବନା ରହିଥିବା ନେଇ ସତର୍କ କରାଇଛି। ବୁଧବାର ଅପରାହ୍ନରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି ଯେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ଏହି ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ଲୋକଙ୍କ ପ୍ରତି ବିଶେଷ ଦୃଷ୍ଟି ରଖିବା ସହ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପଦାକୁ ଖରାରେ ନବାହାରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ୯ ରୁ ୧୦ ତାରିଖ ମଧ୍ୟରେ ସମ୍ବଲପୁର, ସୋନପୁର, ବରଗଡ, ବଲାଙ୍ଗୀର , ନୂଆପଡା ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳର ଆକାଶ ଆଂଶିକ ମେଘୁଆ ରହିବା ସହ କିଛି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇପାରେ। ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

## ରାଷ୍ଟ୍ରପତି ଭବନରେ 'ଲୋକତନ୍ତ୍ରର ସ୍ୱର' ଚତୁର୍ଥ ସଂସ୍କରଣର ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୮/୦୬ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିଭାଷଣ ପ୍ରଦାନ କରିବା ବେଳେ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦(ଏନଇପି) ଉପରେ ଦେଇଥିବା ଟିପ୍ପଣୀ ତଥା ଶିକ୍ଷା ନୀତିକୁ ନେଇ ସେ ଦେଖିଥିବା ସ୍ୱପ୍ନକୁ ସାକାର କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ପ୍ରମୁଖ ଭାଷଣକୁ ନେଇ ପ୍ରସ୍ତୁତ ପୁସ୍ତକ 'ଲୋକତନ୍ତ୍ରର ସ୍ୱର' ଚତୁର୍ଥ ସଂସ୍କରଣକୁ ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ଏକ ରାଷ୍ଟ୍ର ନେତା ଭାବରେ ରାଷ୍ଟ୍ରପତିଙ୍କ ବିଭିନ୍ନ ବିଷୟରେ ବିଗତ ଦିନର ୩୮ ମୁଖ୍ୟ ଭାଷଣର ସମାହାରକୁ ନେଇ 'ଲୋକତନ୍ତ୍ର'ର ସ୍ୱର' ଚତୁର୍ଥ ସଂସ୍କରଣ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି। ପୁସ୍ତକରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବୋଧିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ରାଷ୍ଟ୍ର ହିତରେ ବାର୍ତା, ଶିକ୍ଷା ଓ ସଂସ୍କୃତ ଦ୍ୱାରା ଭାରତର ନବନିର୍ମାଣ, ଜନସେବାର ଧର୍ମ, ସାମରିକ ସୁରକ୍ଷାରେ ଆଧୁନିକ ପଦକ୍ଷେପ, ସମ୍ବିଧାନ ଓ ବିଧି ବ୍ୟବସ୍ଥାର ଆଧାର ଭୂମି, ଉତ୍କୃଷ୍ଟତାର ଉତ୍ସବ, ଆମର ପ୍ରକାଶ ସ୍ତମ୍ଭ, ବିଶ୍ୱ ମଂଚରେ ଭାରତ ଆଦି ଭଳି ବିଭିନ୍ନ ବିଷୟରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରପତିଙ୍କ ବୌଦ୍ଧିକ ପରିପ୍ରକାଶକୁ ଲୋକାର୍ପଣ କରିବା ନିଜ ନିଜ ମଧ୍ୟରେ ହିଁ ଗୌରବର ବିଷୟ ଓ ଏଥିପାଇଁ ମୁଁ ସୌଭାଗ୍ୟଶାଳୀ। ଅନେକ ବିଷୟରେ ମହାମହିମ ରାଷ୍ଟ୍ରପତିଙ୍କ ବିଚାର ଯଥା ବୈଶ୍ୱିକ ସ୍ଥିତି, ଦେଶରେ ଥିବା ଆହ୍ୱାନ, ଦେଶର ଯୁବପିଢ଼ିଙ୍କ ଆକାଂକ୍ଷା ଓ ଶିକ୍ଷା ବିଷୟରେ ତାଙ୍କ ମାର୍ଗଦର୍ଶନ ରହିଛି। ରାଷ୍ଟ୍ରୀୟ ▶▶ପୃଷ୍ଠା ୭

## ଚାନ୍ଦିପୁର ରୋଡ଼ ବାପୁନ ହତ୍ୟାକାଣ୍ଡ ମାମଲାରେ ୭ ଗିରଫ




ବାଲେଶ୍ୱର,୦୮/୦୬ (ନି.ପ୍ର): ଚାନ୍ଦିପୁର ରୋଡ଼ରେ ଗତ ୩ ତାରିଖ ରାତିରେ ହୋଇଥିବା ବାପୁନୁ ଓରଫ ସତ୍ୟବ୍ରତ ଦାସଙ୍କୁ ଖଣ୍ଡାରେ ବାଲେଶ୍ୱର ପୁଲିସ ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପି ଜୀ ଓରଫ ଆନ୍ନା, ଶିବ ପ୍ରସାଦ ଜେନା ଓରଫ ଶିବୁ, ପ୍ରେମାନନ୍ଦ ମଲ୍ଲିକ ଓରଫ ଅରୁ, ପ୍ରଶାନ୍ତ କୁମାର ଓରଫ ପୁଅ, ଶୁଭାସିଶ ଦାସ ଓରଫ ବାବୁନା, ନବ ରାୟ ଓରଫ ନବ ଓ ଭବାନୀ ଶଙ୍କର ସାହୁ ଓରଫ ଡନା। ଜମି ଜମା ମାମଲା ଓ ମଦ ଦୋକାନ କାରବାରକୁ ନେଇ ଏହି ହତ୍ୟା କାଣ୍ଡ ହୋଇଥିବା ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୃତ ବାପୁନୁ ଜଣେ ଜଣେ ଗୁଣ୍ଡା ଶ୍ରେଣୀର ଯୁବକ ହୋଇଥିବା ବେଳେ ସେ ନବ ରାୟଙ୍କ ବଳରାମଗଡ଼ି ମଦ ଦୋକାନରେ ବାପୁନୁ କାର୍ଯ୍ୟ କରୁଥିଲା। ନବ ରାଏ ଇତି ମଧ୍ୟରେ ଆନ୍ନାଠାରୁ ୬୦ ଲକ୍ଷ ମୂଲ୍ୟର ତିନୋଟି ମୂଲ୍ୟବାନ ଜମି କିଣିଥିଲା। ପ୍ରଥମ କିସ୍ତିରେ ୭ଲକ୍ଷ ୩୪ ହଜାର ଟଙ୍କା ଦେଇଥିଲା ବେଳେ ପରବର୍ତି ସମୟରେ ବାକି ଟଙ୍କା ଦେବ ବୋଲି କହିଥିଲା। ନବ ନିଜର କର୍ମଚାରୀ ବାପୁନୁ ଓରଫ ମୃତ ସତ୍ୟବ୍ରତ ହାତରେ ଆନ୍ନାକୁ ଟଙ୍କା ଦେଇଥିଲା। ହେଲେ ବାପୁନୁ ଆନ୍ନାକୁ ଟଙ୍କା ନଦେଇ ନିଜେ ଆତ୍ମସାତ କରି ଦେଇଥିଲେ। ଯାହାକୁ ନେଇ ଆନ୍ନା ବାପୁନୁ ଉପରେ ଖପ୍ପା ଥିଲା। ଏହି ଟଙ୍କାର କାରବାରକୁ ନେଇ ଦୁଇ ବର୍ଷ ଆଗରୁ ଆନ୍ନାର ପତ୍ନୀ ମଧ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଅନ୍ୟପକ୍ଷରେ ନବ ମଦ ଦୋକାନ ବୁଝାସୁଝା କରୁଥିବା ବାପୁନୁ ଲୋକଙ୍କ ଉପରେ ଜୁଲମ କରୁଥିଲା। ମଦ କାଉଣ୍ଟର ସମ୍ମୁଖରେ ବାପୁନୁ ଦାଦାବଟି ପାଇଁ ମଦ ଗ୍ରାହକଙ୍କଠାରୁ ଅଧିକ ଟଙ୍କା ଆଦାୟ କରୁଥିଲା। ଫଳରେ ନବର ମଦ ବିକ୍ରି ମାନ୍ଦା ପଡ଼ି ଯାଇଥିଲା। ଯାହାକୁ ନେଇ ନବ ମଧ ଚିନ୍ତାରେ ଥିଲା। ସେହିପରି ଅନ୍ୟ ଦୁଇଜଣ ଯୁବକଙ୍କୁ ବାପୁନୁ କୁଟିଆ (ଚୋରା ମଦ ବେପାରୀ) ଭାବେ ବ୍ୟବହାର କରୁଥିଲା। ସେମାନଙ୍କୁ ଦୁଇଟି ବେଆଇନ ମଦ କାଉଣ୍ଟର କରିଦେଇ ଦିନକୁ ଦୁଇ ତିନି ହଜାର ଟଙ୍କାର ରୋଜଗାର କରୁଥିଲା ବେଳେ ଦୋକାନ ବୁଝୁଥିବା ଦୁଇ ଯୁବକଙ୍କୁ ଦିନକୁ ୫୦୦ ଟଙ୍କା ଲେଖାଏ ଦେଉଥିଲା। ତେଣୁ ବାପୁନୁକୁ ହତ୍ୟା କରିଦେଲେ ଦୁଇଜଣ ଦୁଇଟି ଯାକ ବେଆଇନ ମଦ କାଉଣ୍ଟରର ମାଲିକ ହୋଇଯିବେ ବୋଲି ଏହି ହତ୍ୟାକାଣ୍ଡରେ ସାମିଲ ହୋଇଥିଲେ। ବାପୁନକୁ ରାସ୍ତାରୁ ହଟାଇବା ପାଇଁ ଯୋଜନା ହୋଇଥିଲା। ୩ ତାରିଖସନ୍ଧ୍ୟାରେ ▶▶ପୃଷ୍ଠା ୭

## ଦୁର୍ଗମ ଅଂଚଳ ଟିକରପଡାରେ ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,୦୮/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମପଚାଂୟତ ଅନ୍ତର୍ଗତ ଦୁର୍ଗମ ପାହାଡିଆ ଅଂଚଳ ଟିକରପଡା ଗ୍ରାମରେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆଜି ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ଦଳ ଦୀର୍ଘ ଦୁଇ କିଲୋମିଟର ପାହାଡିଆ ଓ ଘାଟିରାସ୍ତା ଅତିକ୍ରମ କରି ଟିକରପଡାରେ ପହଂଚିଥିଲେ । ନିଜ ଗ୍ରାମରେ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଦେଖି ଗ୍ରାମବାସୀ ଖୁସିହେବା ସହ ସ୍ଥାନୀୟ ବିଦ୍ୟାଳୟ ଗୃହକୁ ସେମାନଙ୍କୁ ପାଛୋଟି ନେଇଥିଲେ, ସେଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ପାଖାପାଖି ୬୦ ଜଣ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇ ଥିବାବେଳେ, ସେଥି ମଧ୍ୟରୁ ଛଅ ଜଣ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା ଓ ଆଉ ଛଅ ଜଣଙ୍କର କଫ ପରୀକ୍ଷା ନିମନ୍ତେ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାକୁ ଚିକିତ୍ସା ଅଧିକାରୀ କହିଥିଲେ । ଏହି ଶିବିରରେ ରୋଗୀ ମାନଙ୍କୁ ଫୁଟା ପାଣି ଓ ମଶାରିର ବ୍ୟବହାର କରିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ପାଇଁ ସ୍ୱାସ୍ଥ୍ୟକର୍ମୀ ମାନେ ଗାଁ ଲୋକଙ୍କୁ ବୁଝାଇଥିଲେ । ଏହି ଶିବିରରେ ଅନ୍ୟ ସ୍ୱାସ୍ଥ୍ୟ କର୍ମୀଙ୍କ ମଧ୍ୟରେ ଡ଼.ରାମଚନ୍ଦ୍ର ଟୁଡୁ, ରଞ୍ଜନ କୁମାର ନାୟକ, ଶୁଭଲକ୍ଷ୍ମୀ ଦାସଙ୍କ ସହିତ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ସମସ୍ତ ରୋଗୀ ମାନଙ୍କୁ ନିରାମୟ ଯୋଜନାରେ ଉପଲବ୍ଧ ବିନାଦେୟର ଔଷଧ ଯୋଗାଇ ଦେଇଛନ୍ତି । ଗରିବ ଲୋକମାନଙ୍କୁ ଏଭଳି ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରେଇଥିବା ଯୋଗୁଁ ସ୍ଥାନୀୟ ଅଂଚଳବାସୀ ଡାକ୍ତର ସନ୍ତୋଷ କୁମାର ଷଡଙ୍ଗୀଙ୍କୁ ପ୍ରଶଂସା କରିଛନ୍ତି ।

## ଝାଲପଡାରେ ମୋ ସ୍କୁଲ ଅଭିଯାନ ବୈଠକ

ଧର୍ମଶାଳା,୦୮/୦୬ (ନି.ପ୍ର): ଯାଜପୁର ବ୍ଲକ ତଥା ନୀଳକଣ୍ଠପୁର ଆଂଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ଝାଲପଡା ସାନବାଗସାହି ପ୍ରାଥମିକ ଓ ମା ଜାଡେଇ ଉପ୍ରା ବିଦ୍ୟାଳୟ ପରିସରରେ 'ମୋ ସ୍କୁଲ ଅଭିଯାନ ବୈଠକ' ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାନବାଗସାହି ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ସୁବାଶ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରି,ମୁଖ୍ୟବକ୍ତାଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ଓ ସମ୍ମାନୀତ ଅତିଥିଭାବେ ଯାଜପୁର ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ନିର୍ମଳ କୁମାର ଜେନା,ନୀଳକଣ୍ଠପୁର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ପାଢୀ,ସୁଜନପୁର ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ କୁମାର ନାୟକ,ସାନବାଗସାହି ପରିଚାଳନା କମିଟିର ସଭାପତି ଚନ୍ଦ୍ରମଣୀ ବିଶ୍ୱାଳ ଓ ଏସବିଆଇ ଲାଇଫ ଇନସ୍ୟୁରାନ୍ସ ଡିଜିଏମ୍ ଗୌରବ ଶ୍ରୀବାସ୍ତବ ପ୍ରମୁଖ ଯୋଗ ଦେଇ ମୋ ସ୍କୁଲ ଅଭିଯାନକୁ ଅଧିକ ସଫଳ ରୂପାୟନ କରିବା ସହ ଆଜିର ଶିକ୍ଷା ବ୍ୟବସ୍ଥା ଓ ବିଦ୍ୟାଳୟର ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଦୁଇ ବିଦ୍ୟାଳୟର ପୋଷଣ ବଗିଚା ପାଇଁ ପୁରସ୍କୃତ କରାଯାଇଥିଲା । ତତ୍ ସହିତ ଏସବିଆଇ ଲାଇଫଇନ୍ସୁରାନ୍ସ ପକ୍ଷରୁ ମା ଜାଡେଇ ବିଦ୍ୟାଳୟକୁ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରିବା ସହିତ ସହସ୍ଥା ପକ୍ଷରୁ ଏହି ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା । ମା ଜାଡେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ ରଂଜନ ବେହେରା ସଂଯୋଜନାରେ ପୁରାତନ ଛାତ୍ର ବାପୁଜୀ ଚରଣ ଜେନା ପ୍ରାରମ୍ଭିକ ସୂଚନା ଓ ଶିଶୁ ସୁରକ୍ଷା ଅଧିକାର କର୍ମୀ ମଂଟୁ ଦାସ ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାନବାଗସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ ମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସ୍କୃତ ପ୍ରଶିକ୍ଷଣ ବର୍ଗ ଶିବିର ଉଦ୍‌ଘାଟିତ

ବଲାଙ୍ଗିର,୦୮/୦୬ (ନି.ପ୍ର): ବଲାଙ୍ଗିର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଗତକାଲି ସଂସ୍କୃତ ଭାରତୀ ଉତ୍କଳ ପକ୍ଷରୁ ସଂସ୍କୃତ ପ୍ରଶିକ୍ଷଣ ବର୍ଗ ଓ ଭାଷା ବୋଧନ ବର୍ଗର ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇ ୧୦ ଦିନିଆ ବର୍ଗ ଆରମ୍ଭ ହୋଇଛି । ଏଥିରେ ବଲାଙ୍ଗିର ପୌର ପରିଷଦର ଅଧ୍ୟକ୍ଷ୍ୟା ଲିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଧୁନିକ ସମାଜରେ ସଂସ୍କୃତର ଆବଶ୍ୟକତା ବିଷୟରେ କହିଥିଲେ । ସାରସ୍ୱତ ଅତିଥି ଭାବରେ ପ୍ରସିଦ୍ଧ ସଂସ୍କୃତ ପଣ୍ଡିତ ତିକେଶ୍ୱର୍ ଗୁରୁ ସଂସ୍କୃତରେ ନିହିତ ଜ୍ଞାନ ଭଣ୍ଡାରର ସୁରକ୍ଷା ନିମନ୍ତେ ଅବଧାରଣା ଦେଇଥିଲେ । ସଂସ୍କୃତ ଭାରତୀ ଉତ୍କଳର ଅଧ୍ୟକ୍ଷ ଆଶୁତୋଷ ଷଡ଼ଙ୍ଗୀ ସଂସ୍କୃତ ଭାଷାର ପୁନର୍ଜୀବନ ଭାରତୀୟ ସଂସ୍କୃତିର ପୁନରଉଦ୍ଧାର ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସଂସ୍କୃତ ଭାଷା ଦ୍ୱାରା ଭାରତର ପୁନଃ ନିର୍ମାଣ ହୋଇପାରିବ ବୋଲି କହିଥିଲେ । ପ୍ରାନ୍ତ ସଂପାଦକ ତଥା ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଅଜିତ ପଣ୍ଡା ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂସ୍କୃତ ଭାରତୀ ବଲାଙ୍ଗିର ଜିଲ୍ଲା ସଂଯୋଜକ ଆଦର୍ଶ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ଦେଇଥିଲେ । ତାନୋଜ ମହାପାତ୍ର ବୈଦିକ ମଙ୍ଗଳା ଚରଣ କରିଥିଲେ । ଗିତଗେୟ ଝଙ୍କାର ପୁସ୍ତକର ଲୋକାର୍ପଣ କରିଥିଲେ ମଂଚାସୀନ ଅତିଥି ମାନେ । ପ୍ରାନ୍ତ ସାପ୍ତାହିକ ମେଲନ ପ୍ରମୁଖ ରମାକାନ୍ତ ସା ପୁସ୍ତକ ପରିଚୟ ପ୍ରଦାନ କରିଥିଲେ । ଧନ୍ୟବାଦ୍ ଅର୍ପଣ କରିଥିଲେ ଅରୁଣ ନାୟକ । ସଭାକୁ ସଂଚାଳନ କରିଥିଲେ ସୁନିଲ ପାଣିଗ୍ରାହୀ । ପ୍ରାନ୍ତ ସମ୍ପର୍କ ପ୍ରମୁଖ ଦୟାନନ୍ଦ ସ୍ୱାଇଁ , ପ୍ରଚାର ପ୍ରସାର ପ୍ରମୁଖ ଅକ୍ଷୟ ଦତ, ଗଦାଧର ପ୍ରଧାନ, ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମଗ୍ର ଓଡ଼ିଶାରୁ ଶତାଧିକ ବିଶିଷ୍ଟ ବ୍ୟକ୍ତି ଏହି ଶିବିରରେ ଯୋଗଦେଇଛନ୍ତି ।

## ନେତ୍ରୀ ମେଧା ପାଟେକରଙ୍କୁ ଘୋର ବିରୋଧ କଲେ ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପ ସମର୍ଥକ

ପାରାଦୀପ,୦୮/୦୬ (ନି.ପ୍ର): ଗତକାଲି ଜେଏସଡବ୍ଲୁ ଉତ୍କଳର ପ୍ରସ୍ତାବିତ ଢ଼ିଙ୍କିଆ ଗ୍ରାମକୁ ନର୍ମଦା ବଂଚାଅ ଆନ୍ଦୋଳନର ମୁଖ୍ୟ ନେତ୍ରୀ ପରିବେଶବିତ ମେଧା ପାଟେକର ଯାଇଥିବା ବେଳେ କମ୍ପାନୀ ସମର୍ଥିତ କିଛି ଗ୍ରାମବାସୀ ମାନଙ୍କ ଦ୍ୱାରା ଘୋର ବିରୋଧର ସମ୍ମୁଖୀନ ହୋଇଛନ୍ତି । ୬ ତାରିଖ ସୋମବାର ଦିନ ମେଧା ପାଟେକର ତାଙ୍କର ସହଯୋଗୀ ମାନଙ୍କ ସହିତ କୁଜଙ୍ଗ ଜେଲରେ ବନ୍ଦୀ ଥିବା ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ ଏବଂ ପରେ ଦେବେନ୍ଦ୍ର ସ୍ୱାଇଁଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇବାକୁ ଗ୍ରାମ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ, କିନ୍ତୁ ଗ୍ରାମବାସୀ ଶ୍ରୀମତୀ ମେଧା ପାଟେକର ଛାଡି ନ ଥିଲେ । ଏପରିକି ତାଙ୍କୁ ଏବଂ ଉପସ୍ଥିତ ଇଲୋକ୍ଟ୍ରୋନିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଠେଲା ପେଲା କରିଥିଲେ ଏବଂ ତାଙ୍କ ବୁମ୍ ଓ କ୍ୟାମେରା ଛଡାଇ ନେବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି । ଗ୍ରାମବାସୀ ମାନେ କହିଛନ୍ତି ଯେ, ସେମାନେ ସ୍ୱଇଚ୍ଛାରେ ଜିନ୍ଦଲ କମ୍ପାନୀକୁ ଜମି ଦେଇଛନ୍ତି ଏବଂ କମ୍ପାନୀ ଉଚିତ କ୍ଷତିପୂରଣ ପ୍ରଦାନ କରିଛନ୍ତି । ଗ୍ରାମର ପ୍ରତ୍ୟେକ ପରିବାରର ଜଣଙ୍କୁ ପ୍ରସ୍ତାବିତ ପ୍ରକଳ୍ପରେ ନିଯୁକ୍ତି ଦେବାକୁ କମ୍ପାନୀ ପ୍ରତିଶୃତି ଦେଇଛି । ତେଣୁ ଆମ ସମସ୍ୟା ଆମେ ସମାଧାନ କରିବୁ କୌଣସି ବାହାର ନେତା ନେତ୍ରୀଙ୍କର ସହଯୋଗର ଆବଶ୍ୟକତା ନାହିଁ । ଆମ ଗ୍ରାମରେ ଭାଇଚାର ବଜାୟ ରହିଛି । ପ୍ରାୟ ଏକ ଘଣ୍ଟା ମେଧା ପାଟେକର ଗାଁ ମୁଣ୍ଡରେ ଅପେକ୍ଷା କରି ଫେରି ଆସିଥିଲେ । ଏଠାରେ ସୂଚନାଯୋଗ୍ୟ, ଜିନ୍ଦଲ ପ୍ରକଳ୍ପକୁ ବିରୋଧ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ଦଳ ଓ ସାମାଜିକ କର୍ମୀ ଢ଼ିଙ୍କିଆ ଆସି ପ୍ରକଳ୍ପ ବିରୋଧରେ ମତ ଦିଅନ୍ତି । ଯାହାକୁ ନେଇ ଗ୍ରାମବାସୀ ଏବଂ ପ୍ରକଳ୍ପ ବିରୋଧୀ ମାନଙ୍କ ମଧ୍ୟରେ ଗତ ଜାନୁଆରୀ ୧୪ ତାରିଖରେ ଏକ ସଂଘର୍ଷ ଘଟିଥିଲା । ତେଣୁ ଢ଼ିଙ୍କିଆ ଗ୍ରାମବାସୀ ବାହାର ଲୋକଙ୍କୁ ଗାଁ ଭିତରକୁ ଯିବାକୁ ଦେଉ ନାହାନ୍ତି । ଏହା ଉପରେ ନେତ୍ରୀ ମେଧା ତାଙ୍କୁ ଘେରାଉ କରିଥିବା ଲୋକଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ମାନଙ୍କର ସମସ୍ତ ପ୍ରକାରର ବିକାଶ ଓ ପରିବେଶ ସୁରକ୍ଷା ବ୍ୟବସ୍ଥା ଉପରେ କିଛି ଲିଖିତ ଭାବେ ଦସ୍ତାବିଜ ଦିଆଯାଇଛି କି, ୨୦୦୬ ଜଙ୍ଗଲ ଜମି ଅଧିଗ୍ରହଣ କାର୍ଯ୍ୟର ଜମି ପଟ୍ଟା ମିନା ଗୁପ୍ତା କମିଟି ଆଧାରରେ ପ୍ରଦାନ କରାଯାଇଛି କି ? ଏ ବାବଦରେ ଲୋକମାନେ ନା କରିବା ସହ ପରବର୍ତୀ ପର୍ଯ୍ୟାୟରେ ସେମାନେ ମରିବେ ପଛେ ଜିନ୍ଦଲ କମ୍ପାନୀକୁ ପ୍ରତିଷ୍ଠା କରିବେ ବୋଲି କହିଥିଲେ । ଏହା ପରେ ନେତ୍ରୀ ମେଧା ସେଠାରୁ ଫେରି ଆସିଥିଲେ ଓ ସାମ୍ବାଦିକ ମାନଙ୍କୁ କହିଲେ ଯେ, ଏଠାରେ ସରକାର ଗଣତନ୍ତ୍ରର ଧ୍ୱଜା ଉଡାଉଛନ୍ତି ଓ ସାଧାରଣ ଲୋକଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଲାଙ୍ଗିର,୦୮/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ତରଫରୁ ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ଗ୍ରୀଷ୍ମକାଳିନ କରାଟେ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । କରାଟେ ତଥା ଟାଇକୋଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ କରାଟେ, ଟାଇକୋଣ୍ଡୋ, ଲାଠି, ନାମଚାକୁ, ଯୋଗ ଓ ଆତ୍ମ ରକ୍ଷାର କୌଶଳ ପ୍ରଶିକ୍ଷଣ ଦିଆଯାଉଥିବା ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ଅସୀମଙ୍କ ଛାତ୍ରୀ ନେସନାଲ ଗୋଲଡ ମେଡାଲିଷ୍ଟ ଅଙ୍କିତା ଦାସ ସ୍ୱତନ୍ତ୍ର ଝିଅ ମାନଙ୍କୁ ଟ୍ରେନିଂ ଦେଉଥିବା ବେଳେ ସୁଶାନ୍ତ ମୁଗ୍ରୀ, କରନ ନନ୍ଦ ଓ ନରେନ୍ଦ୍ର ବରାଡ ଏହି ଶିବିରକୁ ସହଯୋଗ କରୁଛନ୍ତି ।

ଏହି ଉଦଘାଟନୀ ଅବସରରେ ପିପି ଏକାଡେମି ହାଇସ୍କୁଲରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଦେଓଗାଁ ବ୍ଲକ ବିଡିଓ ରାମଦତ ଭୋଇ, ସମ୍ମାନିତ ଅତିଥି ଡ. ସୁଚିସ୍ମିତା ମହାନ୍ତି, ଡ. ସୁମିତ୍ରା ଦାଶ ଓ ଏଡିସିନାଲ ସିଟିଓ ନମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସମାଜ ପାଇଁ କେତେ ଯେ ଉପଯୋଗୀ ସେ ଉପରେ ମତ ପ୍ରଦାନ କରିଥିଲେ । ଏହି ଅବସରରେ ଏହି କରାଟେ ସଂଗଠନର ନିଜସ୍ୱ ଭିତିଭୂମି ହେଲେ କରାଟେ ଓ ଟାଇକୋଣ୍ଡୋରେ ରୁଚି ରଖୁଥିବା ଛାତ୍ରୀ ଛାତ୍ରମାନଙ୍କର ସ୍ୱପ୍ନ ସାକାର ହୋଇପାରିବ ବୋଲି କରାଟେ ଅର୍ଗାନାଇଜେସନର ସମ୍ପାଦକ ଅସୀମ ଭୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଏହି ସଭାଟିକୁ ମନପ୍ରିତ କୌର ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମିକ୍ଷା ସଡଙ୍ଗି, ସୋନାକ୍ଷୀ ଭୋଇ ଓ ତ୍ରୀଲୋକେଶ ଶତପଥୀ ନୃତ୍ୟ ପରିବେଷଣ କରିଥିଲେ ।

## ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିରର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୦୮/୦୬ (ନି.ପ୍ର): ଓଡିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିରର ନବ ନିର୍ବାଚିତ କର୍ମକର୍ତ୍ତାଙ୍କର ପ୍ରଥମ ବୈଠକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ନୃସିଂହ ମନ୍ଦିର ଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭା ର ପ୍ରାରମ୍ଭରେ ନବ ନିର୍ବାଚିତ ସଭାପତି ଗୋବିନ୍ଦ ମମିଶ୍ର, ସାଧାରଣ ସଂପାଦକ ମଲିଆ ଗଡୁଆଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ତା ପରେ ସଂପାଦକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପୂର୍ଣ୍ଣଚନ୍ଦ୍ର ମେହେର, ଜୀବନ କରନ, ବିନୋଦ ବିହାରୀ ସିଂହ, ଭଗବାନ ନାୟକ, ନରସିଂହ ରାଓ, ହରେକୃଷ୍ଣ ମେହେର ଓ ବିରଂଚି ହୋତା ମହୋଦୟ ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ । ଉପରୋକ୍ତ ନୂତନ ସଭ୍ୟବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା । ସମସ୍ତ ସଭ୍ୟଙ୍କୁ ୧୨ଟି ଦଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଦଳ ପାଇଁ ଜଣେ ଲେଖାଏଁ ଦଳପତିଙ୍କୁ ନିଯୁକ୍ତି କରା କାର୍ଯ୍ୟକାରୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଂଘର ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ ସଂଘର କାର୍ଯ୍ୟାଳୟ ଗୃହ ସକାଶେ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ସାକ୍ଷାତ କରିବା ପ୍ରସ୍ତାବ ଆଗତ କରିଥିଲେ । ସଭାପତି, ସାଧାରଣ ସଂପାଦକଙ୍କ ସମେତ ଅନ୍ୟ ୩ ଜଣ ସଭ୍ୟ ଆସନ୍ତା ସପ୍ତାହରେ ସାକ୍ଷାତ କରିବା ସକାଶେ ସ୍ଥିର କରାଗଲା । ଆଜିର ବୈଠକ ରେ ଗୋବିନ୍ଦ ମିଶ୍ର ସଭାପତି, ମଲିଆ ଗଡୁଆ ସାଧାରଣ ସଂପାଦକ, ସତ୍ୟବନ୍ତ ବେଦବାକ ଉପଦେଷ୍ଟା, ପୁରୁଷୋତ୍ତମ ପଣ୍ଡା, ଯୁଗ୍ମ ସଂପାଦକ, କାର୍ଯ୍ୟକାରିଣୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ହରେକୃଷ୍ଣ ପଟେଲ, ପୂର୍ଣ୍ଣ ଚନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ମହାକୁର ଏବଂ ଜିବନ କୁମାର ତ୍ରିପାଠୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିରଂଚି ହୋତା ନୂତନ ସଭ୍ୟ ଏହି ସଭାରେ ଉପସ୍ଥିତ ରହି ନିଜସ୍ୱମତ ଉପସ୍ଥାପନ କରିଥିଲେ । ପରିଶେଷରେ ହରେକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଜାଗା ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛି ଭୁବନ ତହସିଲ

ଭୁବନ,୦୮/୦୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାରେ ସରକାରୀ ଜାଗା ବେଆଇନ ଭାବେ ଜବରଦଖଲ ହେଉଥିବାବେଳେ ତହସିଲ ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ । ତହସିଲ ଅଫିସ ଠାରୁ ମାତ୍ର ୫୦ ମିଟର ଦୂର ମୁଖ୍ୟରାସ୍ତାରେ ଜବରଦଖଲ ହେଉଥିବା , ଫଟୋକପି ପ୍ରଦାନ ସତ୍ତ୍ୱେ ତହସିଲଦାର ସବୁ ଜାଣି ଚୁପ ରହୁଥିବା ଯୋଗୁ ପରୋକ୍ଷରେ ଜବରଦଖଲକାରୀଙ୍କୁ ସୁରକ୍ଷା ଓ ସମର୍ଥନ ଦେଉଛିବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି । ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଟୋଲଙ୍କ ବେରେଣୀ ଓ ଗଡଗଁପୁର ମୌଜାର ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ କରିବା ପାଇଁ ଲୋକପାଳ ଆଦେଶ ଦେବାପରେ ମଧ୍ୟ ତହସିଲ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଛି । ଏହାକୁନେଇ ଆବେଦନକାରୀ ଓ ସ୍ଥାନୀୟ ଅଂଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ , ଭୁବନର ଯୁବ ସାମ୍ବାଦିକ ମନୋଜ କୁମାର ପୋଥାଳ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଗତ ୧୪.୧୨.୨୦୨୦ ରିଖରେ ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପ୍ରେରଣ କରିଥିଲେ । କାଠି ସାହୁ ଙ୍କ ଘର ଠାରୁ ଭୋଳେଶ୍ୱର ସାହୁଙ୍କ ଘର ପର୍ଯ୍ୟନ୍ତ ସର୍ବସାଧାରଣ ରାସ୍ତାବେ ଆଇନ ଜବରଦଖଲ କାରଣରୁ ଦିନକୁ ଦିନ ସଙ୍କୁଚିତ ହୋଇଯାଉଛି । କେତେକ ବ୍ୟକ୍ତି ସର୍ବସାଧାରଣ ରାସ୍ତାଉପରେ ପାଇଖାନା ଗୃହ ନିର୍ମାଣ କରିବା ସହିତ ପାଇଖାନା ଟାଙ୍କି ଓ ଗୁହାଳ ନିର୍ମାଣ କରିଛନ୍ତି । ସେମାନେ ସର୍ବଦା ରାସ୍ତା ଉପରକୁ ମଇଳା ପାଣି ଛାଡୁଥିବାରୁ ରାସ୍ତାରେ ଅନବରତ ମଇଳା ପାଣିର ସୁଅ ଚାଲିଛି । ଖରା ଓ ଶୀତ ଦିନେ ଏହି ରାସ୍ତାରେ ପାଣି କାଦୁଅ ଭର୍ତି ହେଉଛି । ଏଥିପାଇଁ ଯାତାୟତରେ ସମସ୍ୟା ଉପୁଜୁଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ । ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା ଚିଠି ନଂ-୩୬୭୪ ତା୧୮.୧୨.୨୦୨୦ ରେଭୁବନ ଓ ବାଲିବୋରାଜସ୍ୱ ନୀରିକ୍ଷକଙ୍କୁ ତଦନ୍ତକରିରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ନିରୀକ୍ଷକ ମଧ୍ୟ ଜବରଦଖଲକାରଙ୍କ ନାମଏବଂ କେଉଁ ପ୍ରକାର ଜବରଦଖଲ କରିଛନ୍ତି ସେ ସଂପର୍କରେ ରିପୋର୍ଟ ଦେଇଥିଲେ ।

## ଖଡ଼ିଆଳ ବ୍ଲକ ଚାଷୀମାନଙ୍କ ନେଇ ବୈଠକ

ନୂଆପଡ଼ା,୦୮/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚଳାନପଡା ଗ୍ରାମ ସ୍ଥିତ ବିଶିଷ୍ଟ ଚାଷୀ ତଥା ଅବସର ପ୍ରାପ୍ତ କୃଷି ଅବସର କେତନ ସିଂ ବାରିକ ଙ୍କ ବାସ ଭବନ ରେ ଖଡ଼ିଆଳ ବ୍ଲକ ର ଚାଷୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୃଷ୍ଣନା ଏଗ୍ରୋ ବିଜିନେସ ଡଭଲପମେଂଟ ପ୍ରାଇଭେଟ ଲିମିଟେଡ଼ ମଲ୍ଟିପ୍ଲାୟର ବ୍ୟବହାର କରି ମାଁ ଟି ମାଁ ର ଉର୍ବର ଶକ୍ତି ବଢ଼ାଇ ଅଧିକ ଉତ୍ପାଦନ କ୍ଷମତା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ବିଶିଷ୍ଟ ଚାଷୀ ଛତିଶଗଡ଼ ରାଜ୍ୟ ମାହାସମୁନ୍ଦ ର ନରେନ୍ଦ୍ର କୁମାର ବୈଷ୍ଣବ (ଏଡିଏମ), ଅନୀଲ କୁମାର ଏବଂ ଡ. ପ୍ରାଣବନ୍ଧୁ ସାହୁ ଆସି ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ବୈଠକରେ ବରିଷ୍ଠ ଚାଷୀ ଦୟାନିଧି ବାରିକ, ଅବସର ପ୍ରାପ୍ତ କୃଷି ଅଧିକାରୀ ତଥା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ବଳଦେବ ରାଉତ, ସତ୍ୟପ୍ରିୟ ମୁଣ୍ଡ, ଶୁଶୀଳ କୁମାର ଚଳାନ, ରାଜ କିଶୋର ଚଳାନ, ମହେନ୍ଦ୍ର କୁମାର ଚଳାନ, ସୁକୁରାମ ବାରିକ, ସୁରେନ୍ଦ୍ର କୁମାର ବାରିକ, ଧନ ସିଂହ ବାରିକ, ପ୍ରତାପ ସିଂ ପଣ୍ଡା, ହରକେଶବ ବାରିକ, ନରେଶ କୁମାର ବାରିକ, ଦିଲ୍ଲୀପ କୁମାର ନାଏକ, ଗିରିଧାରୀ ବାରିକ, ବରଗାଁ ସରପଂଚ ଗୋବିନ୍ଦ ବିହାରୀ ବାରିକ, ପରମେଶ୍ୱର ବାରିକ, ଚୈତନ୍ୟ ଚଳାନ, ପ୍ରଶାନ୍ତ ବାରିକ, ଅମର ସିଂହ ବାରିକ, ଅନନ୍ତ ବାରିକ, ଭୈରବ ବାରିକ, ପଂଚୁରାମ ବାରିକ, ରୁନୁ ବାରିକ, କେନ୍ଦୁପାଟି ସରପଂଚ ଚନ୍ଦ୍ର କୁମାର ଷଣ୍ଢ, ମୃତ୍ୟୁଞ୍ଜୟ ସିଂହ ବାରିକ, ଜ୍ୟୋତିର୍ମୟ ସିଂହ ବାରିକ, ରଣଜିତ ସିଂହ ମହାରଥା, ଦ୍ରୋଣ ଦଣ୍ଡସେନା, ଘୁମେଷ ଚଳାନ ସମେତ ଶତାଧିକ ଚାଷୀ ସାମିଲ ଥିଲେ ।

## ଜୁନ୍ ୧୯ରୁ ଟୁରିଷ୍ଟ ବସ୍ ଷ୍ଟିୟରିଂଛାଡ଼ ଆନ୍ଦୋଳନ

ପୁରୀ,୦୮/୦୬ (ନି.ପ୍ର): ଶ୍ରୀନିଳଗିରି ମୋଟର କର୍ମଚାରୀ ସଂଘ ପକ୍ଷରୁ ଜୁନ ୧୯ ତାରିଖରୁ ଟୁରିଷ୍ଟ ବସ୍ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ଅଜୟ କୁମାର ମିଶ୍ର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ମୋଟର କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ଇପିଏଫ,ଇଏସ୍ଆଇ, ଓଭର ଟାଇମ୍ ଓ ପରିଚୟପତ୍ର ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଡ଼ାକରା ଦେଇଛନ୍ତି । ବସ୍ ଆନ୍ଦୋଳନ ଯୋଗୁଁ ଯାତ୍ରୀମାନଙ୍କର ଯେଉଁ ଅସୁବିଧା ହେବ ସେଥିପାଇଁ ବସ୍ ମାଲିକମାନେ ଦାୟୀ ରହିବେ ବୋଲି ଚେତାବନି ଦେଇଛନ୍ତି । ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହ ନିଳଗିରି ମୋଟର କର୍ମଚାରୀ ସଂଘ ସହ ସହବନ୍ଧିକ ହୋଇଛି । ବହୁଦିନ ଧରି ବସ ମାଲିକମାନେ କର୍ମଚାରୀଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏ ସଂମ୍ପର୍କରେ ଅନୁଷ୍ଠିତ ବୈଠକରେ ସଂଘର ସହ ସମ୍ପାଦକ ବୃନ୍ଦାବନ ଦାଶ, କୋଷାଧ୍ୟକ୍ଷ ଆର୍ତତ୍ରାଣ ଦାଶ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ଘନଶ୍ୟାମ ପ୍ରଧାନ, ମହାଦେବ ପ୍ରଧାନ, ପ୍ରକାଶ ମହାନ୍ତି, ମୁରଲୀ ମନୋହର ମିଶ୍ର, ଯଦୁମଣୀ ସାହୁ, ଭୀମସେନ ଦାସ, ସୁରେଶ ପ୍ରତିହାରୀ,ତୈଲକ୍ୟ ତ୍ରିପାଠୀ, ପବିତ୍ର ମୋହନ ସେଠୀ, ଭିକାରୀ ସାହୁ, ସତ୍ୟନାରାୟଣ ମହାନ୍ତି, ପ୍ରଭାତ ମିଶ୍ର, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦାବି ଜଣାଇଛନ୍ତି । ବସ ମାଲିକ ସଂଘ, ଜିଲ୍ଲାପାଳ, ଏସପି, ଶ୍ରମ କମିଶନର ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସଂଘ ପକ୍ଷରୁ ଅଗ୍ରୀମ ନୋଟିସ ପ୍ରଦାନ କରାଯାଇଛି ବୋଲି ସଂଘର ସମ୍ପାଦକ ସୂଚନା ଦେଇଛନ୍ତି ।

## ଅନ୍ନପୂର୍ଣ୍ଣାରେ ଅନୁଷ୍ଠିତ ହେବ ବିଶ୍ୱନୃତ୍ୟ ମହାକୁମ୍ଭ

ପୁରୀ,୦୮/୦୬ (ନି.ପ୍ର): ପୁରୀ ହେଉଛି ବିଶ୍ୱ ଆଧ୍ୟାତ୍ମିକ କ୍ଷେତ୍ର । ଉତ୍କଳୀୟ କଳା ସଂସ୍କୃତି ପରମ୍ପରାର ସହର ଶ୍ରୀକ୍ଷେତ୍ର । ଦେଶବିଦେଶର ନୃତ୍ୟଶିଳ୍ପୀଙ୍କୁ ଗୋଟିଏ ମଂଚରେ ଏକାଠି କରିବା ପାଇଁ ପ୍ରୟାସ କରିଛି କଲଚରାଲ ଡ଼େଭଲପମେଂଟ ଫାଉଣ୍ଡେସନ । ଚଳତିମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଅନ୍ନପୂର୍ଣ୍ଣା ଥିଏଟରରେ ବିଶ୍ୱନୃତ୍ୟ ମହାକୁମ୍ଭ ଅନୁଷ୍ଠିତ ହେବ । ସାଂସ୍କୃତିକ ଫେଷ୍ଟିଭାଲ ଭାବେ ଅପସରା ୨୦୨୨ ଅନୁଷ୍ଠିତ ହେବା ସଂପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଦେଶବିଦେଶରୁ ଶତାଧିକ ନୃତ୍ୟଶିଳ୍ପୀ ଯୋଗଦେବେ । ଆମେରିକାରୁ ଡ଼ଃ ଅର୍ପିତା ଚାଟାର୍ଜୀ, ଶର୍ମିଷ୍ଠା ଭଟ୍ଟଚାର୍ଯ୍ୟ, ଦିଲ୍ଲୀରୁ ଡ଼ଃ ସୁମିତା ଦତରାୟ, ତିରୁପତିରୁ ଡ଼ଃ ପି.ସାର୍ଥଚନ୍ଦ୍ର, ତ୍ରିପୁରାରୁ ଡ଼ଃ ରିମା ବାନାର୍ଜୀ, ମହାରାଷ୍ଟରୁ ଡ଼ଃ ଭାରତ ଜେଠୱାନି, ଆସାମରୁ ସ୍ମିତା ଲାହାକର, କଲିକତାରୁ ଡ଼ଃ କୌଶିକ ଚକ୍ରବର୍ତୀ, ଭୁବନେଶ୍ୱରରୁ ଗୁରୁ ପଦ୍ମଚରଣ ଦେହୁରୀ ଓ ଅନ୍ୟମାନେ ନୃତ୍ୟ ପ୍ରଦର୍ଶନ କରିବେ । ଏ ସଂପର୍କରେ ଆଜି ଭକ୍ତ ସାଲବେଗ ସଭାଗୃହ ଠାରେ ଅନୁଷ୍ଠାନର ସଂଗଠନ ସମ୍ପାଦିକା ନନ୍ଦିତା ପ୍ରିୟଦର୍ଶନୀ ମହାନ୍ତି, ସମ୍ପାଦକ ରାମକୃଷ୍ଣ ମହାପାତ୍ର,ଓ ଅନୁଷ୍ଠାନର ଚେୟାରମ୍ୟାନ ଉପେନ୍ଦ୍ର ଶର୍ମା, ଉପସଭାପତି ଶରତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଫଳତା କାମନା କରିଛନ୍ତି ।

## ଜୟପାଟଣା ବ୍ଲକର ୪୭୮ଜଣ ଚାଷୀ ଧାନ ଫସଲ କ୍ଷତିର କ୍ଷତିପୂରଣ ପାଇ ନାହାଁନ୍ତି

ମୁଖୀଗୁଡା,୦୮/୦୬ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ସହ ସହାୟତା କାର୍ଯ୍ୟକାରୀ କରୁଛନ୍ତି ।ପ୍ରକୁଟିକ ବିପର୍ଯ୍ୟୟ ତଥା ରୋଗପୋକ ଜନିତ ଫସଲ କ୍ଷୟକ୍ଷତି ହେଲେ ଚାଷୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି ।କିନ୍ତୁ ଦାଇତ୍ୱ ରେ ଥିବା ଅଧିକାରୀ ମାନଙ୍କ ଅବହେଳା ଏବଂ ଦାଇତ୍ୱହୀନତା ଯୋଗୁଁ ଯୋଜନା ବାଟବଣା ହେଉଛି ।ଉଚିତ ସମୟରେ ଚାଷୀ ମଧ୍ୟ ସହାୟତା ରାଶି ପାଇବାରୁ ବଂଚିତ ହେଉଛି ।ଯାହା ଫଳରେ ଯୋଜନା ର ସଫଳ ରୂପାୟନ ହୋଇପାରୁ ନାହିଁ ।ଏଭଳି ଘଟଣା ଦେଖିବାକୁ ମିଳିଛି ଜୟପାଟଣା ବ୍ଲକରେ । ବ୍ଲକ ର ୪୭୮ଜଣ ଚାଷୀ ଫସଲକ୍ଷତିର କ୍ଷତିପୁରଣ ଦୀର୍ଘ ସମୟ ହେଲା ପାଇ ନାହାଁନ୍ତି । ଜୟପାଟଣା ତହସିଲ କାର୍ଯ୍ୟାଳୟ ରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮ ରେ ଜୟପାଟଣା ବ୍ଲକର ୧୭୬୧ଜଣ ଚାଷୀଙ୍କ ଖରିଫ ଧାନ ଫସଲ ପୋକ ଆକ୍ରମଣ ଯୋଗୁଁ ନଷ୍ଟ ହୋଇଥିଲା । ସେଥି ମଧ୍ୟରୁ ୧୨୮୩ଜଣ ଷ୍ଟେଟ ବ୍ୟାଙ୍କ ଆକାଉଂଟ ଥିବା ଚାଷୀ କ୍ଷତିପୂରଣ ପୂରଣ ପାଇଥିବା ବେଳେ ୨୧ ଜଣ ଚାଷୀ ଙ୍କ ବ୍ୟାଙ୍କ ଆକାଉଂଟ ବନ୍ଦ ହୋଇଯାଇଥିବାରୁ ଏବଂ ୮୬ ଜଣ ଚାଷୀଙ୍କର ବ୍ୟାଙ୍କ ଆକାଉଂଟ ଭୁଲ ଥିବାରୁ କ୍ଷତିପୂରଣ ପାଇପାରି ନାହାନ୍ତି । ୩୭୧ଜଣ ଚାଷୀ ଙ୍କ ଅନ୍ୟ ବ୍ୟାଙ୍କ ରେ ଆକାଉଂଟ ଥିବାରୁ କ୍ଷତି ପୂରଣ ପାଇପାରି ନଥିବା ଜଣାଯାଇଛି ।୨୯୫ଜଣ ଚାଷୀ ଙ୍କ ବିସିସିବି ଆକାଉଂଟ ,୫୪ଜଣ ଚାଷୀ ଙ୍କ ଆଇଓବି ଆକାଉଂଟ ,୨୦ଜଣ ଚାଷୀ ଙ୍କ ୟୁଯିବି ଆକାଉଂଟ ଏବଂ ୨ଜଣଙ୍କର ବିଓଆଇ ଆକାଉଂଟ ଥିବାଚାଷୀ କ୍ଷତିପୂରଣ ପାଇପାରି ନଥିବା ଜଣାଯାଇଛି । ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆକାଉଂଟ ବ୍ୟତୀତ ଅନ୍ୟ ବ୍ୟାଙ୍କ ରେ ଆକାଉଂଟ ଥିବା ଚାଷୀ ଚାଷୀ ଙ୍କ କ୍ଷତିପୂରଣ ପାଇବା ପାଇଁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ବ୍ୟାଙ୍କ ଆକାଉଂଟ ବନ୍ଦ କିମ୍ବା ଅନ୍ୟ ତ୍ରୁଟି ରହିଥିଲା ତେବେ ଏତେ ଦିନ ପରେ ମଧ୍ୟ କଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଜିଲ୍ଲା ପ୍ରଶାସନ ଅନ୍ୟ ବ୍ୟାଙ୍କରେ ଆକାଉଂଟ ଥିବା ଚାଷୀଙ୍କ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଉଛି ।

## ନିମ୍ନମାନର ରାସ୍ତାକାମ : ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୦୮/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଂଚଳ ର ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମରେ କରାଯାଉ ଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନ ର ହେଉଥିବା ଅଭିଯୋଗ କରି ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଷଣ୍ଢପଲ୍ଲୀ ଗ୍ରାମର ବୁଢୀମଙ୍ଗଳା ସାହି ଠାରୁ ବାରିକ ସାହି ପର୍ଯ୍ୟନ୍ତ ରାସ୍ତାକାମ କରାଉଥିବା ଠିକାଦାର ନିଜେ କାର୍ଯ୍ୟ ନକରାଇ ସ୍ଥାନୀୟ ଅଂଚଳର କେତେକ ଅସାମାଜିକ ଓ ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କାମ କରିବା ଦାୟିତ୍ୱ ଦେଇଥିବାରୁ ସେମାନେ ଉପଯୁକ୍ତ ମାନର କାମ ନକରି ଗ୍ରାମବାସୀଙ୍କୁ ଭୟଭୀତ କରାଇ ଇଚ୍ଛା ମୁତାବକ ନିମ୍ନମାନ ର କାମ କରାଉଛନ୍ତି । ଏନେଇ ଗ୍ରାମବାସୀ ମାନେ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହା ସହ ଗାର୍ଡ ୱାଲ ୧୦ ଇଂଚ ରହିବା ଜାଗାରେ ମନଇଚ୍ଛା ରଖିବା ସହ ନିମ୍ନ ମାନର ସିମେଣ୍ଟ, ଇଟା ଓ ଗୋଡି ଆଦି ବ୍ୟବହାର କରାଯାଉ ଥିବା ଗ୍ରାମର ବିଜୟ କୁମାର ସାହୁ, ରମଣୀ ରଞ୍ଜନ ପାତ୍ର, ଗୋବିନ୍ଦ ନାୟକ, ବୃନ୍ଦାବନ ମଲିକ ପ୍ରମୁଖ ଲିଖିତ ଅଭିଯୋଗ କରି ତଦନ୍ତ କରିବା ପାଇଁ ଦାବି କରିଛନ୍ତି ।

## ସଫଳ ମହିଳା ଚାଷୀ କାଞ୍ଚନବାଳା

# ଜିଆ ଖତକୁ କରିଛନ୍ତି ଜୀବିକା

କୃଷି କ୍ଷେତ୍ରରେ ତାଙ୍କର ବିଶେଷ ପାରଦର୍ଶିତା ରହିଛି । ଆଦିବାସୀ ଅଧ୍ୟୁଷିତ ଅପଜଳ ସେଚିତ ଅଞ୍ଚଳରେ ଜନ୍ମ ହୋଇ ବି ପୁରୁଷ ପ୍ରମୁଖ ସମାଜରେ ସେ ନିଜ ଦକ୍ଷତା ବି ପୁରୁଷ ପ୍ରମୁଖ ସମାଜରେ ସେ ନିଜ ଦକ୍ଷତା ଦେଖାଇଛନ୍ତି । ତା ପୁଣି ଚାଷରେ । ଜଣେ ସଫଳ ମହିଳା ଚାଷୀ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ଅନେକଙ୍କୁ ମାର୍ଗଦର୍ଶନ କରାଇଛନ୍ତି । ଜିଆ ଖତକୁ ଜୀବିକା ଭାବେ୧ ଗ୍ରହଣ ବାର୍ଷିକ ୨ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ଏହି ଆଦିବାସୀ ମହିଳା । ସେ ହେଲେ ନବରଙ୍ଗପୁର ବ୍ଲକ୍ ଅଗ୍ନିପୁର ପଞ୍ଚାୟତ ଶାସନ ଗାଁର ୫୮ବର୍ଷିୟା କାଞ୍ଚନମାଝୀ ।



କାଞ୍ଚନବାଳା ବହୁବର୍ଷ ତଳେ ଏକ ଏନଜିଓ ତରଫରୁ ବିଭିନ୍ନ ବିଷୟରେ ତାଲିମ ନେଇଥିଲେ । ତା ପରଠୁ ସେ ଚାଷରେ। ଜୈବିକ ସାର ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରିଥିବା ଜିଲ୍ଲାର ପ୍ରଥମ ମହିଳା ଭାବେ ଜଣାଶୁଣା । କାଞ୍ଚନବାଳା ବୁଝିପାରିଛନ୍ତି ରାସାୟନିକ ସାରର କୁପ୍ରଭାବ କେବଳ ଚାଷ ଜମି ଉପରେ ପଡୁନି, ବରଂ ସେଥିରୁ ଉତ୍ପାଦିତ ଫସଲ ମଣିଷ ପାଇଁ ବିଷ ପାଲଟି ଯାଉଛି । ଏହାକୁ ଖାଇ ଅଧିକାଂଶ ଲେଶକ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅଧିକ ଅମଳ ଆଶରେ ଚାଷୀମାନେ ପ୍ରଚୁର ରାସାୟନିକ ସାର ଜମିରେ ଅଜାଡ଼ି ବିନାଶକୁ ଡାକୁଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି କାଞ୍ଚନବାଳା । ନବରଙ୍ଗପୁର ଭଳି କୃଷି ପ୍ରଧାନ ଜିଲ୍ଲାରେ ରାସାୟନିକ ସାର ପ୍ରଭାବରେ ମୃତ୍ତିକାର ଉର୍ବରତା ନଷ୍ଟ ହେଉଥିବାରୁ ଏହାକୁ ରୋକିବା ଲାଗି ଉଦ୍ୟମ ଅବ୍ୟାହତ ରଖିଛନ୍ତି । ୨୦ବର୍ଷ ହେଲା ପ୍ରସ୍ତୁତ କରୁଛନ୍ତି ଜିଆ ଖତ । ଏହାକୁ ବିକଥି କରି ପରିବାରର ଆର୍ଥିକ ସ୍ଥିତି ସୁଧାରିବାରେ ମଙ୍ଗ ଧରିଛନ୍ତି । ନିଜର ୨ଏକର ଚାଷ ଜମିରେ ବର୍ଷାଦିନେ ଧାନଚାଷ, ଖରାଦିନେ ପନିପରିବା ଏବଂ ଫୁଲଚାଷ କରୁଛନ୍ତି । ତା ପୁଣି କେବଳ ଜୈବିକ ସାର ପ୍ରୟୋଗ କରି । ଅନ୍ୟମାନଙ୍କୁ ମଧ୍ୟ ଜୈବିକ ସାର ବ୍ୟବହାର କରିବାକୁ ସର୍ବଦା ପରାମର୍ଶ ଦେଇ ଆସୁଛନ୍ତି । ଏଥିପାଇଁ ୨୦୦୯ ସ୍ୱାଧୀନତା ଦିବସ ଅବସରରେ ତାଙ୍କୁ ଜିଲ୍ଲାର ଶ୍ରେଷ୍ଠ ମହିଳା ଚାଷୀ ଭାବେ ସମ୍ମାନିତ କରାଯାଇଥିଲା । ସରକାରୀ ପ୍ରୋତ୍ସାହନ ଅଭାବ ସତ୍ତ୍ୱେ ନିଜ ଉଦ୍ୟମରେ ବାର୍ଷିକ ୧୦ ଯନ ଜିଆ ବି ବିକ୍ରି କରୁଥିବା ବେଳେ ଜିଆ ଖତ କେଜି ବିକୁଛନ୍ତି ୫ଟଙ୍କାରେ । ଏଥିପାଇଁ ବିଶେଷ ପୁଞ୍ଜିର ଆବଶ୍ୟକତା ପଡୁନି ବୋଲି ସେ କହିଛନ୍ତି । କେବଳ ଜଙ୍ଗଲରୁ କରଞ୍ଜ ପତ୍ର, ନିମ୍ବପତ୍ର ଓ ବେଲ ଡାଳ ସଂଗ୍ରହ କରି ଭର୍ମି କମ୍ପୋଷ୍ଟ ପିଟରେ ଢ଼ାଳି ଦିଅନ୍ତି । ସବୁଦିନ କେବଳ ତଦାରଖ କରିଦେଲେ ଆପେ ଆପେ ଜିଆ ଓ ଜିଆଖତ ଉତ୍ପାଦନ ହୋଇପାରୁଛି ।ବୋଲି ସେ କହିଛନ୍ତି । ତାଙ୍କ ଦ୍ୱାରା ପ୍ରସ୍ତୁତ ଜିଆ ଓ ଜିଆଖତ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ସମ୍ବଲପୁର ଓ ଆନ୍ଧ୍ରପ୍ରଦେଶ ଯାଉଛି । ବାହାର ଜିଲ୍ଲା ଓ ରାଜ୍ୟର ବ୍ୟବସାୟୀମାନେ କୁଇଣ୍ଟାଲ ଜିଆ ଖତ କିଣି ନେଉଛନ୍ତି । ଜିଆ ଖତ ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି । କାଞ୍ଚନବାଳା । ଗତବର୍ଷ କାଞ୍ଚନବାଳା ୨ଲକ୍ଷ ଯଙ୍କାର ଜିଆଖତ ଏବଂ ୧୨ହଜାର ଟଙ୍କାର ମଧ୍ୟ ଜଣେ ଚାଷୀ । ସେ ବି କାଞ୍ଚନବାଳାଙ୍କୁ ବିଶେଷ ସହଯୋଗ କରନ୍ତି । ପ୍ରାଥମିକ ଶିକ୍ଷାରେ ସୀମିତ କାଞ୍ଚନବାଳାଙ୍କ ଶିକ୍ଷାଗତ ଯୋଗ୍ୟତା । କିନ୍ତୁ କର୍ତ୍ତବ୍ୟନିଷ୍ଠା ଓ ସହନଶୀଳତା ପାଇଁ ତାଙ୍କୁ ଏଠାରେ ନାରୀ ସଶକ୍ତିକରଣର ରୋଲ ମଡେଲ ଭାବେ ବିବେଚନା କରାଯାଉଛି । ପୂର୍ବରୁ ସେ ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗରେ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟକରୁଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତି ମୈଦାନକୁ ଓହ୍ଲାଇଥିଲେ । ୧୯୯୭ରେ ଜିଲ୍ଲାପରିଷଦ ନିର୍ବାଚନରେ ଭାଗନେଇ ପରାଜିତ ହୋଇଥିଲେ ହେଁ ୨୦୦୨ରେସମିତି ସଭ୍ୟାଭାବେ ନିର୍ବାଚିତ ହୋଇଥିଲେ । ୨୦୦୩ରେ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶ୍ରେଷ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ଭାବେ ତାଙ୍କ ପୁରସ୍କୃତ କରାଯାଇଥିଲା । ଉଚ୍ଚଶିକ୍ଷାର ଅଭାବ ତାଙ୍କ କାର୍ଯ୍ୟଦକ୍ଷତାରେ କେବେହେଲେ ପ୍ରତିବନ୍ଧକ ସାଜିପାରିନି । ବରଂ ଦୃଢ଼ ଇଚ୍ଛାଶକ୍ତି ହିଁ ମହିଳାମାନଙ୍କପାଇଁ ଆଦର୍ଶ ପାଲଟିଛନ୍ତି କାଞ୍ଚନବାଳା ।

# କୁକୁଡ଼ାଙ୍କ ଭୂତାଣୁ ଜନିତ ସଂକ୍ରାମକ ରୋଗ

**କୁକୁଡ଼ାଙ୍କ ଶରୀରରେ ଭୂତାଣୁ ଜନିତ ବିଭିନ୍ନ ମାରାତ୍ମକ ରୋଗ ଦେଖା ଦେଇଥାଏ । ଏହିପାଇଁ ସେମାନଙ୍କର ମୃତ୍ୟୁ ହୋଇଥାଏ । ପାଇଁ ଏହି ରୋଗ ଏବଂ ଏହାର ନିରାକରଣ ସମ୍ବନ୍ଧରେ ଆସନ୍ତୁ ଜାଣିବା ।**



### ରାଣୀକ୍ଷେତ ରୋଗ

ଭୂତାଣୁ ଦ୍ୱାରା ବ୍ୟାପୁଥିବା ମାରାତ୍ମକ କୁକୁଡ଼ାମଡ଼କ ରୋଗ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସବୁ ବୟସର ୧୦୦ ଶତକଡ଼ା କୁକୁଡ଼ା ମରିଯାନ୍ତି । ଶ୍ୱାସକ୍ରିୟାରେ କଷ୍ଟ, ପକ୍ଷାଘାତ, ଘୁମାଇବା, ଅଣ୍ଡା ଉତ୍ପାଦନ ଡଠାତ୍ କମିବା, ଅଣ୍ଡାର ଖୋଳପା ପତଳା ହେବା ଓ ଧଳା ବା ଶୁଗୁଆ ରଙ୍ଗର ପତଳା ଝାଡ଼ା ଭଳି ଲକ୍ଷଣ ଦେଖା ଦେଇଥାଏ ଆକ୍ରାନ୍ତ କୁକୁଡ଼ାଙ୍କ ଶରୀରରେ ।

### ନିରାକରଣ

ଏହି ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ଶରୀରରେ କୌଣସି ଔଷଧ କାର୍ଯ୍ୟକାରୀ ହୁଏ ନାହିଁ । ବରଂ ପ୍ରତିଷେଧକ ଟୀକା ଦ୍ୱାରା ଏହି ରୋଗକୁ ରୋକା ଯାଇପାରେ । ଏଥିପଶଇଁ ୫ରୁ ୭ଦିନର ଏବଂ ଦେଢ଼ମାସରେ ମାଂସପେଶୀରେ ଏବଂ ପ୍ରତି ୬ମାସରେ ଥରେ ଟୀକା ଦେବା ଦ୍ୱାରା ଏହି ରୋଗର ଭୟ ନଥାଏ ।



### ବାର୍ଡଫ୍ଲୁ

ଏହା ମାରାତ୍ମକ ସଂକ୍ରମକ ରୋଗ । କୁକୁଡ଼ା, ବତକ, ଟର୍କି, ଗିନି ଓ ପାଣିକୁଆଙ୍କ ଠାରେ ଏହା ଦେଖାଯାଏ । ଏହାର ଭୂତାଣୁ ମଣିଷ, ଘୁଷୁରୀ ଓ ଘୋଡ଼ାଙ୍କ ଶରୀରରେ ଇନଫ୍ଲୁଏନଜା ରୋଗ ସୃଷ୍ଟି କରି ମୃତ୍ୟୁମୁଖରେ ପକାଏ । ଏଚ୍-୫ ଏନ ୧ ଭୂତାଣୁ ଏହି ରୋଗର ଭୂତାଣୁ ଏହାର ଲକ୍ଷଣ ଅତ୍ୟଧିକ ଦୁର୍ବଳ ଦେଖାଯିବା, ହଠାତ୍ ଅଣ୍ଡାଦେବା ବନ୍ଦ କରିବା, ପତଳା ପାଣିଝାଡ଼ା ହେବା, ଚୂଳ ଆଖି ଫୁଲିଯିବା, ମୁହଁ ଓ ମୁଣ୍ଡ ଫୁଲିଯିବା ଆଦି ଦେଖାଯାଏ । ଏହି ରୋଗରେ ଆକ୍ରାନ୍ତ ୧୦୦ ପ୍ରତିଶତ କୁକୁଡ଼ା ୪୮ଘଣ୍ଟା ମଧ୍ୟରେ ମରିଯାନ୍ତି ।

### ନିରାକରଣ

ରୋଗର ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ସ୍ଥାନୀୟ ପ୍ରାଣୀଚିକିତ୍ସଙ୍କ ଦୃଷ୍ଟିକୁ ଆଣିବା ଜରୁରୀ । ଏହାର ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡରେ ମରିଯାନ୍ତି । ଏଣୁ ଯଦିଓ ମାଂସ ଓ ଅଣ୍ଡାକୁ ଏହି ଉତ୍ତାପରେ ସିଝା ଯାଇଥାଏ ମାଂସ ଓ ଅଣ୍ଡା ବିକ୍ରେତା ଆକ୍ରାନ୍ତ ହେବା ସହ ବାୟୁପ୍ରବାହ ଦ୍ୱାରା ସ୍ଥାନୀୟ ଲୋକ ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି । ଏଣୁ ସମସ୍ତ କୁକୁଡ଼ାକୁ ବିଧିବଦ୍ଧ ଭାବରେ ମରାଯାଏ ଏବଂ ଅଣ୍ଡା ନଷ୍ଟ କରାଯାଏ ।



### ମାରେକ୍ସ ରୋଗ

ଏହା ମଧ୍ୟ ଭୂତାଣୁ ଜନିତ ରୋଗ । ସବୁ ବୟସର କୁକୁଡ଼ା ଆକ୍ରାନ୍ତ ହୋଇ ପାରନ୍ତି । ଏହି ରୋଗ ଦ୍ୱାରା ଆକ୍ରାନ୍ତ କୁକୁଡ଼ାର ପାରାଲିସିସ୍ ହୋଇ ମୃତ୍ୟୁ ହୁଏ । ମରିବାବେଳେ ଦେଖାଯାଏ ଯେ, କୁକୁଡ଼ାର ଦୁଇଗୋଡ଼ ଦୁଇପଟକୁ ରହିଥାଏ ।

ନିରାକରଣ କେବଳ ସ୍ୱୀକୃତିପ୍ରାପ୍ତ ଚିଆଁ ଉତ୍ପାଦନ କେନ୍ଦ୍ରରେ ଜନ୍ମ ସମୟରେ ଥରେ ମାତ୍ର ଏହାର ପ୍ରତିଷେଧକ ଟୀକା ଦିଆଯାଏ ।

## ଅସୁସ୍ଥ ଜିନ୍ ବଦଳାଇବ ଲକ୍ସଟର୍ନା

ଆନୁବଂଶିକ ଦୃଷ୍ଟିଦୋଷରେ ପୀଡ଼ିତ ରୋଗୀମାନେ ରେଟିନାଲ ଡିଷ୍ଟ୍ରେଫି ଦ୍ୱାରା ଧୀରେଧୀରେ ଦୃଷ୍ଟିଶକ୍ତି ହରାଇ ବସନ୍ତି । ସେମାନଙ୍କ ଲାଗି ଏହା ବିଶେଷ ଉପକାରୀ । ଲକ୍ସଟର୍ନା ମଧ ପ୍ରଥମ ଜିନ୍ ଥେରାପି ଯାହା ଶରୀରରେ କୋଷର ପରିବର୍ତ୍ତନ କରାଇଥାଏ । ଏଥିରେ ଏବେ ଆଖିରେ ଗୋଟିଏ ଲେଖା ଇଞ୍ଜେକସନ ଦେବାର ବ୍ୟବସ୍ଥା ରହିଛି ଯାହା ଖରାପ ଜିନ୍ ବଦଳାଇ ଭଲ ଜିନ୍ ସୃଷ୍ଟି କରାଏ ଏବଂ ଦୃଷ୍ଟି ଶକ୍ତି ଉନ୍ନତ କରିଥାଏ ।




## ଜଙ୍ଗଲୀ ସ୍କୁଲର ଏକମାତ୍ର ଶିକ୍ଷୟିତ୍ରୀ



ଦକ୍ଷିଣ କେରଳର ଏକ ଘଞ୍ଚ ଜଙ୍ଗଲରେ ରହିଛି ଅମ୍ବୁରୀ ଗାଁ । ତା'ରି ଭିତରେ ତିଆରି ହୋଇଛି ଅଗସ୍ତ୍ୟ ଏଗା ଅଧ୍ୟାପକ ବିଦ୍ୟାଳୟ । ଏହି ସ୍କୁଲର ଶିକ୍ଷାଦାନର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇଛନ୍ତି ଉଷାକୁମାରୀ । ଜଙ୍ଗଲୀ ଆଦିବାସୀ ଶିଶୁଙ୍କୁ ଶିକ୍ଷିତ କରିବା ଦିଗରେ ତାଙ୍କର ଏହି ପ୍ରୟାସ ସତରେ ପ୍ରଶଂସନୀୟ । ଏହି ଗାଁକୁ ଆସିବାକୁ କୌଣସ ପ୍ରକାରର ଯାତାୟାତ ସୁବିଧା ନାହିଁ । ଉଷା ଦୈନନ୍ଦିନ ସକାଳ ୭ଟାରୁ ଘରୁ ସ୍କୁଟିରେ ବାହାରିପଡ଼ନ୍ତି । ପ୍ରାୟ ୨ଘଣ୍ଟାର ରାସ୍ତାକୁ ପାଦରେ ଚାଲି ଚାଲି ଆସିବା ପରେ ବିରାଟ ନଦୀକୁ ଡଙ୍ଗା ସାହାଯ୍ୟରେ ପାରି କରି ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତି । କଳାକାର ସ୍କୁଲରେ ଶିକ୍ଷକ/ଶିକ୍ଷୟିତ୍ରୀ କହିଲେ ଏଇ ଜଣେ । କିନ୍ତୁ ନିଜ କର୍ତ୍ତବ୍ୟ ପରାୟଣତା ଏବଂ ଶିଶୁଙ୍କ ଶିକ୍ଷାଦାନକୁ ସେ କେବେ ଅବହେଳା କରିନାହାନ୍ତି । ୧୦ଟାରୁ ୪ଟା ଯାଏ ପାଠ ପଢ଼ାଇବା ପରେ ପୁଣି ଘରକୁ ଫେରିଯାନ୍ତି । ଆଜକୁ ୧୬ବର୍ଷ ହେବ ସେ ଏହି କାର୍ଯ୍ୟରେ ଲିପ୍ତ ଅଛନ୍ତି । ୧୯୯୭ରେ ପ୍ରଥମଥର ଡିଷ୍ଟ୍ରିକ୍ଟ ପ୍ରାଇମେରୀ ଏଜୁକେଶନ ପ୍ରୋଗ୍ରାମରେ ଭଲାଣ୍ଟିଅର ଭାବେ ଜଙ୍ଗଲରେ ଥିବା ଏହି ଇଲାକାକୁ ବୁଲିବାକୁ ଆସିଥିଲେ । ଏହି ସମୟରେ ଜାଣିବାକୁ ପାଇଲେ, ଏଠାରେ ଶିକ୍ଷାର କୌଣସି ଆଧାର ନାହିଁ । ତେଣୁ ମନସ୍ଥ କଲେ ଇଲାକାକୁ ସମ୍ପୂର୍ଣ୍ଣ ଭାବେ ସ୍ୱାକ୍ଷର କରିବେ । ବାସ୍ ୨୦୦୦ ମସିହାରେ ସ୍କୁଲ ତିଆରି କଲେ । କିନ୍ତୁ ଲୋକଙ୍କୁ ବୁଝାସୁଝା କରି ପିଲାଙ୍କୁ ସ୍କୁଲ ଆଣିବାକୁ ତାଙ୍କୁ ଗୁଡ଼ାଏ ସମୟ ଲାଗିଗଲା । ଏବେ ଉଷାଙ୍କ ପରିଶ୍ରମ ଏବଂ ମୂଲ୍ୟବୋଧକୁ ଆଦଦିବାସୀମାନେ ହୃଦୟଙ୍ଗମ କରିପାରିଲେଣି ।

## ୩୧୨୭ଝିଅଙ୍କ ବିବାହ କରାଇଥିବା ବ୍ୟକ୍ତି



'କନ୍ୟାଦାନ ଉକ୍ତିଟିକୁ ବୋଧହୁଏ ବେଶ୍ ଭଲଭାବେ ହୃଦୟଙ୍ଗମ କରିଛନ୍ତି ହୀରା ବ୍ୟବସାୟୀ ମେହେଶଭାଇ ସୱାନୀ । ସୁରତରେ ରହୁଥିବା ଏହି ବ୍ୟବସାୟୀ ଜଣକ ନିଜର ଅଧିକାଂଶ ରୋଜଗାର ନିରାଶ୍ରୟ ଯୁବତୀମାନଙ୍କ ବିବାହ କରି ଖର୍ଚ୍ଚ କରିଥାନ୍ତି । ଗତ ୯ବର୍ଷ ମଧ୍ୟରେ ସେ ୨,୮୬୬ ଜଣ ଯୁବତୀଙ୍କ ବିବାହ କରିସାରିଲେଣି । କିଛିଦିନ ତଳେ ସେ ୨୩୧ଜଣ ନିରାଶ୍ରୟ ଯୁବତୀଙ୍କ ବିବାହ ମଧ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୩, ୧୨୭ଜଣ ନିରାଶ୍ରୟ ଏବଂ ଗରିବ ଶ୍ରେଣୀର ଝିଅଙ୍କୁ କନ୍ୟାଭାବେ ଗ୍ରହଣ କରି ବିବାହ କରାଇଥିବା ଜଣାପଡ଼ିଛି । କେବଳ ଏତିକି ନୁହେଁ ବିବାହ କରାଇସାରିବା ପରେ ସେମାନଙ୍କ ଭବିଷ୍ୟତର ସମସ୍ତ ଦାୟିତ୍ୱ ମଧ ସେ ଗ୍ରହଣ କରିଥାନ୍ତି । ସେମାନଙ୍କ ପିଲା ଜନ୍ମଠାରୁ ଆରମ୍ଭକରି ଚିକିତ୍ସା, ପୋଷାକ ପର୍ଯ୍ୟନ୍ତ ପ୍ରାୟତଃ ଦାୟିତ୍ୱ ସେ ବେଶ୍ ଭଲଭାବେ ତୁଲାଇଥାନ୍ତି ।

## ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍




ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବାୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।

## ନାସାର ତକିଆ

ନିଦ୍ରା ହୀନତା ଏବେ ଅନେକଙ୍କର ସମସ୍ୟା ହୋଇଯାଇଥିବା ବେଳେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଏପରି ଏକ ତକିଆ ପ୍ରସ୍ତୁତ କରାଯାଇଛି ଯାହା ଗାଢ଼ ନିଦରେ ସହାୟକ ହେବ । ଶୋଇଥିବା ଅବସ୍ଥାରେ ଝାଳ ଶୋଷିନେବା ଏହି ତକିଆର ବିଶେଷ ଗୁର । ମହାକାଶ ଯାତ୍ରୀମାନଙ୍କୁ ଭିନ୍ନଭିନ୍ନ ତାପମାତ୍ରାରେ ହେଉଥିବା ସମସ୍ୟାରୁ ସୁରକ୍ଷା ଦେବା ପାଇଁ ନାସା ଏହି ତକିଆ ତିଆରି କରିଛି । ହିବ୍ର ନାମକ ଏହି ତକିଆର ମୂଲ୍ୟ ୯୯ ଡଲାର ଜିକ୍ ନାମକ ନାସା ପ୍ରସ୍ତୁତ ଆଉ ଏକ ତକିଆରେ ସ୍ଲପ୍ ସେନସର, ସ୍ପିକାର ଏବଂ ଭାଇବ୍ରେଟର ଲାଗିଛି । ଏହା ଜୋରରେ ଘୁଙ୍ଗୁଡ଼ି ମାରୁଥିବା ଲୋକଙ୍କୁ ଧୀରେଧୀରେ ଉଠାଇଦେବ । ଏହାର ମୂଲ୍ୟ ରଖାଯାଇଛି ୨୦୦ଡଲାର (୧୪ହଜାର) ।




## କଳାବତୀ ଧାନ

୨୦୧୮ରେ କଳା ଚାଉଳ ଦେଶରେ ବେଶ୍ ଚର୍ଚ୍ଚାରେ ରହିଛି । ପାରମ୍ପାରିକ ଧଳା ଚାଉଳ ଅପେକ୍ଷା ଏହି କଳା କିଟିକିଟି ଚାଉଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ବିଭିନ୍ନ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି । ଏପରିକି ଏଥିରେ ବିଭିନ୍ନ ଭିଟାମିନ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ସହ କର୍କଟ ପ୍ରତିରୋଧୀ କ୍ଷମତା ରହିଥିବା ଜଣାଯାଏ । ପ୍ରାରମ୍ଭିକ ସ୍ତରରେ ଆସାମ ଏବଂ ମଣିପୁରରେ କଳା ଧାନ ଚାଷ ହୋଇଥିବା ବେଳେ ଏବେ ଏହାର ଲୋକପ୍ରିୟତା ବିଭିନ୍ନ ରାଜ୍ୟରେ ପହଞ୍ଚିସାରିଛି । ସମ୍ବଲପୁରର ଯୁଯୁମର ବ୍ଲକ୍ ଅନ୍ତର୍ଗତ ଜଣେ ଯୁବଚାଷୀ ଏହି ଧାନ ଚାଷ କରି ସଫଳତା ପାଇଛନ୍ତି ।





ଏହି ଧାନଗଛକୁ କୀଟ ଦାଉରୁ ସୁରକ୍ଷା ଦେବା ଲାଗି କୌଣସି ରାସାୟନିକ ଔଷଧ ବଦଳରେ ନିମ୍ବ ତେଲ ଏବଂ ଅନ୍ୟାନ୍ୟଜୈବିକ ସାମଗ୍ରୀ ପ୍ରୟୋଗ କରାଯାଉଛି । ଏହା ରକ୍ତ ପରିଷ୍କାର କରିବା ସହ ମଧୁମେହ, ଚର୍ମ ଓ ଚକ୍ଷୁ ସମ୍ପର୍କିତ ସମସ୍ୟା ଚିକିତ୍ସାରେ ଫଳପ୍ରଦ । ଏହା ମେଦବହୁଳତା କମାଏ ଏବଂ ହଜମ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୟୁକ୍ରେନ୍-ରୁଷ ଯୁଦ୍ଧକୁ ଶହେଦିନ...

ୟୁକ୍ରେନ ଓ ରୁଷ ଭିତରେ ଚାଲିଥିବା ଘମାଘୋଟ ଯୁଦ୍ଧକୁ ପୂରିଯାଇଛି ଶହେ ଦିନ। ଏହି ଭୟାବହ ଯୁଦ୍ଧ ଆଉ କେତେକାଳ ଲାଗିରହିବ, ତାହା ଜଣାନାହିଁ । ୟୁକ୍ରେନ ରାଜଧାନୀ କିଏଭ ଉପରେ ରୁଷର ପୁଟିନ୍ ସେନାର କ୍ଷେପଣାସ୍ତ୍ର ବର୍ଷା ଲାଗି ରହିଛି । ରୁଷ ପକ୍ଷରୁ ୟୁକ୍ରେନର ପ୍ରମୁଖ ସହରଗୁଡ଼ିକ ଉପରେ ଆକ୍ରମଣକୁ ଅଧିକ ଜୋରଦାର କରିବା ପରେ ଏବେ କିଏଭ ଉପରେ ଚଳାଇଛି ସାଂଘାତିକ ଧ୍ୱଂସଲୀଳା । ଦେଶ ତ୍ୟାଗ କରି ପଳାୟନ କରୁଥିବା ୟୁକ୍ରେନବାସିନ୍ଦା ପୁଣି ଧୀ ଦଉଡ଼ ଆରମ୍ଭ କଲେଣି । କେତେଦିନ କିମ୍ବା ସପ୍ତାହ ଭିତରେ ସାରିଦେବା ପାଇଁ ବିଚାର କରୁଥିବା ବେଳେ ନାଟୋ ମେଣ୍ଟର ଉକାଣି କ୍ରମେ ତାହା ଲମ୍ବି ଚାଲିଛି । ତାହାରି ଭିତରେ ରାଷ୍ଟ୍ରପତି ପ୍ଲାଦିମିର ପୁଟିନ୍ ଆମେରିକାକୁ ଚେତାଇଦେଇ କହିଛନ୍ତି ଯେ, ୟୁକ୍ରେନକୁ ଦୂରଗାମୀ ମିସାଇଲ୍ ଦିଅନାହିଁ । ତାହା କଲେ ପରିଣତି ଅଧିକ ଭୟାବହ ହେବ ବୋଲି କହିଛନ୍ତି ପୁଟିନ୍ । ପୁଟିନ୍‌ଙ୍କ ଏହି ତାଗିଦ୍ ପଛରେ ରହିଥିବା କାରଣ ଯୁଦ୍ଧ ପ୍ରକରଣକୁ ଅଧିକ ଗମ୍ଭୀର କରିଦେଇଥିବା ଯୁଦ୍ଧ ସମ୍ପର୍କରେ ଟିପ୍ପଣୀ କରୁଥିବା ମହଲ ବିଚାର କରୁଛନ୍ତି । ଏନେଇ ପୁଟିନ୍‌ଙ୍କ ନିକଟରେ ଯୁକ୍ତିର ଅଭାବ ନାହିଁ । ତାଙ୍କ କହିବା କଥା, କିଏଭକୁ ନୂଆ ପର୍ଯ୍ୟାୟର ଅସ୍ତ୍ରଶସ୍ତ୍ର ଯୋଗାଇବାରେ କିଛି ଲାଭ ହେବନାହିଁ । ବରଂ ତାହା ଯୁଦ୍ଧକୁ ଅଧିକ କାଳ ଲମ୍ବାଇବାରେ ଇନ୍ଧନ ଯୋଗାଇବ । ରୁଷ ପାଖରେ ଯଥେଷ୍ଟ ପରିମାଣରେ ଅସ୍ତ୍ର ମହଜୁଦ ରହିଛି ବୋଲି ଦମ୍ଭୋକ୍ତି ପ୍ରକାଶ କରି ପୁଟିନ୍ କହିଛନ୍ତି ଯେ, ଯେଉଁ ସ୍ଥାନ ଓ ସହରଗୁଡ଼ିକୁ ଆକ୍ରମଣ ନକରି ଛଡ଼ାଯାଇଛି, ସେଗୁଡ଼ିକ ଉପରେ ଚଢ଼ାଉ କରିବାକୁ ପଛାଇବି ନାହିଁ । ବାରମ୍ବାର ୟୁକ୍ରେନ୍ ପକ୍ଷରୁ ଆମେରିକା ଓ ନାଟୋ ସମର୍ଥକମାନଙ୍କୁ ବିକଳ ଅନୁରୋଧ କରାଯାଉଛି ଅଧ ମାରାତ୍ମକ ଅସ୍ତ୍ର ଯୋଗାଇବାକୁ ଅନୁରୋଧ ଆଧାରରେ ଆମେରିକା କୁଆଡ଼େ ରୁଷ ସେନାକୁ ରୋକିବା ଲକ୍ଷ୍ୟରେ ଆମେରିକା ମଲ୍ଟିପଲ ଲଞ୍ଚ ରକେଟ୍ ସିଷ୍ଟମ ଯୋଗାଇବାକୁ ସ୍ଥିର କରିଛି । ଖୁବ୍ ଶୀଘ୍ର ତାହା ୟୁକ୍ରେନକୁ ମିଳିଯିବ ବୋଲି ସୂଚନା ମିଳିଥିବାରୁ ପୁଟିନ୍ ଏହି ଚେତାବନୀ ଶୁଣାଇ ଦେଇଥିବାର ବିଶ୍ୱାସ କରାଯାଉଛି । ଅଧିକ ଅର୍ଥ ଓ ଅଧିକ ଅସ୍ତ୍ର ଯୋଗାଇ ୟୁକ୍ରେନକୁ ଆହୁରି ଶକ୍ତିଶାଳୀ କରିବାକୁ ନାଟୋ ସେନା ଚାହୁଁଛି । ୟୁକ୍ରେନ୍ ନୁହେଁ, ବାସ୍ତବରେ ନାଟୋ ରୁଷ-ବିରୋଧୀ ଛାୟାଯୁଦ୍ଧ ଚଳାଇଛି । ୟୁକ୍ରେନର ଯେତେ ଧନ-ଜୀବନ କ୍ଷତି ହୋଇସାରିଲାଣି, ରୁଷର ମଧ ସମସଂଖ୍ୟକ କ୍ଷୟକ୍ଷତି ହୋଇସାରିଲାଣି । କୌଣସି ପକ୍ଷ ସଂଘର୍ଷ ରାସ୍ତାରୁ ହଟିବା ସ୍ଥିତିରେ ନାହାଁନ୍ତି । ପୁଟିନ୍ ସେନା ଓ ୟୁକ୍ରେନ ସେନା ଭିତରେ ସଂଘର୍ଷକୁ ଅଧିକ ବଢ଼ାଇବା ଦିଗରେ କାର୍ଯ୍ୟ କରୁଛି ଆମେରିକା, ବ୍ରିଟେନ ଭଳି ମେଣ୍ଟଭୁକ୍ତ ଦେଶ । ମାତ୍ର ରୁଷ ପକ୍ଷରେ କେହି ନଥିଲେ ସୁଦ୍ଧା ବୃହତ୍ ଶକ୍ତିର ଛାପ କାମ କରୁଛି । ମାତ୍ର ଦେଶ ଭିତରେ ପୁଟିନ୍ ଅଣ୍ଡି ଭିତରେ ରହିଛନ୍ତି । ଯୁଦ୍ଧ ଏତେ କାଳ ଚାଲିବ, ତାହା କାହାରି କଳ୍ପନା ଭିତରେ ନଥିଲା । ସୁତରାଂ, ଶହେ ଦିନ ପୂରିଥିବା ଗଣବିଧ୍ୱଂସୀ ସଂହାର ଲୀଳାକୁ ବରଦାସ୍ତ କରିବା ଅବସ୍ଥାରେ କୌଣସି ପକ୍ଷ ନାହାଁନ୍ତି । ଜିଦ୍ ଏଭଳି ସ୍ଥିତିକୁ ଡାକି ଆଣିଛି, କେହି ଜାଣନ୍ତି ନାହିଁ, ଏହାର କିଭଳି ଓ କେବେ ଅନ୍ତ ଘଟିବ । ତୈଳ ସଙ୍କଟ, ଅର୍ଥନୀତିରେ ଅବାଞ୍ଛିତ ବିପଦକୁ ଡାକି ଆଣିବା ଫଳରେ ଯେତେଶୀଘ୍ର ଯୁଦ୍ଧର ଭୟ ଟଳିବ, ତାହ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଶୁଭଙ୍କର । ମହାଶକ୍ତି ବୋଲାଉଥିବା ରାଷ୍ଟ୍ରମାନେ ଏବେ ମହାସଙ୍କଟରେ ପଡ଼ିଛନ୍ତି । ସଭା-ବୈଠକ କରି ମେଣ୍ଟ ଭିତରେ କଥିତ ଦୃଢ଼ତା ଦୋହରାଉଛନ୍ତି ସିନା, ଯୁଦ୍ଧର ଅବସାନ ପାଇଁ ଆଦୌ କିଛି ପଦକ୍ଷେପ ନେଉନଥିବାର ଜଳଜଳ ଦିଶିଯାଉଛି । ଏହା ବିଶ୍ୱଯୁଦ୍ଧ ପରେ ସବୁଠାରୁ ମହାଛଳନା ରୂପେ ଧରି ନିଆଯାଇପାରେ । ଯୁଦ୍ଧଜନିତ କ୍ଷୟକ୍ଷତି ଭରଣା ସାଙ୍ଗକୁ ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱ ବାସୀଙ୍କ ଅପେକ୍ଷା ପାଇଁ ଏହାଠାରୁ ଶକ୍ତ ପଦାଘାତ ଆଉ କ'ଣ ଥାଇପାରେ ? ଭାରତ ଭଳି କିଛି ଦେଶ ଅଛନ୍ତି, ସେମାନେ କେଉଁ ଦେଶ ସହିତ ମିତ୍ରତାକୁ ବଳି ଦେଇପାରୁ ନାହାଁନ୍ତି, କି ଆମେରିକା, ବ୍ରିଟେନ ଭଳି ଦେଶ ସହ ସମ୍ପର୍କ ତିକ୍ତ କରିବା ସପକ୍ଷରେ ନାହାଁନ୍ତି । ସାମଗ୍ରିକ ରୂପରେ ଜଟିଳତା ଏଭଳି ହୋଇଛି, ଯହାଦ୍ୱାରା ନା' ଗିଳି ହେଉଛି, ନା' ଫିଙ୍ଗି ହେଉଛି ।

## ଦେଶରେ ବଢୁଛି ନକଲି ନୋଟର କାରବାର



**ଗୋପାଳ ମହାପାତ୍ର**

ଦେଶରେ ନକଲି ନୋଟର ପ୍ରବାହ ବଢ଼ିବାରେ ଲାଗିଛି। ଏଭଳି ଏକ ସ୍ପର୍ଶକାତର ଘଟଣାକୁ ସ୍ୱୀକାର କରିଛନ୍ତି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷ। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆର୍ଥିକ ବର୍ଷ ୨୦୨୧-୨୨ରେ ୫୦୦ ଟଙ୍କିଆ ନକଲି ନୋଟ ମାତ୍ରାଧିକ ଭାବରେ ଭାରତରେ ପ୍ରବାହିତ ହୋଇଛି। ଅର୍ଥାତ୍ ଦେଶରେ ୫୦୦ ଟଙ୍କିଆ ନକଲି ନୋଟର କାରବାର ବଢ଼ିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୭୯,୬୬୯ ଖଣ୍ଡ ୫୦୦ ଟଙ୍କିଆ ନକଲି ନୋଟ ଧରାପଡିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ସଂଖ୍ୟା ଥିଲା ୩୯୪୫୩। ଧରାପଡିଥିବା ନକଲି ନୋଟର ଆର୍ଥିକ ମୂଲ୍ୟ (ମନି ଭାଲ୍ୟୁ) ୩,୯୮,୪୧,୫୦୦ ଟଙ୍କା ଅଟେ। ସେହିଭଳି ନୂଆ ଡିଜାଇନର ୨ ହଜାର ଟଙ୍କିଆ ୧୩,୬୦୪ ଖଣ୍ଡ ନକଲି ନୋଟ ୨୦୨୧-୨୨ ଆର୍ଥିକ ବର୍ଷରେ ଧରାପଡିଛି। ଏହାର ଆର୍ଥିକ ମୂଲ୍ୟ ୨,୭୨,୦୮,୦୦୦ ଟଙ୍କା । ୨ ହଜାର ଟଙ୍କିଆ ନକଲି ନୋଟ ୫୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୫୦୦ ଟଙ୍କିଆ ନୋଟ ପୂର୍ବ ବର୍ଷ ଅପେକ୍ଷା ୧୦୨ ପ୍ରତିଶତ ବୃଦ୍ଧି ପାଇଛି। ଏହି କାରଣରୁ ଦେଶର ଅର୍ଥ ବ୍ୟବସ୍ଥାରେ ସମୁଦାୟ କ୍ଷତି ହୋଇଛି ୮,୨୫,୯୩,୫୬୦ ଟଙ୍କା । ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ଦେଶରେ ଯେତେ ଜାଲ ବା ନକଲି ନୋଟ ଚାଲିଛି ସେଥିମଧ୍ୟରୁ ଅଧିକ ୫୦୦ ଓ ୨ ହଜାର ଟଙ୍କିଆ ନୋଟ। ରିଜର୍ଭ ବ୍ୟାଙ୍କର ରିପୋର୍ଟରେ ନକଲି ନୋଟର ଯେଉଁ ସଂଖ୍ୟା ଦିଆଯାଇଛି ସେଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ପୋଲିସ ଜବତ କରିଥିବା ନକଲି ନୋଟ କଥା ଉଲ୍ଲେଖ ନାହିଁ। ଏ ସବୁକୁ ହିସାବକୁ ନେଲେ ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଅଧିକ କ୍ଷତି ହୋଇଛି ବୋଲି କହିବାକୁ ହେବ। ରିଜର୍ଭ ବ୍ୟାଙ୍କର ପୂର୍ବବର୍ଷମାନଙ୍କର ତଥ୍ୟରୁ ଜଣାପଡିଛି ଯେ ୨୦୧୭-୧୮ ଏବଂ ୨୦୧୮-୧୯ରେ ମଧ ନକଲି ନୋଟ ଅଧିକ ଭାବେ ଜବତ ହୋଇଥିଲା। ୨୦୧୬-୧୭ରେ ୫୦୦ ଟଙ୍କିଆ ନକଲି ନୋଟ ୧୯୯ ଥିବା ବେଳେ ୨୦୧୮-୧୯ରେ ଏହି ସଂଖ୍ୟା ୨୨ ହଜାରରେ ପହଞ୍ଚିଥିଲା। ଖୋଦ୍ ସରକାରଙ୍କ ରିପୋର୍ଟ ଏବଂ ସରକାରୀ ତଥ୍ୟ ଅନୁସାରେ ବିଗତ ୧୦ ବର୍ଷ ମଧ୍ୟରେ ଦେଶର ବ୍ୟାଙ୍କିଙ୍ଗ ତନ୍ତ୍ର (ବ୍ୟବସ୍ଥା)ରେ ନେଣ ଦେଣ ବେଳେ ନକଲି ନୋଟ ଧରାପଡିବା ଭଳି ମାମଲା ବଢ଼ିଛି। ୨୦୦୭-୦୮ରେ ସରକାର ଏକ ନିଷ୍ପତ୍ତି ନେଇଥିଲେ ଯେ ଘରୋଇ ବ୍ୟାଙ୍କ ଏବଂ ଦେଶରେ ଥିବା ବିଦେଶୀ ବ୍ୟାଙ୍କ ମାନଙ୍କରେ ନେଣ ଦେଣ ବେଳେ ଧରାପଡୁଥିବା ନକଲି ନୋଟ ସମ୍ପର୍କୀତ ସମସ୍ତ ତଥ୍ୟ ଏସବୁ ବ୍ୟାଙ୍କମାନେ ଫଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫଆଇୟୁ) କୁ ଦେବାକୁ ବାଧ। କିନ୍ତୁ ସବୁ ପରେ ବି ଗୋଟିଏ କଥା ସ୍ପଷ୍ଟ ଯେ ଦେଶରେ ନକଲି ନୋଟର କାରବାର ଚାଲିଛି।

କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଦେଇଥିବା ତଥ୍ୟ ଅନୁସାରେ ଭାରତୀୟ ବଜାରରେ ଉପଲବ୍ଧ ସାଢେ ଏଗାର ଲକ୍ଷ କୋଟି ଟଙ୍କାର ମୁଦ୍ରାରେ ଅଧିକ ମାତ୍ରାରେ ନକଲି ନୋଟ ରହିଥିଲା। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଥିବା ଯେ ଏହି ନକଲି ନୋଟର ମନିଭାଲ୍ୟୁ ୪ଶହ କୋଟି ଟଙ୍କାରୁ ଅଧିକ ହୋଇପାରେ। ବିମୁଦ୍ରୀକରଣ ପୂର୍ବରୁ ଦେଶର ଅନେକ ଏଟିଏମ୍‌ରୁ ଅନେକ ସମୟରେ ନକଲି ନୋଟ ବାହାରୁଥିବା ସମ୍ପର୍କରେ ଖବର ମିଳୁଥିଲା। ଦେଶର ସବୁଠାରୁ ବଡ ରାଜ୍ୟ ଉତ୍ତରପ୍ରଦେଶର ବ୍ୟାଙ୍କମାନଙ୍କରୁ ଅଧିକ ସଂଖ୍ୟକ ନକଲି ନୋଟ ମିଳିଥିଲା। ଗତବର୍ଷ ଦିଲ୍ଲୀ ପୋଲିସର ସ୍ପେସିଆଲ ସ୍କାର୍ଡ ୬ କୋଟି ଟଙ୍କାର ନକଲି ନୋଟ ସହ ଦୁଇଜଣଙ୍କୁ ଗିରଫ କରିଥିଲା। ୨୦୨୧-୧୩ରେ ଏଫଆଇସି ନକଲି ନୋଟ କାରବାର ଘଟଣାରେ ୫ ଜଣ ପାକିସ୍ଥାନୀଙ୍କୁ ଗିରଫ କରିଥିଲା।

ତଥ୍ୟ ଅନୁସାରେ ୨୦୧୦ରେ ୧୬୦୦ କୋଟି ଟଙ୍କାର ନକଲି ନୋଟ ନେପାଳ ଏବଂ ବଙ୍ଗଳାଦେଶ ଦେଇ ଭାରତ ଆସିଥିଲା। ୨୦୧୧ରେ ୨ ହଜାର କୋଟି ଟଙ୍କାର ନକଲି ନୋଟ ଭାରତୀୟ ବଜାରରୁ ଆସିଥିଲା। ଏସବୁ ନକଲି ନୋଟର ୬୦ ପ୍ରତିଶତ ପାକିସ୍ଥାନରେ ଛପା ହୋଇଥିବା ବାବଦରେ ସରକାର ଜାଣିପାରିଥିଲେ। ୨୦୧୫ରେ ନେପାଳ ଓ ବଙ୍ଗଳାଦେଶରୁ ଆସୁଥିବା ୩ କୋଟି ଟଙ୍କାର ନକଲି ନୋଟ ଧରାପଡିଥିଲା। ଭାରତ ସରକାର ନକଲି ନୋଟ ଉପରେ ଅଙ୍କୁଶ ଜାରି କରିବା ପାଇଁ ଉପାୟ ବାହାର କରିବାକୁ ଶୈଳଭଦ୍ର ବାନାର୍ଜୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ତାଙ୍କ ରିପୋର୍ଟ ମଧ ସରକାରଙ୍କୁ ଦେଇଥିଲେ। ରିପୋର୍ଟକୁ ଭିତ୍ତିକରି ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଥିଲା। ସରକାର ଉତ୍ତମମାନର କାଗଜରେ ଟଙ୍କା ଛପାଇବା ପାଇଁ ମଧ ନିଷ୍ପତ୍ତି ନେଇଥିଲେ। ଉତ୍ତମମାନର କାଗଜ ପାଇଁ ମହୀଶୁରରେ ଏକ ଅତ୍ୟାଧୁନିକ ନୋଟ ଛପା କାଗଜ ଉତ୍ପାଦନ କାରଖାନା ମଧ ସ୍ଥାପନ କରାଗଲା। ଏହି କାରଖାନାରୁ ଉତ୍ପାଦିତ ନୋଟ ଛପା କାଗଜର ନକଲ କରିବା ସହଜ ନୁହେଁ ବୋଲି ମଧ ସରକାରଙ୍କ ପକ୍ଷରୁ କୁହାଗଲା। ନକଲି ନୋଟର କାରବାରକୁ ରୋକିବା ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ରିଜର୍ଭବ୍ୟାଙ୍କ ତଥା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଗୁଇନ୍ଦା ସଂସ୍ଥାମାନେ କାର୍ଯ୍ୟ କରୁଛନ୍ତି। ଏସବୁ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟରେ ଏକ ସଂଯୋଜନ କମିଟି ଗଠନ କରାଯାଇଛି। ଏତଦ୍‌ବ୍ୟତୀତ ରିଜର୍ଭ ବ୍ୟାଙ୍କ ନକଲି ନୋଟ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଗତବର୍ଷ ମଧ କେତେକ ପଦକ୍ଷେପ ନେଇଥିଲା। କିନ୍ତୁ ଏସବୁ ପରେ ମଧ ନକଲି ନୋଟର କାରବାର ବଢୁଥିବାରୁ କିଛି ଠୋସ୍ ପଦକ୍ଷେପ ନେବା ଜରୁରୀ। ନକଲି ନୋଟ ଉପରେ ଅଙ୍କୁଶ ଜାରି କରାନଗଲେ ସର୍ବୋପରି ଏଭଳି କାର୍ଯ୍ୟକୁ ସମୁଳେ ବନ୍ଦ କରାନଗଲେ ଦେଶର ଆର୍ଥିକ ଅବସ୍ଥାକୁ ସୁଧାରିବା ଅସମ୍ଭବ ହୋଇପଡିବ।


♥ରାମଚନ୍ଦ୍ରପୁର, ରଣପୁର,
ମୋ: ୯୪୩୮୪୮୫୦୯୪


## ପୁରାଣରେ ପରିବେଶ ସୁରକ୍ଷାର ବାର୍ତ୍ତା



**ଲୋକନାଥ ମହାପାତ୍ର**

ପୁରାଣ ହେଉଛି ହିନ୍ଦୁମାନଙ୍କର ପ୍ରମୁଖ ଧର୍ମଶାସ୍ତ୍ର । ପ୍ରାଚୀନ କାଳରୁ ଏହି ପୁରାଣଗୁଡିକ ଦେବତା, ସାଧୁ, ମଣିଷମାନଙ୍କୁ ମାର୍ଗଦର୍ଶନ ଦେଇଆସୁଛନ୍ତି । ପୁରାଣ ମଣିଷକୁ ଧର୍ମ ଏବଂ ନୀତି ଅନୁଯାୟୀ ଜୀବନଯାପନ କରିବାକୁ ଶିକ୍ଷା ଦିଏ । ପୁରାଣ ମାନଙ୍କରେ ଅନେକ କଥା ପ୍ରତୀକାତ୍ମକ ଭାବେ କୁହାଯାଇଛି । ଏଗୁଡିକୁ ଗଭୀର ଭାବରେ ବିଶ୍ଳେଷଣ କଲେ ସେଥିରୁ ଅନେକ ଗୂଢ ତତ୍ତ୍ୱ ଦୃଷ୍ଟିଗୋଚର ହୋଇଥାଏ । ଉଦାହରଣ ସ୍ୱରୂପ ଏଠାରେ ହିନ୍ଦୁ ପୁରାଣ ମାନଙ୍କରେ ବର୍ଣ୍ଣିତ ମୂଷିକ ବାହନ ଗଣେଶଙ୍କ କଥା ନିଆଯାଉ ।

ଗଣେଶ ମୂଷା ଭଳି ଏକ କ୍ଷୁଦ୍ର ଓ ଅନିଷ୍ଟକାରୀ ଜୀବକୁ ତାଙ୍କ ବାହନ ରୂପେ ଗ୍ରହଣ କରି ସଂସାରର ସମସ୍ତ ପ୍ରାଣୀଙ୍କୁ ମହତ୍ତ୍ୱ ଦେବାର ବାର୍ତ୍ତା ଦେଇଛନ୍ତି । ବିଜ୍ଞାନ ଅନୁଯାୟୀ ପ୍ରକୃତିରେ କୌଣସି ପ୍ରାଣୀ ନିତାନ୍ତ ଅନାବଶ୍ୟକ ନୁହନ୍ତି । କାରଣ ଖାଦ୍ୟ ଶୃଙ୍ଖଳା ସିଦ୍ଧାନ୍ତ ଅନୁଯାୟୀ ସଂସାରର ସମସ୍ତ ପ୍ରାଣୀ ସୂକ୍ଷ୍ମ ଅଣୁଜୀବଠୁ ଅରମ୍ଭ କରି ବିଶାଳ ହାତୀ ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱ ପାଇଁ ପରସ୍ପର ଉପରେ ନିର୍ଭରଶୀଳ । ଅର୍ଥାତ୍ ଜଣକର ଅସ୍ତିତ୍ୱ ଅନ୍ୟଜଣଙ୍କର ଅସ୍ତିତ୍ୱ ଉପରେ ନିର୍ଭର କରେ ଯେପରି ସିଂହ ମାନଙ୍କ ଅସ୍ତିତ୍ୱ ଅରଣ୍ୟରେ ଥିବା ହରିଣ ତଥା ଅନ୍ୟ ପ୍ରାଣୀମାନଙ୍କ ଉପରେ ନିର୍ଭର କରେ । ତେଣୁ ପ୍ରକୃତିରେ ପ୍ରତ୍ୟେକ ଜୀବଙ୍କ ଉପାଦେୟତା ରହିଛି । ମଶା ଭଳି ଅନିଷ୍ଟକାରୀ ତଥା ଅଦରକାରୀ ବିବେଚିତ ପ୍ରାଣୀଙ୍କ ପ୍ରକୃତି ପାଇଁ କି ଉପାଦେୟତା ରହିଛି ଜାଣିବା ପାଇଁ କିଛି ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣା ଯାଇଛି ଯେ ମଶାଙ୍କ ଉତ୍ପାତ ଯୋଗୁଁ ପ୍ରକୃତିର ସୁରକ୍ଷାକବଚ ରୂପେ ବିବେଚିତ ହେଉଥିବା ଅରଣ୍ୟ ଆଜି ମଧ ଅନେକ ସ୍ଥାନରେ ତିଷ୍ଠି ରହିଛି । କାରଣ ଆଧୁନିକ ଅସ୍ତ୍ରଶସ୍ତ୍ରରେ ବଳିୟାନ ମଣିଷ ପାଇଁ ଆଜି ଜଙ୍ଗଲର କୌଣସି ହିଂସ୍ର ଜନ୍ତୁ ବାଧକ ନୁହନ୍ତି । ତେଣୁ ମଶା ଯଦି ନ ଥାନ୍ତେ ତା ହେଲେ କେବେଠାରୁ ପୃଥିବୀ ପୃଷ୍ଠରୁ ଜଙ୍ଗଲ ଲୋପ ପାଇସାରନ୍ତାଣି । ତେଣୁ ପ୍ରକୃତିରେ କୌଣସି ପ୍ରାଣୀଙ୍କୁ ଅଦରକାରୀ ଭାବିବା ମଣିଷର ଅଜ୍ଞତାକୁ ହିଁ ସୂଚାଇଥାଏ ଯେହେତୁ ଆଜି ମଧ ମଣିଷ ପ୍ରକୃତି ମଧ୍ୟରେ ଲୁଚି ରହିଥିବା ସମସ୍ତ ରହସ୍ୟକୁ ଭେଦ କରିବାରେ ଅସମର୍ଥ ଏବଂ ଏହା ହିଁ ମଣିଷକୁ ଇଶ୍ୱରଙ୍କ ଉପରେ ବିଶ୍ୱାସ କରିବା ପାଇଁ ବାଧ କରିଥାଏ । ଏ ପରିପ୍ରେକ୍ଷୀରେ ପୁରାଣ ବର୍ଣ୍ଣିତ ଗଣେଶଙ୍କ ମୂଷିକ ବାହନ ପ୍ରସଙ୍ଗ ଆମକୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ମହତ୍ତ୍ୱ ଦେବାର ମହତ ବାର୍ତ୍ତା ବହନ କରିଥାଏ । ଏହାକୁ ସମସ୍ତେ ଉପଲବ୍ଧି କରିପାରିଲେ ପ୍ରକୃତିର ସୁରକ୍ଷା ସହ ମାନବ ଜାତିର ଭବିଷ୍ୟତ ମଧ ସୁରକ୍ଷିତ ହୋଇ ପାରିବ ।

ଏହିପରି ଭାବେ ପୁରାଣର ଅନେକ ସ୍ଥାନରେ ପ୍ରକୃତିପ୍ରେମ, ପରିବେଶ ସୁରକ୍ଷା ତଥା ଜୈବ ବିବିଧତା ରକ୍ଷା କରିବାର ମହାନ ବାର୍ତ୍ତା ଦିଆଯାଇଛି । ପୁରାଣରେ ପ୍ରକୃତିପ୍ରେମୀ ଶିବ ସଂସାରର ସର୍ବ ପ୍ରଥମ ପରିବେଶବିତ୍ ତଥା ତାଙ୍କ ପରିବାର ଜୈବ ବିବିଧତାର ସଂରକ୍ଷକ ରୂପେ ଦୃଷ୍ଟିଗୋଚର ହୁଅନ୍ତି । ଭଗବାନ ଶିବ ମଣିଷକୁ ପ୍ରକୃତି ସହ ବଞ୍ଚିବାର କଳା ଶିଖାଇଛନ୍ତି । ପୁରାଣ ଅନୁସାରେ ଶିବ ହେଉଛନ୍ତି ସବୁଠାରୁ ବଡ଼ ପ୍ରକୃତିପ୍ରେମୀ । ସେଥିପାଇଁ ତ ସେ ହିମାଳୟ କୋଳରେ ସ୍ଥିତ କୈଳାସ ପର୍ବତର ମନୋରମ ପ୍ରାକୃତିକ ପରିବେଶ ଯେଉଁଠି ସୁଉଚ୍ଚ ପାହାଡ଼, ଘନ ଜଙ୍ଗଲ, କୁଳୁକୁଳୁ ନାଦରେ ବହିଯାଉଥିବା ଝରଣା ଓ ଉନ୍ମୁକ୍ତ ଆକାଶ ତଳେ ନିବାସ କରନ୍ତି । ସେ ବନ୍ୟପ୍ରାଣୀଙ୍କୁ ଭଲ ପାଆନ୍ତି । ସେଥିପାଇଁ ସେ ପଶୁପତି ନାମରେ ବିବେଚିତ ହୁଅନ୍ତି । ସେ ପ୍ରକୃତି ଓ ବନ୍ୟପ୍ରାଣୀଙ୍କ ସଂରକ୍ଷକ । ତାଙ୍କ ପରିବାରରେ ସାପ, ମୂଷା, ସିଂହ, ବୃଷଭ, ମୟୂର ଇତ୍ୟାଦି ଅନ୍ତର୍ଭୁକ୍ତ । ଏ ସମସ୍ତଙ୍କ ସ୍ୱଭାବ ଭିନ୍ନ ଏବଂ ଏମାନଙ୍କ ମଧ୍ୟରେ ଖାଦ୍ୟ-ଖାଦକ ସମ୍ପର୍କ ଥିବା ସତ୍ତ୍ୱେ ସମସ୍ତେ ଗୋଟିଏ ପରିବାର ଭଳି ମିଳିମିଶି ରହିବା ବିବିଧତା ମଧ୍ୟରେ ଏକତ୍ର ବଞ୍ଚିବାର ମହାନ ଧାରଣାକୁ ଉଜ୍ଜୀବିତ କରେ ତଥା ସମାଜରେ ସମସ୍ତଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିବାର କୌଶଳ ଶିକ୍ଷା ଦିଏ ।

ଭଗବାନ ଶିବ ହେଉଛନ୍ତି ଏକମାତ୍ର ଦେବତା ଯିଏ ତାଙ୍କ ବେକରେ ସାପ ବହନ କରନ୍ତି । ଯଦି ଦେଖାଯାଏ, ସାପଟି ଅତ୍ୟନ୍ତ ବିପଜ୍ଜନକ ପ୍ରାଣୀ, କିନ୍ତୁ ଏହା ବିନା କାରଣରେ କାହାକୁ କାମୁଡ଼େ ନାହିଁ । ସାପ ହେଉଛି ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଜୀବ ଯାହା ମୂଷା ଭଳି ଅନିଷ୍ଟକାରୀ ପ୍ରାଣୀଙ୍କୁ ଖାଇ ଏହାକୁ ନିୟନ୍ତ୍ରଣ କରିବାରେ ମଣିଷମାନଙ୍କୁ ସାହାଯ୍ୟ କରେ । କିନ୍ତୁ କିଛି ଲୋକ ଭୟ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସର୍ପମାନଙ୍କୁ ହତ୍ୟା କରନ୍ତି । ଯଦି ଜୀବନ ପରିଚାଳନା ଦୃଷ୍ଟିକୋଣରୁ ଦେଖାଯାଏ, ଭଗବାନ ଶିବ ସାପକୁ ବେକରେ ଧରି ବାର୍ତ୍ତା ଦିଅନ୍ତି ଯେ ଜୀବନଚକ୍ରରେ ପ୍ରତ୍ୟେକ ପ୍ରାଣୀଙ୍କର ନିଜର ବିଶେଷ ଅବଦାନ ରହିଛି । ତେଣୁ ବିନା କାରଣରେ କୌଣସି ପ୍ରାଣୀକୁ ହତ୍ୟା କର ନାହିଁ ।

ଭଗବାନ ଶଙ୍କର ତାଙ୍କ ଅର୍ଦ୍ଧନାରୀଶ୍ୱର ରୂପରେ ଆମକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଯେମିତି ଉଭୟ ପୁରୁଷ ଏବଂ ମହିଳା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି ଏବଂ ଉଭୟ ପରସ୍ପର ବିନା ଅସମ୍ପୂର୍ଣ୍ଣ ଅଟନ୍ତି ଠିକ୍ ସେହିପରି ମାନବ ଜୀବନ ମଧ ପ୍ରକୃତି ବିନା ଅସମ୍ପୂର୍ଣ୍ଣ ଅଟେ । ଆଧୁନିକତାର ନାମରେ ମଣିଷ ଆଜି ପ୍ରକୃତି ଠାରୁ ଦୂରେଇ ଯାଇଛି । ଘର ପ୍ରାଙ୍ଗଣରେ ତୁଳସୀ, ବେଲ ଭଳି ଗଛ ଲଗାଇବା ପରମ୍ପରା ଆଉ ନାହିଁ । ପ୍ରାଙ୍ଗଣରେ ଗଛ ବଦଳରେ ମଣିଷ ଗଗନଚୁମ୍ବୀ ଅଟ୍ଟାଳିକା ଠିଆ କରୁଛି । ଆଧୁନିକତାର ଦୌଡ଼ରେ ମନୁଷ୍ୟ ପ୍ରକୃତିକୁ ନଷ୍ଟ କରିଚାଲିଛି । ବିକାଶ ନାମରେ ପ୍ରକୃତିକୁ ବିନାଶ କରିଚାଲିଛି । ଆଜି ପ୍ରକୃତି ସହିତ ବଞ୍ଚିବାର ପ୍ରାଚୀନ ପରମ୍ପରା ବନ୍ଦ ହୋଇଯାଇଛି ଯାହାର ଭୟଙ୍କର ପରିଣାମ ଆଜି ମାନବ ସଭ୍ୟତାକୁ କରୋନା ଭଳି ଭୟଙ୍କର ମହାମାରୀ ରୂପେ ଭୋଗିବାକୁ ପଡୁଛି ।

ପ୍ରକୃତି ସହିତ ମଣିଷର ସମ୍ପର୍କ ପ୍ରାକୃତିକ । କିନ୍ତୁ ଆଧୁନିକ ମଣିଷ ଏ କଥାକୁ ଭୁଲିଯାଇଛି । ସଭ୍ୟତା ଏବଂ ସଂସ୍କୃତିର ବିକାଶ ଏବଂ ଆକର୍ଷଣ ମନୁଷ୍ୟକୁ ପ୍ରକୃତି ଠାରୁ ଦୂରେଇ ଦେଇଛି । ଆଜି ଆଧୁନିକତାର ଦୌଡରେ ମଣିଷ ପ୍ରକୃତିକୁ ନଷ୍ଟ କରିଚାଲିଛି । ଘର ପ୍ରାଙ୍ଗଣରେ ତୁଳସୀ, ବେଲ ଭଳି ଗଛ ଲଗାଇବା ପରମ୍ପରା ଆଉ ନାହିଁ । ପ୍ରାଙ୍ଗଣରେ ଗଛ ବଦଳରେ ମଣିଷ ଗଗନଚୁମ୍ବୀ ଅଟ୍ଟାଳିକା ଠିଆ କରୁଛି । ପ୍ରକୃତି ସହିତ ବଞ୍ଚିବାର ପରମ୍ପରା ବନ୍ଦ ହୋଇଯାଇଛି ଯାହାର ଭୟଙ୍କର ପରିଣାମ ଆଜି ମାନବ ସଭ୍ୟତାକୁ କରୋନା ମହାମାରୀ ରୂପେ ଭୋଗିବାକୁ ପଡୁଛି ।

ବିଜ୍ଞାନ ବଳରେ ବଳିୟାନ ମନୁଷ୍ୟ ଅହଂକାରର ବଶବର୍ତ୍ତୀ ହୋଇ ଶିବଙ୍କୁ ଚିହ୍ନି ପାରୁନାହିଁ । ପ୍ରକୃତିକୁ କ୍ଷତି କରି ସେ ପ୍ରକୃତି ପ୍ରେମୀ ଶିବଙ୍କୁ ଅପମାନିତ ଓ କ୍ରୋଧିତ କରୁଛି । ଭଗବାନ ଶଙ୍କର ତାଙ୍କ ଅର୍ଦ୍ଧନାରୀଶ୍ୱର ରୂପରେ ଆମକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ପୁରୁଷ ଅର୍ଥାତ୍ ମାନବ ଜୀବନ ପ୍ରକୃତି ବିନା ଅସମ୍ପୂର୍ଣ୍ଣ ଅଟେ । ପ୍ରକୃତି ଠାରୁ ଦୂରେଇ ଯିବା ହିଁ ଆଜି ମନୁଷ୍ୟ ଦୁଃଖର ମୂଳ କାରଣ । କିନ୍ତୁ ଆଧୁନିକ ମଣିଷ ପ୍ରକୃତିକୁ ନଷ୍ଟ କରି ନିଜ ଗୋଡକୁ ନିଜେ କୁଠାରଘାତ କରୁଛି ।

ଆଜି ବି ସମୟ ଅଛି । ଆଧୁନିକ ମଣିଷ ପ୍ରକୃତିକୁ ନଷ୍ଟ କରି ତୃତୀୟ ଆଖିରେ ସବୁକିଛି ନଷ୍ଟ କରିବାର ଶକ୍ତି ରଖୁଥିବା ମହାଦେବଙ୍କ ଧୈର୍ଯ୍ୟର ସୀମାକୁ ଅତିକ୍ରମ ନ କରୁ । ପ୍ରକୃତିର ମହତ୍ତ୍ୱକୁ ଉପଲବ୍ଧି କଲେ ହିଁ ଯାଇ ମନୁଷ୍ୟ ଶିବ ଅର୍ଥାତ୍ କଲ୍ୟାଣ ପ୍ରାପ୍ତ କରିବା ସମ୍ଭବ । ଭଗବାନ ଶିବଙ୍କ ମାଧ୍ୟମରେ ପୁରାଣ ଆମକୁ ଏହି ବାର୍ତ୍ତା ଦେଇଥାଏ । ଏହି ବାର୍ତ୍ତାକୁ ଉପଲବ୍ଧି କରିପାରିଲେ ହିଁ ଆଜି ପ୍ରକୃତିର ସୁରକ୍ଷା ତଥା ମାନବ ଜାତିର କଲ୍ୟାଣ ସମ୍ଭବପର ହୋଇପାରିବ ।


♥ବ୍ରହ୍ମପୁର





## ଅଯୋଗ୍ୟା ମୁଁ



**ତପନ ସାହୁ**

ବିନ୍ଦୁ ବିନ୍ଦୁ ତ୍ରୁଟି ମିଶୁଥିଲା
ତୋ ମୋ ପଛରେ
ନା ତୁ ଜାଣିଲୁ
ନା ମୁଁ ଶୁଣି ପାରିଲି ତା ଆହଟ

ମାଟିର ନିଶବ୍ଦ କମ୍ପନରେ
ବଢୁ ଥିଲା ଫାଟ
ସମ୍ପର୍କର ସେତୁ ଦୁର୍ବଳ ହେଉଥିଲା
ଦିନକୁ ଦିନ
ତୁ ଦେଖି ପରିଲୁ
ନା ମୁଁ ଅନୁଭବିଲି ତା ଆଭାସ

ଆଖିରୁ ନିଦ
ପେଟରୁ ଭୋକ ହଜୁଥିଲେ ପ୍ରତିଦିନ
ଦେହ ଜରାଜୀର୍ଣ୍ଣ
ଆଖିତଳ କଳା ପଡୁଥିଲା

ମୁଁ ଭାବିଲି ଏ ତ ପ୍ରେମ ରଙ୍ଗ
ରଚୁଛି ରଚୁ
ତୁ ଭାବିଲୁ ବୟସ ଦୋଷ
ଆଦରି ନେଲୁ

ଦେଖିଲୁ ତ
ମୋ କଟା ଆଙ୍ଗୁଠିରୁ ରକ୍ତ
ବନ୍ଦ କରିବାର ପରିଣାମ
ତୋ ପାଟି ସାରା, ମୋ ବିଷାକ୍ତ ରକ୍ତର
ସଂକ୍ରମଣରେ ତୁ ଏବେ ରୁଗ୍ଣ

କେତେ ଆଉ ଚାପି ରଖିବୁ ଆବେଗ
ତିଳ ତିଳ ହୋଇ
ଜଳୁଥିବୁ ଦିନ, ମାସ, ବର୍ଷ
ଈଶ୍ୱର ଭାବି ପୂଜୁଥିବୁ ପାଦ

ତୋ ଆଖିରୁ ନିଦ
କପାଳରୁ ଭାଗ୍ୟ ପୋଛିଲା ପରେ
ମୁଁ କେମିତି ହେଲି ତୋ ପ୍ରିୟ
ତୋ ନିହାଣର ପ୍ରହାରେ ଯଦି
ସାଜିଲିନି ମୂର୍ତ୍ତି
ତା'ହେଲେ କେମିତି କହିବି
ମୁଁ ତୋ ପାଇଁ ଯୋଗ୍ୟ... ?


♥ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି,
ମୋ: ୯୦୧୯୩୧୧୮୬୮


## ପ୍ରେମିର ବିରହ

**ଜିତୁ ପ୍ରଧାନ**

ତମେ ସଜ ଫୁଟା ଗୋଲାପର କଢ଼ି
ପ୍ରେମର ଧାରୁଆ ଛୁରୀ
ବକ୍ଷ ପରେ ତମେ ପ୍ରତାରଣା ଭରି
ଛାତିକୁ ଦିଅ ମୋ ଚିରି ।

ରକ୍ତ ବିନ୍ଦୁ ନେଇ ବିନ୍ଦି ତମ କରି
ମଥାରେ ନାଇବ ଥରେ
ରକ୍ତ ସୁଅ ପରେ ପାଦ ଥାପି ଥାପି
ଚାଲି ଯିବ ରକ୍ତ ଧାରେ ।

ଗଲା ବେଳେ ପ୍ରିୟା ପ୍ରେମକୁ ମୋହର
ପୋଛି ଦବ ଭାବି ଲୁହ
ସକାଳେ ବୁଝିବେ ପ୍ରେମର ଭାଷା ରେ
ପୁରି ଅଛି ଖାଲି କୋହ ।

କେବେ ଛୁଇଁ ନାହିଁ ଅନ୍ତରକୁ ତମ
ପାରିବକି ତମେ କହି
ତମ ପାଇଁ ମୋର ଅନ୍ତରର ଝରେ
ପ୍ରମର ଗୋଲାପୀ ନଈ ।

ତମେ ଜହ୍ନ ରାତି ମୋ ଦେହର ତାତି
ଅଳପ ଅଳପ ଭିଜ
ଅନ୍ଧକାରେ ରହି କାହିଁ କେତେ ଚାହିଁ
ଦେଖାଅ ଅଳସି ଲାଜ ।

ତୁମେ ଗୋ ପ୍ରେମିକା ମଧୁର ବସନ୍ତ
ସ୍ନିଗ୍ଧ ଜ୍ୟୋସ୍ନା ଧାରା
କେବେ ପୁଣି ଶୁଭ୍ର ମଳୟ ସମୀର
ତପ୍ତ ଗ୍ରୀଷ୍ମ ଖରା ।


♥ସ୍ନାତକ ଦ୍ୱିତୀୟ ବର୍ଷ କଳା
( ଓଡ଼ିଆ ବିଭାଗ)
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼
ମୋ - ୭୬୮୧୦୪୪୮୬୪


## ସତମିଛ



**ଜଗଦୀଶ ସାହୁ**

ସତ କହିବାକୁ ପିଲାଦିନେ ମୋର
ମନରେ ଆଗ୍ରହ ଥିଲା
ଧୀରେ ଧୀରେ ମିଛ କହିବା ଶିଖିଲି
କାହିଁକି ଏମିତି ହେଲା ? !

ନିଜକୁ ନିଜେ ମୁଁ କେତେ ପଚାରିଲି
ଉତ୍ତର ପାଇବା ପାଇଁ
ଉତ୍ତର ମିଳିଲା ସମୟର ଖେଳ
କାହାର ବି ଦୋଷ ନାହିଁ

ସମୟ ଖେଳର ଗାୟକ, ନାୟକ,
ମାଲିକ ଉପରୱାଲା !

ମିଛ ମହାପାପ ଜାଣିବା ପରେ ବି
ତଥାପି କହିଲି ମିଛ
ମିଛରେ ମିଛରେ ଘରଟେ ତୋଳିଲି
ସତକୁ ମଣିଲି ତୁଚ୍ଛ

ଫୋଟକା ପରିକା ସତପାଣି ଦେହେ
ମିଛଟା ମିଳେଇ ଗଲା !

ସତଥିଲେ ଭାତ ମିଳିବ ନିଶ୍ଚିତ
ମିଛ ଦିନେ ଯିବହାରି
ବୁଝି ବି ଅବୁଝା ହୁଅନ୍ତି ସଭିଏଁ
ଜାଣି ନ ଜାଣିଲା ପରି
ସତ ନ କହିଲେ ମିଛ କୁହନାହିଁ
ପାଟିରେ ପକାଅ ତାଲା !


♥ ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :୯୦୭୮୧୮୫୬୧୬


## ଅସରନ୍ତି ପ୍ରତୀକ୍ଷାରେ



**ବୃନ୍ଦାବନ ଦାସ**

ଏକଦା
ମୁହୂର୍ତ୍ତଟିଏକୁ ଟିପେ ଅଙ୍ଗୁଳି ଛୁଆଁରେ
କି ରଙ୍ଗ ନାଇଦେଲ ଯେ
ଆଜି ବି ତ' ସେ
ଯୋଜନ ଯୋଜନ ଦୂରରେ
କେଉଁ ସମ୍ମୋହିତ ମନ୍ତ୍ରରେ ଦାଉ ଦାଉ
ଆଖି ଝଲସଉଛି ।

ଅତୀତ ତମକୁ ଛୁଏଁନି ବୋଲି
ଏବେ କେଉଁଠି ନା' କେଉଁଠି ଅସ୍ତିତ୍ୱର
ବୈଭବରେ ତମେ ବେଶ୍ ପରିପୂର୍ଣ୍ଣ
ମୁଁ ବି ତମ ପୃଥିବୀର ଜଞ୍ଜାଳ ବାହାରେ
ଯେଉଁଠି କେବଳ ମୁଁ ଥାଏ
ସ୍ୱପ୍ନସବୁ ମୋ
ଦିନ ଗଣୁଥାନ୍ତି ଅସମ୍ଭବ
ଆତ୍ମ ପ୍ରତ୍ୟୟରେ
ତଥାପି ତମ ପ୍ରତୀକ୍ଷାରେ ।

ଅଜଣାତରେ
କେତେବେଳେ ମୁଁ ତମ
ମେଘବର୍ଣ୍ଣ ଭ୍ରୁଲତା ଛୁଇଁ
ତମ ଥରଥର ଓଠଠୁଁ ଟିକେ ଦୂରତାରେ
ଲୋଟି ପଡୁଥାଏ ଚଇତାଳି ବାଆ
ହୋଇ ।

ଦିନୁଦିନୁ ସମୟ ପରିପକ୍ୱ ହେଉଥାଏ
ମୁଁ ବି ହଜି ସାରିଥାଏ ତମ ଆଖପାଖରୁ
କେବେଠୁଁ ଶୁଖିଲା ପତ୍ରପରି
ସମୟ ସୁଅରେ ଭାସି ଚାଲିଥାଏ ମୁଁ ଯେ
ବିଶିଷ୍ଟ ସେ ମୁହୂର୍ତ୍ତ
ଜହ୍ନହୋଇ ଓଦା କରୁଥାଏ ହ ?ଦୟକୁ
ସରୁନଥାଏ ସ୍ରୋତ କି ଗତି
ଛୁଇଁ ପାରୁନଥାଏ ମୁଁ ଠିକଣା ।

ହଁ, ତମେ ଥାଅ
ବେଢ଼ି ରହିଥାଅ ଚାରିପଟେ
ଏଇଠୁ କେଉଁଠୁ ତମ ଦେହଗନ୍ଧରେ
ବିଭୋର
ପବନ ତା' ହାତ ସାଉଁଳାରେ
ଆମୋଦିତ କରୁଥାଏ ମୁହୂର୍ତ୍ତକୁ ମୁହୂର୍ତ୍ତ ।

କମିବା ବଦଳରେ
ଶୋଷ ବି ବଢୁଥାଏ ପୂର୍ବଠୁ ଅଧିକ
ତମପାଇଁ ମହମହ ଅସରନ୍ତି ପ୍ରତୀକ୍ଷାର ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ: ୯୭୭୭୮୪୩୦୩୧






# ଅଭିମାନ



ଝରଣା ବାରିକ



ଅଭିମାନର ଭାରଟା ବହୁତ ବଢ଼ି ଯାଇଥାଏ ମୋର । ମନେ ମନେ ଭାରି ଗାଳି କରୁଥାଏ ବାପାଙ୍କୁ। କେତେବେଳେ ମୋ ଘରକୁ ଆସୁ ନାହାନ୍ତି। ଭଲ ମନ୍ଦ ପର୍ବ ପର୍ବାଣୀ ହେଲେ ଟଙ୍କା ପଠେଇ ଦେଲେ କାମ ସରିଗଲା ଯେମିତି ତାଙ୍କର। ଫୋନ କରି କଥା ହେବାକୁ ବି ଇଛା ହୁଏ ନାହିଁ । ଭାଉଜ ମାନେ ଫୋନ କରନ୍ତି, ତାଙ୍କ ସାଙ୍ଗରେ ଦିପଦ ଭଲ ମନ୍ଦ କଥା ହେଇ ଫୋନ୍ କାଟିଦିଏ। ଦୁଇ ଦିନ ହେବ କାମ ବ୍ୟସ୍ତ ଯୋଗୁଁ ଘରକୁ ଫୋନ୍ କରି ନ ଥାଏ ତିନି ଦିନ ପରେ ଭାଉଜ ସକାଳୁ ଫୋନ୍ କଲା ଅପା କେମିତି ଅଛ, କ'ଣ କରୁଛ ,ଏମିତି ପଚାରି ବୁଝିଲା। ମୁଁ ତାକୁ ପଚାରିଲି କଣ କିରେ ଆଜି କ'ଣ ସକାଳୁ ଫୋନ୍ କରିଛୁ କ'ଣ କାମ ସରିଲାଣି କି ତୋର, ତୁ ଏତେ ବେଳେ ତ ଫୋନ କରୁନି ? ମୋ କଥା ଶୁଣି ସେ କାନ୍ଦ କାନ୍ଦ ହୋଇ କହିଲା ଅପା ଜାଣିଛ ! ବାପାଙ୍କ ଦେହ ଭଲ ନାହିଁ କାଲି ରାତି ଦୁଇଟାରୁ ଆମ୍ବୁଲାନ୍ସ ଡାକି ତମ ଭାଇ ମେଡିକାଲ ନେଇ ଯାଇଛନ୍ତି। ମୁଁ ଆଉ କ'ଣ କହିବି କିଛି ବୁଝି ପାରିଲି ନାହିଁ । ଆଗ ତାକୁ ବହେ ଗାଳି କରି ପକେଇଲି ତାପରେ ଯାହା ପଚାରିଲି। ବାପାଙ୍କ ଦେହ ଖରାପ ତୁ ମତେ ସେ କଥା ନ କହିକି ମୋ ଭଲ ମନ୍ଦ ପଚାରି ବୁଝୁଛୁ ? ସିଏ ମତେ ଯେତେ ବୁଝେଇବାକୁ ଚାହିଁଲା ମୁଁ ତାର କୌଣସି କଥା ଶୁଣିବା ମୁଡ୍ ରେ ନ ଥାଏ। ତାକୁ ପଚାରିଲି କଣ ହେଇଛି ସିଏ କହିଲା ନିଃଶ୍ୱାସ ନେବାରେ କଷ୍ଟ ହେଉଛି ଆଉ ହାତ ଗୋଡ ଗଣ୍ଠି ସବୁ ବିନ୍ଧା ହେଉଚି। ଆଉ ତାଙ୍କୁ କଟକ ନିଆ ଯାଇଛି, ଆଡ଼ମିଶନ କରା ଯାଇଛି।

ଏ କଥା ଶୁଣିଲା ପରେ ମୋ ମନ ଆଉ କୋଉଠି ଲାଗିଲା ନାହିଁ । କଟକ ଯିବା ପାଇଁ ବାହାରିଲି ଭାଇ ପାଖକୁ ଫୋନ କରି ବାପାଙ୍କ ଦେହ ବିଷୟରେ ପଚାରିଲି । ସେ କିଛି କହିଲା ନାହିଁ । ଖାଲି ଏତିକି କହିଲା ତୁ ବ୍ୟସ୍ତ ହଅନା । ବାପା ଭଲ ଅଛନ୍ତି, ଆଇସିୟୁ ରେ ଅଛନ୍ତି ଅକ୍ସିଜେନ ଲାଗିଛି । ଏକଥା ଶୁଣି ମୋ ମୁଣ୍ଡ ଆହୁରି ଖରାପ । କରୋନା ପରିସ୍ଥିତି ଲକଡାଉନ ସମୟ ପଇସା ପତ୍ର ଭାରି ଅସୁବିଧା ହେଲେବି ମତେ ଯେମିତି ହେଲେ କଟକ ଯିବାକୁ ପଡ଼ିବ । କାହା ଠାରୁ ଧାର କରିବା ପଛେ କିନ୍ତୁ କଟକ ନେଇକି ଚାଲ ବୋଲି ଜିଦ୍ ଧରି ବସିଲି।

ସେଦିନ ସନ୍ଧ୍ୟା ବେଳକୁ ଗୋଟିଏ ଅନୋନ ନମ୍ବରରୁ ଫୋନ ଆସିଲା ସେ ପୁଣି ଭିଡିଓ କଲ୍। ରିସିଭ୍ କରିବି କି କରିବିନି ଭାବିଲି ପୁଣି କ'ଣ ଭାବିଲି କେଜାଣି ଫୋନଟାକୁ ରିସିଭ କଲି। ସେପଟେ ଥିବା ଲୋକର ଚେହେରା ଦେଖି ମୁଁ ବିଶ୍ୱାସ କରି ପାରିଲିନି। ମତେ ଦେଖି ସେ କହିଲେ ଗୁନା ମୋ ଦେହ ବହୁତ ଖରାପ ମୁଁ କଟକ ମେଡିକାଲ ରେ ଅଛି ତୁ ଟିକେ ଆସିବୁ। ତାଙ୍କ କଥା ଶୁଣି ଠକ୍ ଠକ୍ ଲୁହ ବୋହିଗଲା ମୋ ଆଖିରୁ ମୋ କଥା ଶୁଣି ସେ ଜାଣି ପାରିଲେ ମୁଁ କାନ୍ଦୁ ଛି ମତେ ବୁଝେଇ ଦେଇ କହିଲେ ତୁ କାହିଁ କାନ୍ଦୁଛୁ ମୁଁ ଭଲ ଅଛି ଡକ୍ଟର କହୁଛନ୍ତି ହାର୍ଟ ପ୍ରୋବ୍ଲେମ ଅଛି ଅପରେସନ ହେବ। ମୁଁ କହିଲି ହଁ ମୁଁ ଜାଣିଛି ମୁଁ କାଲି ଯାଇ ପହଞ୍ଚିବି । ବାପା ମତେ ମନା କରିଦେଲେ ନାଁ ନାଁ ତୁ କାଲି ଆସିବୁନି । ମୋର ଯୋଉ ଦିନ ଅପରେସନ ହେବ ସେଇ ଦିନ ଆସିବୁ। ଅଳ୍ପ ସମୟ କଥା ହେଇଥାନ୍ତା ଫୋନ କାଟିଲି।

ଅପରେସନ ଦିନ ସକାଳୁ ମୁଁ ଯାଇ ମେଡିକାଲ ରେ ପହଞ୍ଚିଲି। ସେତେବେଳକୁ ବାପାଙ୍କୁ ଓଟି ଭିତରକୁ ନିଆ ସରିଥାଏ । ଆମେ ସମସ୍ତେ (ଦାଦା, ଭାଇ, ମୁଁ, ମୋ ସ୍ୱାମୀ) ଅପେକ୍ଷା କରିଥାଉ ଓଟି ବାହାରେ। କିନ୍ତୁ ବହୁତ ସମୟ ହୋଇଗଲା ବାପାଙ୍କ ନାଁ ଡକା ହେଲା ନାହିଁ । ଖରାବେଳ ଖାଇବା ସମୟ ହେବାରୁ ଆମେ ସମସ୍ତେ ଖାଇବାକୁ ବାହାରକୁ ଚାଲିଗଲୁ । ସମୟ ଆସି ସନ୍ଧ୍ୟା ପାଞ୍ଚଟା ହେବାକୁ ବସିଲାଣି ବାପା କିନ୍ତୁ ଓଟିରୁ ବାହାରିଲେ ନାହିଁ।

ଗେଟ୍ ଜଗୁଆଳିକୁ ଅନୁରୋଧ କରି ଭିତରକୁ ଗଲି। ସେଇଠି ଜାଣିବାକୁ ପାଇଲି ବାପାଙ୍କର ସିରିୟଲ ନମ୍ବର ପଡିନି । ଯାହାବି ହେଉ ମୁଁ ଟିକେ ବାପାଙ୍କୁ ଦେଖି ଦିଏ ଭାବି ଭିତରକୁ ଗଲି ମୁଁ ଭାବୁଥାଏ ବାପା ଯେମିତି ମତେ ନ ଦେଖନ୍ତୁ । ମୁଁ ମୁହଁରେ ମାସ୍କ ଦେଇ ଥିଲି ବାପା ବସିଥିବା ରୁମ୍ ଭିତରକୁ ନ ଯାଇ ଦୁଆର ମୁହଁ ରେ ଠିଆ ହୋଇ ବାପାଙ୍କୁ ଦେଖି ଦେଲି ମୁଁ ବାହାରକୁ ଚାଲି ଆସିଲା ପରେ ମୋତେ ପଛରୁ କିଏ ଡାକିଲା । ମୁଁ ଫେରି ଚାହିଁଲା ବେଳକୁ ବାପା ମୋ ଆଡ଼କୁ ଆସୁଛନ୍ତି । ମୋ ଆଖିରୁ ଲୁହ ବୋହି ବା ଆଗରୁ ମୁଁ ନିଜକୁ ସମ୍ଭାଳି ନେଇ ବାପାଙ୍କୁ ମୁଣ୍ଡିଆ ମାରିଲି। ମୁଁ କହିଲି ତମେ ମତେ ଜାଣି ପାରିଲ ବାପା କହିଲେ କି କଥା କହୁଚୁ ମୁଁ ତତେ ଜାଣି ପାରିଲବିନି । ମୁଁ ପୁଣି ଫେରିଗଲି ବାପା ବସିଥିବା ରୁମ୍‌କୁ । ୟାଙ୍କୁ ବି (ମୋ ସ୍ୱାମୀ)ବି ଡାକି ନେଲି ଦୁହେଁ ବସି ବାପାଙ୍କ ସହିତ କଥା ହେଲୁ। ବାପା ବହୁତ କରି କହୁଥିଲେ ତୁ ଆଜି ଆମ ଘରେ ରହିଯା କାଲି ସକାଳେ ତାଳଚେର ଚାଲିଯିବୁ। ମୁଁ କହିଲି ନାହିଁ ତମକୁ ତ ଦେଖିଲି ଘରକୁ କ'ଣ ପାଇଁ ଯିବି ମୁଁ ପିଲାମାନଙ୍କୁ ଘରେ ଛାଡିଦେଇ ଆସିଛି।

କିଛି ସମୟପରେ ସମୟ ଅଧିକ ହେଇ ଯାଇ ଥିବାରୁ ଅପରେସନ ହେଲା ନାହିଁ ।ଆଉ ଦୁଇ ଦିନ ପରେ ହେବ ବୋଲି ଡକ୍ଟର କହିଲେ। ସକାଳୁ ବାପା କିଛି ଖାଇ ନଥାନ୍ତି ସେତେବେଳ କୁ ତାଙ୍କୁ ଜୋରରେ ଭୋକ ହେଉଥାଏ ସମୟ ସାଢ଼େ ପାଞ୍ଚଟା।

କଣ ଆଣିଛୁ ଦେ, ମୁଁ ଖାଇ ଦିଏ ବୋଲି ମତେ ମାଗିଲେ। ଅପରେସନ ହେଲେ ସେଦିନ କିଛି ଖାଇବେ ନାହିଁ ବୋଲି ମୋ ଭାଇ କହିଥିଲା । ମୁଁ କିଛି ଫଳ ଆଉ ଫଳ ରସ ନେଇକି ଯାଇଥାଏ। ମୁଁ ନେଇ ଥିବା ବ୍ୟାଗ ଖୋଜି ପକେଇଲେ ଫଳ ଆଉ ଫଳ ରସ ଦେଖି ମୁହଁ ତାଙ୍କର ଶୁଖିଗଲା । ମୁଁ ପଚାରିଲି କ'ଣ ଖାଇବ ବାପା, ବାପା ମତେ କହିଲେ ଜୋର ଭୋକ ଲାଗିଲାଣି ସକାଳୁ କିଛି ଖାଇନି। ମେଡିସିନ୍ ବି ଖାଇନି ଭାରି କଷ୍ଟ ଲାଗିଲାଣି। ଭାତ ଦିଟା ଦିଅନ୍ତୁ ଯଦି ଭଲ ହୁଅନ୍ତା । କଟକରେ ସନ୍ଧ୍ୟା ଛଅଟାରେ ଭାତ କୋଉଠି ମିଳିବ ? ମୁଁ କହିଲି ଏବେ ତ ଭାତ ମିଳିବ ନାହିଁ ତମେ ଫଳ ଦିଟା ଖାଇ ଦିଅ ମୁଁ ରାତି ରେ ମନୋଜ କୁ କହି ଦେଉଛି ତୁମ ପାଇଁ ଭାତ ଆଣି ଦେବ ।ମୋ କଥା ମାନି ସେଓ ଗୋଟିଏ ଧରି କାମୁଡ଼ି କାମୁଡି ଖାଉ ଥିଲେ ବାପା। ମୋତେ ସେଦିନ ମୋ ବାପା ଗୋଟିଏ ଛୋଟ ଛୁଆ ପରି ଲାଗୁଥିଲେ। ବାପା ଯେତେବେଳେ ଦୋକାନ ରୁ ଘରକୁ ଫେରନ୍ତି କଣ ଆଣିଛନ୍ତି ବୋଲି ଆମେ ଭାଇ ଭଉଣୀ ମିଶି ବ୍ୟାଗ ଭିତରେ ଖୋଜି ପକାଉ, ସେମିତି ମୋ ବାପା ମୋ ବ୍ୟାଗ ଟିକୁ ଖୋଜି ଚାଲିଥିଲେ ।ମୁଁ ବସ୍ ରେ ତାଳଚେର ଫେରିଲି

ବାଟ ସାରା ମୋ ବାପାଙ୍କର ସେଇ ନିରିହ ଚେହେରା ମୋ ଆଖି ଆଗରେ ନାଚି ଯାଉଥିଲା।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ: ୯୫୫୬୮୪୬୯୩୨

# ଅସହାୟତାର ବିଳାପ

ସୁନନ୍ଦା ମହାନ୍ତି

ପାର୍କର ସେହି ନିଛାଟିଆ ବେଞ୍ଚରେ ବସିପଡ଼ି ଅନୁଭବବାବୁ ଦୀର୍ଘନିଶ୍ୱାସ ଟିଏ ପକାଇଲେ। ଏଇ ମାସ ଏକତିରିଶ ତାରିଖରେ ତାଙ୍କୁ ସରକାରୀ ଚାକିରୀରୁ ଅବସର ନେବାକୁ ହେବ। ମୁଣ୍ଡରେ ହାତ ବୁଲାଇ ଆଣିଲେ ଅନୁଭବବାବୁ। ପୁଅ ଝିଅ ଦୁଇଟିଙ୍କୁ ନେଇ କେତେ ସ୍ୱପ୍ନ ଦେଖିଥିଲେ ସେ, ଦୁହେଁ ବି ବହୁତ ଭଲ ପଢୁଥିଲେ। ସବୁ ଶ୍ରେଣୀରେ ପ୍ରଥମ ବା ଦ୍ୱିତୀୟ ହୋଇ ବୃତ୍ତି ମଧ ପାଉଥିଲେ। ଶାନ୍ତ ଶିଷ୍ଟ ନମ୍ର ପିଲା ଦୁଇଟିଙ୍କୁ ଦେଖି ସମସ୍ତେ କୁହନ୍ତି ରତ୍ନ ପାଇଛନ୍ତି। ଧନ ସଂପତ୍ତି କଣ ହେବ, ପିଲା ମାନେ ଯୋଗ୍ୟ ହେଲେ ବଳେ ଧନ ସମ୍ପତ୍ତି ଆସିଯିବ। ହେଲେ ପିଲାଦୁହେଁ ଯୋଗ୍ୟ ହେବାକୁ ସମର୍ଥ ଥାଇ ବି ଅଯୋଗ୍ୟ ପଦବାଚ୍ୟ କାହିଁକି ହେଲେ ?

ସହକର୍ମୀ ସୁଶାନ୍ତବାବୁ କୁହନ୍ତି ଅବସର ପରେ ଗୋଟେ ନୂଆ ଜୀବନ ଆରମ୍ଭ ହେବ ତାଙ୍କର ପିଲା ଦୁଇଟାଙ୍କର ଚାକିରୀ ବିବାହ ସବୁ ସରିଛି। ପୁଅ ଆମେରିକାରେ ଓ ଝିଅ ଶାଶୁଘର ଗ୍ରାମ ପାଖ ହାଇସ୍କୁଲର ଶିକ୍ଷୟିତ୍ରୀ। ଅନୁଭବ ବାବୁ ଜାଣନ୍ତି ତାଙ୍କ ପୁଅ ଝିଅଙ୍କ ସାଙ୍ଗର ସୁଶାନ୍ତ ବାବୁଙ୍କ ପୁଅ ଝିଅ, ଏକା କ୍ଲାସ ରେ ପଢ଼ିଆସିଛନ୍ତି। ସବୁବେଳେ, ଖୁବ କମ ମାର୍କ ରଖନ୍ତି ସେ ଦୁହେଁ ଆଉ ଉପର ଶ୍ରେଣୀକୁ ଉଠାଇବାକୁ ସୁଶାନ୍ତବାବୁ ହେଡମାଷ୍ଟରଙ୍କୁ ଧରାଧରି କରି କୌଣସି ମତେ କ୍ଲାସ ପରୀକ୍ଷା ଗୁଡିକ ଚଳାଇ ,ଡିଆଁଇ ଦିଅନ୍ତି, ଆଉ ମାଟ୍ରିକ ତଥା ଉପର ଶ୍ରେଣୀରେ ତାଙ୍କ ପୁଅ ଝିଅଙ୍କ ଖାତା ନେଇ ଲେଖି ଇନଭିଜିଲେଟରମାନଙ୍କୁ ବୋକା ବାନାନ୍ତି, ତ ସେମିତି କୋଟାରେ ଅଳ୍ପ ନମ୍ବର ରଖିଥିଲେ ବି ଦୁହେଁ ଚାକିରୀ ପାଇ ଚାକିରୀଆ ପୁଅ ଝିଅ ଦେଖି ବାହା ହୋଇସାରିଲେଣି କିନ୍ତୁ ଅନୁଭବବାବୁଙ୍କ ପୁଅ ଝିଅ ଅଧିକା ମାର୍କ ରଖି ମଧ ସେଲେକ୍ସନରେ ଆସିପାରିଲେ ନାହିଁ। ଅଫିସରେ ସୁଶାନ୍ତବାବୁ ଯେବେ କୁହନ୍ତି ବୁଝିଲେ ଅନୁଭବବାବୁ ପିଲା ଦିଇଟା ମୋର ହୀରା ଆଉ, ଆପଣଙ୍କ ପୁଅ ଝିଅଙ୍କର ନମ୍ବର କମିଗଲାକି ? ଉତ୍ତର ନଦେଇ ଅନୁଭବବାବୁ ଅନୁଭବ କରନ୍ତି ପ୍ରକୃତରେ ସବୁ ମଣିଷଙ୍କୁ ସମାନ କରାଇବାକୁ, ମୁଖ୍ୟସ୍ରୋତରେ ଆଣିବାକୁ ଏହା ନିଶ୍ଚିନ୍ତ ଏକ ଯୁଗାନ୍ତକାରୀ ପଦକ୍ଷେପ, ହେଲେ ଅବସର ପରେ ସେ କେମିତି ଚଳେଇବେ ତାଙ୍କ ସଂସାର ?

କରଣ ଘରର ମାନ ମର୍ଯ୍ୟାଦାକୁ ନେଇ ଦିନେ ଗର୍ବ କରୁଥିବା ଅନୁଭବ ବାବୁ ଆଜି ଏତେ ହତାସ କାହିଁକି ? ବଢିଲା ବେରୋଜଗାରିଆ ପୁଅର ବାପା ଓ ବଢ଼ନ୍ତା ବିବାହ ଯୋଗ୍ୟା ଝିଅକୁ ନେଇ ଅବସର ପରେ ଶାନ୍ତିରେ ରହିବାକୁ କରଣଘରର ସଣ୍ଢଣା, ଶିକ୍ଷା, ସଂସ୍କୃତି, ଆଚାରବ୍ୟବହାର, ଅତିଥିପରାୟଣତା, ଭାଷାର ମଧୁରତା ସାଙ୍ଗକୁ ଆଚରଣ ଓ ଉଚ୍ଚାରଣରେ ତ୍ରୁଟିଶୂନ୍ୟତା ସାହାଯ୍ୟ କରିପାରିବକି ? ଆଜି ଭାରତ ବନ୍ଦ। ସଂରକ୍ଷଣ ଦାବିରେ ରାଲି ଯୋଗୁଁ ରାସ୍ତା ଭିଡ, ସେ ବି ଯାଇପାରିନାହାନ୍ତି ଅଫିସ, ଯାଇଥିଲେ ହୁଏତ ସୁଶାନ୍ତବାବୁ କହିଥାନ୍ତେ, 'ଜାଣିଲେଇ ଅନୁଭବ ବାବୁ, ସମସ୍ତେ ସମାନ ହେବା ଯୁଗ ଆଇଲେଇ, ଏଥର ଯଦି କିଛି ଆପତ୍ତି ନଥାଏ ମୋ ପୁତୁରା ସଙ୍ଗେ ତୁମ ଝିଅର ବିବାହ କରାଇଦେବା ହେ'ସମ୍ପତ୍ତି ବାଡ଼ି ବହୁତ ଅଛି ତା ଛଡା ଅଙ୍ଗଓ୍ୱାଡ଼ିରେ ଅଛି, ଅସୁବିଧା କଣ କହୁନ ଅନୁଭବ ବାବୁ ? ଯୋଉ କଥା ସେ ସମୟ ସୁଯୋଗ ଦେଖି କେତେଥର କହିଲେଣି, ସେକଥା ସହି ନପାରି ବି ସହିବାକୁ ବାଧ ହୁଅନ୍ତି ଅନୁଭବବାବୁ, କାରଣ ବୋଧେ ଏକରେ ଅସହାୟତା, ଦୁଇରେ ଉତ୍ତରାଧିକାରୀମାନେ ଅର୍ଥାତ ଝିଅର ଭବିଷ୍ୟତ ବଂଶଧର , କୋଟାରେ କିଛି ଜୀବିକା ପାଇଯିବାର ନିଶ୍ଚିନ୍ତତା।



କ୍ଳାନ୍ତ ଅବସନ୍ନ ପାଦ ଘୋଷାରି, ପାର୍କର ସେହି ନିଛାଟିଆ ବେଞ୍ଚରୁ ଉଠି ଘରକୁ ଯିବାର ସାହସ ଯୁଟାଉ ଥିଲାବେଳେ, ପଛୁଆବର୍ଗ ବୋଲାଉଥିବା କିଛି ଧନୀ, ଚାକିରିଆ, ଉନ୍ନତ ନାଗରିକ ସଂରକ୍ଷଣ ଦାବିରେ ରାଲି ରେ ଯାଉଥିଲେ, ତ ରାସ୍ତା ପାର ହେବାକୁ ସମୟ ଓ ବୟସ ଅନୁଭବବାବୁଙ୍କୁ , ଦୁର୍ବଳ କରିଦେଉଥିଲା ।

+ସାକ୍ଷୀଗୋପାଳ,ପୁରୀ
ମୋ: ୭୦୦୮୯୪୨୨୧୫

# ବାହାଘର ନା ଖେଳଘର ?

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ଏମିତି ଏକ ସମୟ ଥିଲା ଝିଅଟିଏ ବାହାଘର ପୂର୍ବରୁ ସମସ୍ତ ଘରକରଣା କାମ ଶିଖୁଥିଲା। ନିଜ ସଂସ୍କାରରେ ଶାଶୁଘରେ ସମସ୍ତଙ୍କ ମନ କିଣି ବାପା ମାଆଙ୍କୁ ଗୌରବାନ୍ୱିତ କରାଉଥିଲା। ଆପଣମାନେ ଲକ୍ଷ କରିଥିବେ ଝିଅର ନିର୍ବନ୍ଧ ପରେ ଗାଁର ସାହି ପଡିଶା, ସାଙ୍ଗସାଥି ସମସ୍ତେ ଖାଇବାକୁ ଡାକନ୍ତି । ଝିଅଟି ଯାହା ଘରକୁ ଖାଇବାକୁ ଯାଏ ସେ ଘରର ସମ୍ପର୍କ ଅନୁସାରେ ସମ୍ବୋଧନ କରି କାନ୍ଦଣା ଗୀତ ମାଧ୍ୟମରେ ନିଜର ଶ୍ରଦ୍ଧାଭାବ ପ୍ରକଟ କରିଥାଏ। ଝିଅ ସମସ୍ତଙ୍କର କହି ଗାଁ ସାରା ଲୋକ ଝିଅ ବିଦା ବେଳେ ଏକାଠି ହୁଅନ୍ତି ଓ ସମସ୍ତଙ୍କ ଆଖିରେ ଲୁହ ଝରିଆସେ। ଭାଇମାନେ ଟେକି ଟେକି ଝିଅକୁ ସବାରିରେ ବସାନ୍ତି ଓ ପାଣି ଢାଳ ନେଇ ଅଧାବାଟଯାଏ ସାଙ୍ଗରେ ଯାଆନ୍ତି। ନିଜ ପରିବାରଠୁ ଦୂରେଇବା ପରେ ପିଲାଦିନ ଆଉ ବାପଘରର ହସଖୁସିକୁ ଭାଳି ହୋଇ ଝିଅ କାନ୍ଦି କାନ୍ଦି ଶାଶୁଘରକୁ ଯାଏ । ବାଟରେ ଅନେକ ଥର ଦାନ୍ତ ପଡିଯାଏ । ଆଗରୁ ବାପଘର ପ୍ରତି ମୋହ ଥିଲା, ତେଣୁ ସେ କାନ୍ଦିବାରେ ଛଳନା ନଥିଲା ।

ସମୟ କ୍ରମେ ସବାରି ଉଠିଗଲା, ଝିଅ କାର୍ ରେ ବିଦା ହେଲେ। କାନ୍ଦଣା ବି ଉଠିଗଲା, କେବଳ ଟିକେ କଇଁ କଇଁ ହବାକଥା, କାଳେ କିଏ ଖରାପ ଭାବିବ ବୋଲି। କିନ୍ତୁ ଏବେ ମେକପ୍ ଧୋଇଯିବା ଭୟରେ କାନ୍ଦଣା ତ ଉଠିଗଲାଣି ହେଲେ ଆଶ୍ଚର୍ଯ୍ୟ ଲାଗୁଛି ଝିଅମାନେ ଶାଶୁଘର ଯିବାକୁ ଯେଉଁ ବ୍ୟଗ୍ରତା ଦେଖାଉଛନ୍ତି। ଟେକିକି ନେବା ଆଉ ଦରକାର ନାହିଁ, ନିଜେ ଯାଇ ଆରାମରେ ବସି ପଡୁଛନ୍ତି ବର ପାଖରେ । ବାହାଘର କଥା ଶୁଣି ଲାଜରେ ଘର ଭିତରେ ଯାଇ ଲୁଚି ଯାଉଥିବା ଝିଅ ଏବେ ସପିଂ, ଡେକୋରେସନ, ନିର୍ବନ୍ଧ, ହଳଦୀ, ମେହେନ୍ଦୀ, ପାର୍ଲର ସଜବାଜ ସବୁ ନିଜେ ବୁଝି ଆୟୋଜନ କରୁଛି। ଏବେ ଆଉ ମଙ୍ଗଳପାଗ ନାହିଁ, ସେଇଟା ହଳଦୀ ରସମ୍ ହୋଇଯାଇଛି। କୋଇଲିବୁଡ ନାହିଁ, ପାଣି ସିଞ୍ଚାରେ କାମ ଚଳୁଛି। ପାଞ୍ଚି, ବଉଳ ପାଟ ନାହିଁ, ଲେହେଙ୍ଗା ପିନ୍ଧା ଯାଉଛି। ଓଢଣା ବି ନାହିଁ, ଖଣ୍ଡେ ଜାଲ ଭଳି ପକେଇ ଦେଇ ଗଜରା ସଜା ହେଉଛି। ଏ କଣ ଆମ ସଂସ୍କୃତି, ଆମ ପ୍ରଥା ପରମ୍ପରା ! ଲଜ୍ଜା ନାରୀର ଶ୍ରେଷ୍ଠ ଆଭୂଷଣ, ଲଜ୍ଜା ହିଁ ନାରୀକୁ ସୁନ୍ଦର କରିଥାଏ। ଅପସଂସ୍କୃତିକୁ ଅନୁସରଣ କରି ଆମେ କେବଳ ଆମ ସଂସ୍କୃତିକୁ ଅପମାନ କରୁଛନ୍ତି।

ଝିଅମାନେ ସ୍ମାର୍ଟ ହେବା, ଆଧୁନିକା ହେବା, ଶିକ୍ଷିତା ହେବା ଭଲ। କିନ୍ତୁ ନିଜର ମର୍ଯ୍ୟାଦା, ମୌଳିକତା ହରେଇବା ଠିକ୍ ନୁହେଁ। ଯଦି ଯୁଗ ସହିତ ତାଳଦେଇ ସଶକ୍ତ ହେବା, ଆଧୁନିକା ହେବା ଠିକ୍ ବୋଲି ବାପା ମାଆ ଦାବି କରନ୍ତି, ଏବଂ ଝିଅମାନେ ନିଜ ବାହାଘର ନିଜେ ଆୟୋଜନ କରି ହସିହସି ବାହାହୋଇ ଶାଶୁଘରକୁ ଯାଆନ୍ତି, ପୁଣି ତାଙ୍କର ହୁଏ କଣ ! କିଛି ଦିନ ପରେ ସ୍ୱାମୀ ଖରାପ, ଶାଶୁ ଶ୍ୱଶୁର ଖରାପ ମିଥ୍ୟା ଅପବାଦ ଦେଇ, ଶାଶୁଘର ଲୋକଙ୍କୁ ଠକି, ଧୋକାଦେଇ ପୁଣି ବାପଘରକୁ ଚାଲି ଆସନ୍ତି ? ସେମାନେ କଣ କେବଳ ସ୍ୱାମୀର ସମ୍ପତ୍ତି ହାତେଇବା ପାଇଁ ଏବଂ ଖୁଲମ୍ ଖୁଲା ଅୟସ କରି ରାଜୁତି ଚଳେଇବା ପାଇଁ ବାହା ହୁଅନ୍ତି ? କାରଣ ବାପା ମାଆ ଆକଟ କଲେ କିଛି କହି ହେବନି, କିନ୍ତୁ ଶାଶୁ ଶ୍ୱଶୁର ଆକଟ କଲେ ୪୯୮ (ଯୌତୁକ) ଦଫା ଲଗେଇବାର ଭୟ ଦେଖେଇ ମନଇଚ୍ଛା ବୁଲିହେବ। ସ୍ୱାମୀ ଆକଟ କଲେ ମହିଳା କମିସନ୍ ଅଛି ଜିନ୍ଦାବାଦ ! ତେବେ ଡର କାହାକୁ ! ବାପା ମାଆ ବି ଗେହ୍ଲା ଆଳରେ କୁମନ୍ତ୍ରଣା ଦେଇ ଝିଅକୁ ଅବାଟକୁ ନେବାରେ ଧୁରନ୍ଧର। ସମୟ ଥିଲା ଝିଅ ବାହାହେବା ବେଳେ କାନ୍ଦଣା ଗୀତରେ ଗାଉଥିଲା 'ଶାଶୁଘର ନୁହେଁ ସେ ଯମପୁର ଲୋ ବୋଉ, ବାପଘର ସୁଖ ମୋ ସରିଗଲା ଲୋ ବୋଉ 'ଏବେ କିନ୍ତୁ ଝିଅମାନେ ଗାଇବେ 'ଶାଶୁଘର ଅଟେ ମୋ ଆଡ୍ଡାସ୍ଥଳ ଲୋ ବୋଉ, ସ୍ୱାମୀ ତ ମୋ ପାଇଁ ଲଟ୍ରି ଟିକେଟ ଲୋ ବୋଉ'।

ଝିଅମାନେ ବିବାହକୁ ଖେଳ ନୁହେଁ ସ୍ୱର୍ଗୀୟ ମିଳନ ଓ ପରମ ଧର୍ମ ଭାବେ ଉପଲବ୍ଧି କରିବା ଉଚିତ୍। ବାହ୍ୟ ଆଡମ୍ବର କେବଳ ଫଟୋ କିମ୍ବା ଭିଡିଓରେ ଭଲ ଲାଗିପାରେ, ଆତ୍ମିକ ଆନନ୍ଦ ଦେଇନଥାଏ । ଆମ ପ୍ରଥା, ପରମ୍ପରା, ସଂସ୍କାର, ସଂସ୍କୃତି ହିଁ ଆମର ମୂଳ ପରିଚୟ ଏବଂ ଆମର ବୈବାହିକ ଜୀବନକୁ ସରସ ସୁନ୍ଦର କରିବାର ପ୍ରମୁଖ ଉପାଦାନ। ଯୁଗ ସହିତ ତାଳ ଦେଇ ଆଧୁନିକ ହୁଅନ୍ତୁ ହେଲେ ଅପସଂସ୍କୃତିର ଅନୁକରଣ କରି ଆମ ପ୍ରଥା ପରମ୍ପରାର ବିକୃତିକରଣ କରନ୍ତୁ ନାହିଁ। ଆଧୁନିକତା ରହୁ ମୌଳିକତା ହଜି ନ ଯାଉ, ଲୋକଦେଖଣା ପ୍ରହସନ ଭିତରେ ଆମ ସମ୍ପର୍କର ମିଠାପଣ ମରି ନ ଯାଉ।

+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ପ୍ରକୃତି ବନ୍ଧୁ

ଜୟଶ୍ରୀ ପଟ୍ଟନାୟକ



କାଟିଦିଅ ପଛେ ଡାଳ ଖଣ୍ଡେ ମୋର
ଦୁଃଖ ଜମା କେବେ କରିବିନି
ଅଲଗା କରିଲେ ମୋ ଗଣ୍ଡି ମୋ ଠାରୁ
ବଂଚି ମୁଁ ତ ଆଉ ପାରିବିନି ।

ଛାଇ ଟିକେ ପାଇଁ ଆଶ୍ରା ନେଇଥିଲ
ମୋ କୋଳେ କେବେ ତୁମେ ବସି
ମନେ ପଡୁନି କି ଖାଉଥିଲ ତୁମେ
ଫଳକୁ ମୋର ଖୁସିରେ ହସି ।

ଟାଣଖରା ବେଳେ ଛାଇରେ ମୋହର
କଟୁଥିଲା ବେଳ ଦୁଇ ଘଡି
ଔଷଧରେ ମୂଳ ଆଉ ଛେଲି ଖାଇ
ରୋଗ ଯାଉଥିଲା କେତେ ଛାଡି ।

ବାୟୁ ବିଶୋଧନ କରି ଶୁଦ୍ଧ ବାୟୁ
ସବୁବେଳେ ଯାଏ ତୁମକୁ ଦେଇ
ଯେତେ କରିଥିଲି ଉପକାର ବନ୍ଧୁ
ସେ କଥାକି ଗଲ ଭୁଲ ହୋଇ ।

କାଠୁରିଆ ଭାଇ କଥା ମୋର ଶୁଣ
ନ କର କେବେ ଛେଦନ ବୃକ୍ଷ
ମଣିଷକୁ ଗୋଟେ ବୃକ୍ଷ ରୋପିବାର
କରୁଥାଅ ତୁମେ ସଦା ଲକ୍ଷ୍ୟ ।

ପ୍ରକୃତି ବନ୍ଧୁଟି ମୁଁ ତୁମର ବୋଲି
ରଖିଥିବ ଏ କଥା ମନେ
ଅଂଶୁଘାତ, ବନ୍ୟା ମରୁଡି ବେଳେ
ଝୁରି ହେଉଥିବ ଦିନେ ।

ସଚେତନ ହେଲେ ଏବେ ଠାରୁ ତୁମେ
ହୋଇବ ସୁନ୍ଦର ଜୀବନ
ନ ହେଲେ ଟାଣ ଖରାରେ ଦିନେ ତ
ନିଶ୍ଚୟ ଯିବ ପରାଣ ।

ବଂଚିଲେ ପରିବେଶ ବଂଚିବ ତୁମେ
ରଖିଥିବଏହି କଥା ଧ୍ୟାନେ
ଗଛଲତା ଆମ ପ୍ରକୃତି ବନ୍ଧୁ
ନଭୁଲିବ ଏକଥା ସୁଜନେ ।

+ଗଙ୍ଗନଗର, ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

## ଅୟି ମୌସୁମୀ

ରତ୍ନକାନ୍ତି ମିଶ୍ର



ଅୟି ମୌସୁମୀ ଆସ ଝୁମି ଝୁମି
ପିନ୍ଧି କଳାମେଘୀ ପାଟ
ତୁମ ଆଗମନେ ହସିବ ଜଗତ
ଚାହିଁଛୁ ହୋଇ ଉଚ୍ଚାଟ
ଗ୍ରୀଷ୍ମ କଷ୍ଟରେ ସନ୍ତାପିତ ମନ
ହେଉଛି ପରା ଅଥୟ
ତୃଷାରେ ଆତୁର ପାହାଡ ଜଙ୍ଗଲ
ଚାତକ ଆଖିରେ ଲୁହ
ତୁମରି ଛୁଆଁରେ ହସିବ ଏ ଧରା
ଦୁଃଖ ଯିବ ଅପସରି
ଧୂସର ବିବର୍ଣ୍ଣ ମାଟି ମଟାଳକୁ
ଉଲ୍ଲାସ ଆସିବ ଫେରି
ଦେହ ମନ ସବୁ ହେବ ରୋମାଞ୍ଚିତ
ଭିଜା ମାଟିର ଆଘ୍ରାଣେ
ଅନୁଭବ ହେବ ଅନନ୍ୟ ପୁଲକ
ଉନ୍ମାଦ ଭରା ପ୍ରାଣେ
ଆକାଶଟା ଏବେ ଦେଲାଣି ଇସାରା
ଝଲସାଇ ସୌଦାମିନୀ
ଆସ ! ଆସ ! ବେଗେ ମୌସୁମୀ ଆସ
ନେଇ ସୁଧା ସଞ୍ଜିବନୀ
ତୁମ ପଦପାତେ ଏ ? ଧରଣୀ ରାଣୀ
ମଣ୍ଡିତ ହେବ ସୁଷମା
ପ୍ରାନ୍ତରେ ପ୍ରାନ୍ତରେ ବନେ ଉପବନେ
ଖେଳିଯିବ ସବୁଜିମା
ପ୍ରତୀକ୍ଷାର ଅନ୍ତ ଘଟାଇ ଗୋ ଆସ
କର ନାହିଁ ଅଭିମାନ
ସୃଷ୍ଟି ନିୟମରେ ଋତୁଚକ୍ରେ ବନ୍ଧା
ଏ ପରା ବିଧି ବିଧାନ

♥ଆଳି,କେନ୍ଦ୍ରାପଡା

## ସମୟାତୀତ

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ଫୁଟିଥିଲି ଦିନେ ବଗିଚାର ତୁମ
ପ୍ରେମ କଳିଟିଏ ହୋଇ;
ଭାବିଥିଲି ତୁମ ହୃଦୟେ ରହିବି
ଫୁଲ ହେବା ଆଶା ନେଇ।
ଛୋଟିଆ ମନରେ ଆଶା ଥିଲା ଉଚ୍ଚ
ଆକାଶରେ ମଥା ଟେକି;
କଳି ପାରିଲାନି ସେ ପ୍ରେମ ଅଦିନେ
ପାଦ ତଳେ ଦେଲ ଦଳି।
ଖିଆଲି ଭାବ ମୋ ବୁଝିଲନି ଜମା
ଛାଡିଲ ହାତ ସେଦିନ;
ହୃଦକାଶେ ମୋର ନିଶିଥ ସୂରୁଜ
ଟୋଳି ଜାଳିଦେଲ ମନ।
ବୁକୁତଳ ମୋର ଜୀବନ୍ତ ଭାବନା
ରଖିଥିଲି ତୁମ ପାଇଁ;
ରକତ ଗାରରେ ଶେଷ ମୋ ଚିଠିରେ
ଦେଇଥିଲି ସବୁ ଫେଇ।
ନୀରବ ଭାଷା ମୋ ଦେଲାନି ତୁମକୁ
ମନ ମତାଣିଆ ଜ୍ୟୋସ୍ନା;
ଦେଇନ ତ କେବେ ପାଲଟା ଚିଠିଟେ
ଅବା ଉତ୍ସବ ରଚନା।
ସାଇତ୍ୱି ବୋଲି ସପନେ ତୁମକୁ
କାଟେ ବିନିଦ୍ର ଶର୍ବରୀ;
ତୁମକୁ ନ ପାଇ ଲହୁ ପରି କେତେ
ଲୁହ ମୋ ଯାଇଛି ଝରି।
ନିଶାନ୍ତ କାଳରେ କଦମ୍ବ ମୂଳରେ
ଗୋପନରେ ଆମ ଭେଟ;
ଏବେ ସେ ସ୍ମୃତିକୁ କାଢି ଆଣି ଏକା
ବିଜନେ ସଜାଏ ହାଟେ।
ଆଜି ବି ସେ ପଥେ ଫୁଟେ କେତେ ଫୁଲ
ମୋ ପରି ସହି ଆଘାତ;
ଠିକଣା ମିଳେନା ସେ ପଥ ର ବନ୍ଧୁ
ଆଜି ସେ ସମୟାତୀତ।

♥ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
୭୭୮୮୯୭୭୨୭୬

# ବାରବାଟୀ ଷ୍ଟାଡିୟମ ମ୍ୟାଚ୍ ଆୟୋଜନ ସମ୍ପର୍କିତ ମାମଲାକୁ ଖାରଜ କଲେ ଉଚ୍ଚ ନ୍ୟାୟାଳୟ

କଟକ,୦୮/୦୬ (ନି.ପ୍ର): ଆସନ୍ତା ୧୨ ତାରିଖ ଦିନ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା କ୍ରିକେଟ ମ୍ୟାଚକୁ ନେଇ ଦ୍ୱନ୍ଦ ଦୂର ହୋଇଛି । ବାରବାଟୀ ଷ୍ଟାଡିୟମରେ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ବନ୍ଦ କରିବାକୁ ହାଇକୋର୍ଟରେ ଯେଉଁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା, ତାକୁ ଓଡ଼ିଶା ଉଚ୍ଚ ନ୍ୟାକୟାଳୟ ଖାରଜ କରିଛନ୍ତି। ବାରବାଟୀ ଷ୍ଟାଡିୟମର ଅଗ୍ନି ନିରାପତା ପ୍ରମାଣପତ୍ର ଓ ନିର୍ମାଣଗତ ନିରାପତା ପ୍ରମାଣପତ୍ର ନ ଥିବା ଉଲ୍ଲେଖ କରି ଦର୍ଶକଙ୍କ ସୁରକ୍ଷା ପାଇଁ ଆସନ୍ତା ୧୨ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଆନ୍ତର୍ଜାତିକ ମ୍ୟାଚରେ ଦର୍ଶକଙ୍କୁ ଗ୍ୟାଲେରିକୁ ଅନୁମତି ନଦେବାକୁ ହାଇକୋର୍ଟରେ ଜନ ସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଏହି ଦୁଇ ପ୍ରମାଣପତ୍ର ନମିଳିବା ପର୍ଯ୍ୟନ୍ତ ବାରବାଟୀରେ କୌଣସି ଆନ୍ତର୍ଜାତିକ ମ୍ୟାଚ ନକରିବାକୁ ଓଡ଼ିଶା କ୍ରିକେଟ ସଙ୍ଘ ଓ ଓଡ଼ିଶା ଅଲିମ୍ପିକ ସଙ୍ଘକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ତେବେ କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି ଓ , ଆସନ୍ତା ୧୨ ତାରିଖରେ ବାରବାଟୀରେ ହେବାକୁ ଯାଉଥିବା ଟ୍ୱେଣ୍ଟି-୨୦ ମ୍ୟାଚ ପାଇଁ ରାଜ୍ୟ ସରକାର ପୂର୍ଣ୍ଣ କ୍ଷମତାରେ ଦର୍ଶକଙ୍କୁ ଖେଳ ଉପଭୋଗ କରିବାକୁ ଅନୁମତି ପ୍ରଦାନ କରିଛନ୍ତି।

# ଶିଶୁଶ୍ରମ ବିରୋଧରେ ପଦଯାତ୍ରା

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ତରଫରୁ ମଇ ୨୯ ତାରିଖରୁ ଆରମ୍ଭ ହୋଇଥିବା ୧୫ ଦିନିଆ ଶିଶୁଶ୍ରମ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବରେ ଶିଶୁଶ୍ରମ ବିରୋଧରେ ଏକ ପଦଯାତ୍ରା ମଙ୍ଗଳବାର ସକାଳେ ସ୍ଥାନୀୟ ରାମମନ୍ଦିର ଛକରୁ ମାଷ୍ଟରକାଂଟିନ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ବିଶିଷ୍ଟ ସିନେତାରକାଙ୍କ ସହିତ କର୍ମକର୍ତା ମଧ ସାମିଲ ହୋଇଥିଲେ। ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬କୁ କଡ଼ାକଡ଼ି ଭାବରେ ପାଳନ କରିବା ସହ ଶିଶୁଶ୍ରମ ନିରାକରଣ ସଚେତନତା ରଥ, ରାଲି ଏବଂ ଜିଲ୍ଲାସ୍ତରରେ କର୍ମଶାଳାମାନ ଆୟୋଜନ କରାଯାଉଛି । ଆଜି ରାମମନ୍ଦିର ଛକରୁ ମାଷ୍ଟରକାଂଟିନ୍ ଛକ ପର୍ଯ୍ୟନ୍ତ ହୋଇଥିବା ଏହି ପଦଯାତ୍ରାରେ ଶିଶୁ ଶ୍ରମ ଆଇନ ସଂପର୍କିତ ଦଣ୍ଡବିଧାନ ସହ ଶିଶୁଶ୍ରମିକମାନଙ୍କର ଉଦ୍ଧାର ଓ ଥଇଥାନ ସଂପର୍କିତ ସଚେତନତା ପୁସ୍ତିକା ବଂଟନ କରାଯାଇଥିଲା। ମାଷ୍ଟରକାଂଟିନ୍ ଛକରେ ଏହି ପଦଯାତ୍ରା ପହଂଚିବା ପରେ ଶିଶୁଶ୍ରମକୁ ସମାଜରୁ ଉଚ୍ଛେଦ କରି ରାଜ୍ୟକୁ ଏକ ଶିଶୁଶ୍ରମମୁକ୍ତ ରାଜ୍ୟ ଭାବରେ ଗଢ଼ିତୋଳିବା ପାଇଁ ବିଭିନ୍ନ ବିଷୟ ଉପରେ ଏକ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା । ଏହାପରେ ପଦଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀ ଏକ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ ଏବଂ ବିଭିନ୍ନ ବାର୍ତାକୁ ଲିପିବଦ୍ଧ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ କମିଶନର ଡ.ଏନ୍. ତିରୁମଲା ନାୟକ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ବିଶିଷ୍ଟ ସିନେତାରକା ସବ୍ୟସାଚୀ ମିଶ୍ର ଓ ଶ୍ରୀମତୀ ଅର୍ଚ୍ଚିତା ସାହୁ, ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ସୋଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପିକକ୍, ଏଡ୍.ଏଟ୍ ଆକ୍ସନ, ଆଇ.ଜେ.ଏମ୍, ସୋଆ ରେଡ଼ିଓ ଏବଂ ସି.ଏ.ସି.ଏଲ୍ ର ପ୍ରତିନିଧିମାନଙ୍କ ସହ ଶ୍ରମ ନିର୍ଦ୍ଦେଶାଳୟର ବରିଷ୍ଠ ପଦାଧିକାରୀ ଓ କର୍ମକର୍ତା ଯୋଗଦେଇଥିଲେ ।

# ଟି-୨୦ ମ୍ୟାଚ ପୂର୍ବରୁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବ

ଭୁବନେଶ୍ୱର,୦୮/୦୬ (ନି.ପ୍ର): କଟକର ବାରବାଟୀ ଷ୍ଟାଡିୟମ ଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି - ୨୦ ମ୍ୟାଚ ପୂର୍ବରୁ ଭୁବନେଶ୍ୱରର ସୁରକ୍ଷା ବ୍ୟବସ୍ଥା ବଢ଼ା ଯିବ । ବିମାନ ବନ୍ଦର, ହୋଟେଲ ଓ ହୋଟେଲ-ଷ୍ଟାଡିୟମ ମଧ୍ୟରେ ମାର୍ଗରେ ସୁରକ୍ଷା କଡା କଡି କରା ଯିବ । ଏଥି ପାଇଁ ଭୁବନେଶ୍ୱରରେ ୨୧ ପ୍ଲାଟୁନ ପୋଲିସ ବଳ ମୁତୟନ କରା ଯିବ । କମିଶନରେଟ ପୋଲିସ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଭୁବନେଶ୍ୱର ଡିସିପି ପ୍ରତୀକ୍ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଭୁବନେଶ୍ୱର ଏୟାରପୋର୍ଟଠାରୁ ହୋଟେଲରେ ରହିବା ପର୍ଯ୍ୟନ୍ତ ଏବଂ ହୋଟେଲରୁ ବାରବାଟୀ ଯାଏଁ ସବୁଠି ସୁରକ୍ଷା ପାଇଁ ଚାଲିଛି ପ୍ରସ୍ତୁତି । ୨୧ ପ୍ଲାଟୁନ ପୋଲିସ ଫୋର୍ସକୁ ନେଇ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଭୁବନେଶ୍ୱର ୟୁପିଡିର ସବୁ ଅଫିସରଙ୍କୁ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରାଯିବ । ଖେଳାଳି ପହଂଚିବାଠାରୁ ନେଇ ହୋଟେଲରେ ରହିବା ଏପରିକି ଷ୍ଟାଡିୟମରେ ପହଂଚିବା ପର୍ଯ୍ୟନ୍ତ ଯେଉଁ ସୁରକ୍ଷା ବ୍ୟବସ୍ଥା କରାଯିବ ସେଥିରେ ଯେପରି କୌଣସି ତ୍ରୁଟି ନହେବ ତାକୁ ମଧ ଲକ୍ଷ୍ୟ ରଖାଯାଇଛି ।

# ମୌସୁମୀ ପୂର୍ବରୁ ବିଏମସିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ମୌସୁମୀ ପୂର୍ବରୁ ପରିମଳ ବ୍ୟବସ୍ଥା ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ବଳିତ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍, ଜଳ ଯୋଗାଣ ଓ ଡ୍ରେନେଜ ଆଦି ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ପ୍ରତିକାର ନେଇ ବିସ୍ତୃତ ଆଲୋଚନା ହୋଇଛି।

ପବ୍ଲିକ୍ ହେଲଥ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ବିରଂଚି ନାରାୟଣ ମହାସୁପକାରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଯେଉଁଥିରେ ସ୍ୱାସ୍ଥ୍ୟ, ଜଳଯୋଗାଣ, ବିଦ୍ୟୁତ୍, ପରିମଳ, ବିଦ୍ୟୁତ୍ ଓ ଡ୍ରେନେଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା । ଆଗକୁ ମୌସୁମୀ ଥିବା ବେଳେ ପରିମଳକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କର୍ପୋରେଟର। ପରିମଳ ବ୍ୟବସ୍ଥାରେ ନିୟୋଜିତ ଥିବା ବିଭିନ୍ନ ଘରୋଇ ସଂସ୍ଥାଙ୍କ କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି । ସହରର ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବାକୁ ଯାଇ ସମସ୍ତ ୱାର୍ଡ଼ରେ ହାଇମାଷ୍ଟ ଲାଇଟ୍ ଲଗାଯିବା ଓ ବିଏମ୍ସିର ୩ଟି ଯାକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଭଳି ୨୪ ଘଂଟିଆ ଅତ୍ୟାଧୁନିକ ଚିକିତ୍ସା ସେବା ମିଳିପାରିବ ସେଥିନେଇ ପ୍ରସ୍ତାବ ଆସିଥିଲା। ଭୁବନେଶ୍ୱରକୁ ପଲିଥିନ୍ ମୁକ୍ତ କରିବାକୁ ଯାଇ ଏନଫୋର୍ସମେଂଟ କଡାକଡି କରିବାକୁ ନିଷ୍ପତି ନିଆଯାଇଛି । ବର୍ତମାନ କେବଳ ଗୋଟିଏ ସେଂଟ୍ରାଲ ସ୍କ୍ୱାର୍ଡ ଥିବା ବେଳେ ୩ଟି ଯୋନରେ ଅଧିକ ୩ଟି ସ୍କ୍ୱାର୍ଡ଼ ଗଠନ କରାଯିବ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆବଶ୍ୟକ ଥିବା ବାୟୋ ମାଇନିଂ ପ୍ଲାଂଟକୁ କିଭଳି କମିଟିର ହସ୍ତକ୍ଷେପ ଜରିଆରେ କାର୍ଯ୍ୟକ୍ଷମ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପ୍ରତି ୱାର୍ଡ଼ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବରିଷ୍ଠ ନାଗରିକଙ୍କ ଜରିଆରେ ୫ଶହ ଲେଖାଏଁ ବୃକ୍ଷ ରୋପଣ କରାଯିବାକୁ ନିଷ୍ପତି ନିଆଯାଇଛି । ସେହିଭଳି ଜଳସ୍ତର ବୃଦ୍ଧି କରିବା ପାଇଁ ୩୦୬୨ଟି ବର୍ଷା ଜଳ ଅମଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । ସହରରେ ଥିବା ସମସ୍ତ ଇ-ଶୌଚାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିବା କମିଟି ଅଧକ୍ଷ ସୂଚନା ଦେଇଛନ୍ତି। ଷ୍ଟାଣ୍ଡିଂ କମିଟିରେ କେଉଁ କେଉଁ କାମକୁ ପ୍ରାଥମିକତା ଦେଇ କରାଯିବ ବିଶେଷ କରି ତାରି ଉପରେ ଆଲୋଚନା ହୋଇଥିଲା। ପରିମଳ, ଡ୍ରେନେଜ, ଇଲେକ୍ଟ୍ରିଫିକେସନ ଭଳି ମୁଖ୍ୟ ସମସ୍ୟା ବର୍ଷା ପୂର୍ବରୁ ସୁଧାରିବାର ଆବଶ୍ୟକ ରହିଛି। ଏଣୁ ଏହି ସବୁ କାମକୁ ସମସ୍ତଙ୍କ ମଧରେ ବଂଟନ ହୋଇଛି,'କହିଛନ୍ତି ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଂଚି ନାରାୟଣ ମହାସୁପକାର। ସହର ସଫେଇ କୁ ନେଇ ଅଭିଯୋଗ ଆସୁଛି। ଯିଏ ଏହି ଦାୟିତ୍ୱ ନେଇଛନ୍ତି ତାଙ୍କର ଅବଧି ସରୁଛି । ଖୁବଶୀଘ୍ର ନୂଆ ଏଜେନ୍ସି ମାଧ୍ୟମରେ କିଭଳି ଭଲ କାମ ହୋଇ ପାରିବ ତାକୁ ଗୁରୁତ୍ୱ ଦିଆଯିବ। ଜୁଲାଇ ୧ ତାରିଖ ଠାରୁ ନୂଆ ଏଜେନ୍ସି ପରିମଳ କାମ ବୁଝିବ। ସେହିଭଳି ସିଙ୍ଗଲ ୟୁଜ ପ୍ଲାଷ୍ଟିକ କୁ ନେଇ ୩ ଜୋନରେ ୩ ଟି ନୂଆ ସ୍କ୍ୱାର୍ଡ ଗଠନ କରାଯିବ ଓ ନିୟମିତ ବ୍ୟବଧାନ ରେ ପ୍ଲାଷ୍ଟିକ ବନ୍ଦ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଏମସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ଷ୍ଟେଟ୍ ଆନିମଲ୍ ହେଲ୍ପ ଲାଇନ, ଟେଲି ଭେଟେରିନାରୀ ସେବା ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ମ୍ୟାପିଂ ବ୍ୟବସ୍ଥାର ଶୁଭାରମ୍ଭ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଅନଲାଇନ ଜରିଆରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ରାଜ୍ୟସ୍ତରୀୟ ପ୍ରାଣୀସେବା ହେଲ୍ପ ଲାଇନ (ଷ୍ଟେଟ୍ ଆନିମଲ୍ ହେଲ୍ପ ଲାଇନ୍) ସହିତ ଅନେକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜନସାଧାରଣଙ୍କୁ ନିବେଦନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଲା ଓ ପରିତ୍ୟକ୍ତ ପ୍ରାଣୀମାନଙ୍କ ଆବଶ୍ୟକତା ପ୍ରତି ପ୍ରତ୍ୟେକ ନାଗରିକ ସମ୍ବେଦନଶୀଳ ହୋଇ ସେମାନଙ୍କ ସେବା ଯୋଗାଇଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବୁଲା ଓ ଅସହାୟ ପ୍ରାଣୀମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାମ କରୁଛନ୍ତି। ସହରାଂଚଳରେ ହେଲ୍ପ ଲାଇନ ୟୁନିଟ୍ ସହିତ ପ୍ରାଣୀ ଆମ୍ବୁଲାନ୍ସ ଓ ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହିତ ଏଥିପାଇଁ କାମ କରୁଥିବା ଅଣ-ସରକାରୀ ଅନୁଷ୍ଠାନ ଗୁଡିକୁ ମଧ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ରାଜ୍ୟସ୍ତରୀୟ ପ୍ରାଣୀ ହେଲ୍ପ ଲାଇନ ଦ୍ୱାରା ଏହି ପଶୁ ମାନଙ୍କ ସେବା ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ଏବଂ ପ୍ରାଣୀସଂପଦ ବିଭାଗର କର୍ମଚାରୀ ମାନଙ୍କୁ ଏଥିରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବୁଲା ପ୍ରାଣୀ ମାନଙ୍କ ଚିକିତ୍ସା ଓ ସେବା ପାଇଁ ଜାରୀ ହୋଇଥିବା ରାଜ୍ୟସ୍ତରୀୟ ପ୍ରାଣୀ ହେଲ୍ପ ଲାଇନ ୧୯୬୨ ଦିନରାତି ଚବିଶ ଘଂଟା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଜରୁରୀ ସମୟରେ ପ୍ରାଣୀମାନଙ୍କୁ ଚିକିତ୍ସା ସେବା ମିଳିପାରିବ। ସେହିପରି ଟେଲି ଭେଟେରିନାରୀ ସେବା ବ୍ୟବସ୍ଥାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମତ୍ସ୍ୟ ଓ ପ୍ରାଣୀସଂପଦ କାର୍ଯ୍ୟକ୍ରମ ଗୁଡିକ ରାଜ୍ୟର ଚାଷୀ ମାନଙ୍କ ରୋଜଗାର ବୃଦ୍ଧି କରିବାରେ ସହାୟକ ହୋଇଛି ଏବଂ ରାଜ୍ୟ ସରକାର ସେମାନଙ୍କ ପ୍ରାଣୀସଂପଦକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଟେଲି ଭେଟେରିନାରୀ ସେବା ବ୍ୟବସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆହୁରି ଦୃଢ ହେବା ସହିତ ପ୍ରାଣୀପାଳକ ମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଇପାରିବ । ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଟୋଲ୍ ଫ୍ରି ନମ୍ବର ୧୯୬୨ କିମ୍ବା ୧୫୫୩୩୩ ଜରିଆରେ ଫୋନ କରି ତୁରନ୍ତ ସହାୟତା ମିଳିପାରିବ। ରାଜ୍ୟର ୧୧ଟି ସହରରେ ଆନିମଲ୍ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି ଏବଂ ସବୁ ବ୍ଲକ୍ ରେ ପ୍ରାଣୀସେବା କେନ୍ଦ୍ରର ସୁବିଧା ମଧ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସଂପଦ ମ୍ୟାପିଂ ସିଷ୍ଟମ ର ଶୁଭାରମ୍ଭ ମଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ସବୁ ପ୍ରାଣୀ ଚାଷ ୟୁନିଟ୍ ଗୁଡିକର ଜିଓ ଟ୍ୟାଗିଂ ଓ ମ୍ୟାପିଂ କରାଯିବ ଏବଂ ଏହାକୁ ୱେବ୍ - ଜିଆଇଏସ୍ ପ୍ଲାଟଫର୍ମରେ ଦେଖାଯାଇ ପାରିବ। ଏହି ଅବସରରେ ବିଏଆଇଏଫ୍ ଇନଷ୍ଟିଚ୍ୟୁଟ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା । ଏହି ବୁଝାମଣା ଅନୁଯାୟୀ ରାଜ୍ୟରେ ୧୫୦୦ କୃତ୍ରିମ ପ୍ରଜନନ ଟେକ୍ନିସିଆନ ନିୟୋଜିତ ହେବେ । ଏହାସହିତ ଗୋପାଳପୁର ଠାରେ ଭେକ୍‌ଟି ଯାଆଁଳ ହାଚେରୀ ପ୍ରତିଷ୍ଠା ପାଇଁ ରାଜୀବ ଗାନ୍ଧୀ ସେଂଟର ଫର ଆକ୍ୱା କଲ୍ଚର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଭେକ୍‌ଟୀ ମାଛର ଚାହିଦା ବହୁତ ଅଧିକ ଥିବାରୁ ଏହା ମାଛଚାଷୀ ମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗ ପକ୍ଷରୁ ରାଜ୍ୟର ପ୍ରାଣୀସଂପଦର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଆଜିର କାର୍ଯ୍ୟକ୍ରମ ପ୍ରାଣୀପାଳକ ମାନଙ୍କର ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ପ୍ରକାଶ କରି ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ସଚିବ ଆର. ରଘୁପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ମୁଖ୍ୟଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ମିଶନ ଶକ୍ତି କମିଶନର-ତଥା-ସଚିବ ଏବଂ ବିଭିନ୍ନ ଜିଲ୍ଲାରେ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ନୂତନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜେନ୍ଦ୍ର ଢୋଲକିଆଙ୍କୁ ନେଇ ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗ ତରଫରୁ ସର୍ବପ୍ରଥମେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନୂତନ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓ ବିସ୍ତୃତ ଭାବେ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଭାଗର ଅଧିକାରୀମାନେ ମନ୍ତ୍ରୀଙ୍କୁ ନିଜ ନିଜର ପରିଚୟ ପ୍ରଦାନପୂର୍ବକ ବିଭାଗର କେଉଁ କେଉଁ ଦାୟିତ୍ୱ ତୁଲାଉଛନ୍ତି ସେ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ଢୋଲକିଆ ରାଜ୍ୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତି ଏକ ମୁଖ୍ୟ କାର୍ଯ୍ୟ ଏବଂ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ସହ ବିଭାଗର ସୁନାମ ବଜାୟ ରଖିବା ପାଇଁ ସମସ୍ତ ଅଧିକାରୀଙ୍କର ସହଯୋଗ କାମନା କରିଥିଲେ ।

ଅନ୍ୟମାନଙ୍କ ମଧରେ ବିଭାଗର ଓଏସ୍‌ଡ଼ି ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବେନ୍ଦ୍ର କୁମାର ଜେନା, ଅତିରିକ୍ତ ଶାସନ ସଚିବ ଚିତ୍ରସେନ ପଶାୟତ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ବିଜୟ କୁମାର ନନ୍ଦ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ କସ୍ତୁରୀ ପ୍ରଧାନ, ଅତିରିକ୍ତ ଶାସନ ସଚିବ କୃଷ୍ଣ ମୋହନ ଖଟେଇ, ଯୋଜନା ଅତିରିକ୍ତ ନିର୍ଦ୍ଦେଶକ ମନସୀ ଶତପଥୀ ଓ ବିଜୁ କେବିକେ ଯୋଜନାର ଅତିରିକ୍ତ ଶାସନ ସଚିବ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିରଞ୍ଜନ ନାୟକ ଯୁବ କଂଗ୍ରେସ ଉପସଭାପତି ନିଯୁକ୍ତ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଏମଡି ରିଆଜୁଲ ଅନସାରୀ ନିରଞ୍ଜନ ନାୟକଙ୍କୁ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ଭାବେ ନିଯୁକ୍ତ ଦେଇଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶକୁ ପାଥେୟ କରି ଓଡ଼ିଶାରେ ଯୁବ କଂଗ୍ରେସକୁ କିପରି ଅଧିକରୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଚେଷ୍ଟା କରିବେ ବୋଲି ଶ୍ରୀ ନାୟକ କହିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ବି.ଭି. ଶ୍ରୀନିବାସ, କ୍ରିଷ୍ଣା ଆଲୁଭେରା, ରିଆଜ ଅନାସରୀ, ଲୋକନାଥ ମହାରଥି, ସ୍ମୃତି ରଞ୍ଜନ ଲେଙ୍କାଙ୍କୁ ଏହିଅବସରରେ ଶ୍ରୀ ନାୟକ ଧନ୍ୟବାଦ ଜଣାଇଥିଲେ ।

# ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ଚେଷ୍ଟା ଜାରି ରହିବ : ମନ୍ତ୍ରୀ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଓଡ଼ିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଆଜି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଲୋକସଭା ଭବନରେ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ଆଲୋଚନା କରିଥିଲେ । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର. ରଘୁପ୍ରସାଦ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ କୃଷିର ଉନ୍ନତିକରଣ ତଥା ବିଭିନ୍ନ ଯୋଜନା ବାବଦରେ ଅବଗତ କରାଇଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ନିଷ୍ଠାର କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଜି କୃଷି ଭବନ ପରିଦର୍ଶନ କରି ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବର୍ତମାନର କୃଷକ କଲ୍ୟାଣ ଯୋଜନାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ସହ ଆବଶ୍ୟକତା ଅନୁଯାୟୀ ନୂତନ କଲ୍ୟାଣମୂଳକ ଯୋଜନା ପ୍ରଣୟନ କରିବାକୁ ପରାମର୍ଶ ଦେଇଥିଲେ। ଚାଷର ବିବିଧିକରଣ ଏବଂ ସମନ୍ୱିତ କୃଷି ବାବଦରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, କୃଷି ବିଭାଗର ସ୍ୱତନ୍ତ୍ର ସଚିବ ସଂଜୀବ ଚଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶିକ୍ଷାବିତ୍ ନନ୍ଦ କୁମାର ମହାପାତ୍ର ପାଇବେ ଚଳିତବର୍ଷର ଗାନ୍ଧୀ ଗୌରବ ସମ୍ମାନ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ ଦ୍ୱିତୀୟ 'ଗାନ୍ଧୀ ଗୌରବ ସମ୍ମାନ' ଚଳିତବର୍ଷ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ସମବାୟ କ୍ଷେତ୍ରରେ ଦୀର୍ଘ ୬୦ ବର୍ଷ ଧରି କାର୍ଯ୍ୟ କରିଥିବା ଶରତ ଚନ୍ଦ୍ର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ବାରିପଦାରେ ଉତ୍କଳମଣି ବି.ଇଡି କଲେଜର ପ୍ରତିଷ୍ଠାତା ନନ୍ଦ କୁମାର ମହାପାତ୍ରଙ୍କୁ ଚଳିତବର୍ଷର ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟି ଶ୍ରୀ ମହାପାତ୍ରଙ୍କ ନାମ ସୁପାରିଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଗାନ୍ଧୀ ଗୌରବ ସମ୍ମାନ ୨୦୧୯ ମସିହାରେ ଶ୍ରୀମଦ୍ ବାବା ବଳିଆଙ୍କୁ ପ୍ରଦାନ କରାଯାଇଥିଲା। ସଂଗ୍ରାମୀ ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ଗଠିତ ଏହି ଟ୍ରଷ୍ଟର ବାର୍ଷିକ ଉତ୍ସବ ତଥା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୭ତମ ଜୟନ୍ତୀ ଉତ୍ସବ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହେବ। ଏହି ଅବସରରେ କୋଳଥିଆସ୍ଥିତ ସ୍ମୃତିବନଠାରେ ସ୍ମୃତି ବୃକ୍ଷରେ ବନ୍ଦାପନା ହେବ ଓ ନହରକଣ୍ଟାସ୍ଥିତ ଶିଶୁ ଆଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।

# ଶିକାରୀ ଗୁଳିରେ ଛଟପଟ ଦନ୍ତାହାତୀ : ଚିକିତ୍ସା ପାଇଁ ଜଙ୍ଗଲମନ୍ତ୍ରୀଙ୍କୁ ଅନୁରୋଧ କଲେ ବିଧାୟକ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଆଠଗଡ ବନଖଣ୍ଡ ଅନ୍ତର୍ଗତ ନରସିଂହପୁର ପୂର୍ବ ବନାଂଚଳ ଜୟପୁର ସେକ୍ସନରେ ଶିକାରୀ ଗୁଳିରେ ଏକ ଦନ୍ତାହାତୀ ଗୁରୁତର ହୋଇଛି। ଗୁଳି ମାଡ଼ ପରେ ହାତୀଟି କଟକ-ନରସିଂହପୁର ଜଙ୍ଗଲ ଭିତରେ ଥିବା ନାଳରେ ପଡ଼ି ରହିଛି। ନାଳରୁ ଉଠିବାକୁ ଚେଷ୍ଟା କରୁଛି। ମାତ୍ର ହାତୀଟି ନାଳରୁ ଉଠି ପାରୁନାହିଁ। ଦନ୍ତା ହାତୀର ଶୁଣ୍ଢରେ ଗୁଳି ଲାଗିଥିବା ସୂଚନା ମିଳିଛି। ଏନେଇ ବିଧାୟକ ଦେବୀ ପ୍ରସାଦ ମିଶ୍ର ସୋଶାଲ ମିଡିଆ ଫେସବୁକ୍ ରେ ପୋଷ୍ଟ କରିଛନ୍ତି। ଶିକାରୀ ଗୁଳିରେ ଦନ୍ତା ଗୁରୁତର ହୋଇ ଜଙ୍ଗଲରେ ବୁଲୁଛି, ତୁରନ୍ତ ଚିକିତ୍ସା ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଅନୁରୋଧ କରିଛନ୍ତି ବିଧାୟକ ଶ୍ରୀ ମିଶ୍ର। ତା'ସହ ଜିଲ୍ଲାପାଳଙ୍କୁ ମଧ ଜଣାଇ ତୁରନ୍ତ ହାତୀକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।

ଫେସବୁକ୍ ରେ ଦେବୀ ମିଶ୍ର ଲେଖିଛନ୍ତି ଯେ "ଏଇ କିଛି ସମୟ ଆଗରୁ ନରସିଂହପୁର ର ଯୁବନେତା ନିର୍ମଳ ଜେନାଙ୍କ ଠାରୁ ଖବର ପାଇଲି ଯେ କିଛି ଗ୍ରାମବାସୀ ପାଖ ଜଙ୍ଗଲରେ ଏକ ଦନ୍ତା ହାଥୀ ଗୁଳିବଦ୍ଧ ହୋଇ ଯନ୍ତ୍ରଣା ପାଉଥିବା ଦେଖିଥିଲେ । ଫରେଷ୍ଟ ବାଲା ମଧ ଅବଗତ ହୋଇଛନ୍ତି ।ଭେଟରନାରୀ ଡାକ୍ତର ଆଶୁ ଚିକିତ୍ସା କରିଛନ୍ତି କିନ୍ତୁ ବିଶେଷଜ୍ଞଙ୍କ ଆବଶ୍ୟକତା ଅଛି । ଏହି ଘଟଣାରେ ମୁଁ ତୁରନ୍ତ ଟେଲିଫୋନ ଯୋଗେ ଓଡ଼ିଶାର ନୂତନ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଅବଗତ କରାଇ ନନ୍ଦନକାନନର ପ୍ରାଣୀ ବିଶେଷଜ୍ଞ ବ୍ୟବସ୍ଥା କରାଇବା ପାଇଁ ଅନୁରୋଧ କରିଛି । ଜିଲ୍ଲାପାଳ ଶ୍ରୀ ଚୟନୀ ଙ୍କୁ ମଧ ଅଫିସର ସ୍ଥରୀୟ ଯୋଗାଯୋଗ ଓ ବ୍ୟବସ୍ଥା ପାଇଁ କହିଛି ।"

ଅନ୍ୟପକ୍ଷରେ ହାତୀ ସମ୍ପର୍କରେ ଅବଗତ ଥିବା କହିଛନ୍ତି ପିସିସିଏଫ୍ ଶଶି ପଲ୍। ହାତୀର ଚିକିତ୍ସା ପାଇଁ ଟିମ୍ ଗଠନ ହୋଇଛି। ତେବେ ଗୁଳି ବାଜିଛି କି ନାହିଁ ସେ ସମ୍ପର୍କରେ ଏବେ ଜଣାପଡ଼ିନଥିବା ସେ କହିଛନ୍ତି। ନିକଟରେ ଆଠଗଡ ବନଖଣ୍ଡ ବଡମ୍ବା ରେଞ୍ଜର ଖାରଡ ଓ ଜେନାପାଳ ଗାଁରୁ ମାଟିତଳୁ ଦୁଇଟି ହାତୀ କଙ୍କାଳ ମିଳିଥିଲା।

# ଅନୁସୂଚିତ ବର୍ଗଙ୍କ ବିକାଶ,ମୋଦି ସରକାରଙ୍କ ପ୍ରାଥମିକତା : ସମୀର ମହାନ୍ତି

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଜାତିବିହୀନ ସମାଜ ଗଠନ ଥିଲା ଭାରତରତ୍ନ ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନ । ଦେଶରେ ସମାବେଶୀ ବିକାଶକୁ ସୁନିର୍ଶ୍ଚିତ କରିବାକୁ ମୋଦି ସରକାର ବଦ୍ଧପରିକର । ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଐତିହାସିକ ରୂପେ ଅସମାନତା ଓ ଅକ୍ଷମତାର ଶିକାର ହୋଇଥିବାରୁ ସେମାନଙ୍କ ପାଇଁ ସାମାଜିକ ନ୍ୟାୟ ଓ ସଶକ୍ତିକରଣର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସେବା, ସୁଶାସନ ଓ ଗରିବ କଲ୍ୟାଣ'ର ୮ବର୍ଷର ସ୍ୱର୍ଣ୍ଣିମ ଶାସନ କାଳ ସମ୍ପୂର୍ଣ୍ଣ ହୋଇଛି। ଆତ୍ମନିର୍ଭର ଭାରତ ଏବେ ବିଶ୍ୱଗୁରୁଭାବେ ବିଶ୍ୱ ପ୍ରେକ୍ଷାପଟ୍ଟରେ ଉଭା ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏ ସରକାରରେ, ଗରିବମାନଙ୍କ ଭିତରେ ସବୁଠାରୁ ଗରିବଙ୍କର ଉତ୍ଥାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବାରୁ ଅନ୍ତ୍ୟୋଦୟ ଯୋଜନାର କାର୍ଯ୍ୟାନ୍ୱୟନ ଓ ଦର୍ଶନ ପାଇଁ ନୂଆ ଅବସର ସୃଷ୍ଟି ହୋଇଛି। ଭାରତୀୟ ସମ୍ବିଧାନର ପ୍ରତିଷ୍ଠାତା ଡକ୍ଟର ଆମ୍ବେଦକରଙ୍କ ଦୁଇ ମନ୍ତ୍ର "ଭାରତୀୟମାନଙ୍କର ଗାରିମା" ଓ "ଭାରତୀୟ ଏକତା"କୁ ଆଧାର କରି ମୋଦି ସରକାର ସମସ୍ତ ନୀତି ପ୍ରସ୍ତୁତ କରିଛନ୍ତି । ଗତ ୮ବର୍ଷରେ ବାବା ସାହେବଙ୍କ ସାମାଜିକ ଆର୍ଥିକ ଗଣତାନ୍ତ୍ରିକ ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ଅହରହ ପ୍ରୟାସ ଜାରୀ ରଖିଛନ୍ତି ବୋଲି ଅନୁଗୁଳ ଜିଲ୍ଲା ଛେଣ୍ଡିପଦାର ବସନ୍ତପୁର ପଂଚାୟତଠାରେ ଅନୁଷ୍ଠିତ 'ଅନୁସୁଚିତ ଜାତି ମୋର୍ଚ୍ଚା ସମାବେଶ'ରେ ଯୋଗ ଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏହି ଅବସରରେ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କୁ ଶ୍ରୀ ମହାନ୍ତି ସମ୍ମାନିତ କରିଛନ୍ତି । ବିଜେପି ଦେଶର ପ୍ରଥମ ରାଷ୍ଟ୍ରୀୟ ରାଜନୈତିକ ପାର୍ଟି ଯିଏ ପ୍ରଥମ କରି ସ୍ୱର୍ଗତଃ ବାଙ୍ଗୁର ଲକ୍ଷ୍ମଣଙ୍କ ଭଳି ଜଣେ ଦଳିତ ନେତାଙ୍କୁ ନିଜ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଏବଂ ଲୋକସଭାର ପ୍ରଥମ ଦଳିତ ଅଧକ୍ଷ ରୂପେ ସ୍ୱର୍ଗତଃ ଜିଏମ୍ସି ବାଳଯୋଗୀଙ୍କୁ ୧୯୯୮ରେ ଏହି ପଦରେ ଆସୀନ କରାଇଥିଲା। ଆମ୍ବେଦକର ତଥା ଅନୁସୂଚିତ ଜାତି ଉପରେ ଅଧ୍ୟୟନ, ଅନୁସନ୍ଧାନ, ବିଶ୍ଳେଷଣ ଏବଂ ନୀତିନିର୍ମାଣ ପାଇଁ ଦିଲ୍ଲୀରେ ଡକ୍ଟର ଆମ୍ବେଦକର ଅନ୍ତରାଷ୍ଟ୍ରୀୟ କେନ୍ଦ୍ର ସ୍ଥାପନ କରିଛନ୍ତି ମୋଦି ସରକାର । ଭାରତୀୟ ରାଜନୀତି ଇତିହାସରେ ପ୍ରଥମ ଥର ପାଇଁ ୧୨ଜଣ ଦଳିତଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତି ଦେଇ ସାମାଜିକ ନ୍ୟାୟକୁ ସୁନିର୍ଶ୍ଚିତ କରାଯାଇଛି। ଏପରିକି ରାଜ୍ୟପାଳ ଭାବେ ୩ ଜଣଙ୍କୁ ନିଯୁକ୍ତି ମିଳିଛି । ପ୍ରଥମ କରି ଦଳିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ୱାଧୀନତାର ଅମୃତ ମହୋତ୍ସବରେ ସାମିଲ କରି ସେମାନଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇ ଦଳିତ ଆକାଂକ୍ଷାକୁ ଇତିହାସ ସହିତ ଯୋଡାଯାଇଛି । ଧାରା ୩୭୦ ଓ ୩୫ଏ ସମାପ୍ତ କରି ଜାମ୍ମୁକାଶ୍ମୀରରେ ଅନୁସୂଚିତ ଜାତିବର୍ଗଙ୍କୁ ସାମାଜିକ ନ୍ୟାୟ ଓ ସମ୍ମାନ ପ୍ରଦାନ କରାଯାଇଛି । ରାଜ୍ୟରେ ୨୪ଟି ବିଧାନସଭା କ୍ଷେତ୍ର ଅନୁସୁଚିତ ଜାତି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ତାଙ୍କ ବିକାଶ ଓ କଲ୍ୟାଣ ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଅର୍ଥକୁ ଓଡ଼ିଶା ସରକାର ବିଭିନ୍ନ ଉପାୟରେ ବାଟମାରଣା କରି ଅନ୍ୟାୟ କରୁଛନ୍ତି ।

## ବିଡ଼ିଓ ଦାୟିତ୍ୱରେ ରହିଲେ ବସ୍ତା ତହସିଲଦାର



ବସ୍ତା,୦୮/୦୬ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ଞାନ ରଂଜନ ସାହୁ ଙ୍କ ବଦଳରେ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାଶ ଦୁଇ ମାସ ପାଇଁ ଗୁରୁବାର ଠାରୁ ବିଡ଼ିଓ ଦାୟୀତ୍ୱରେ ରହିବେ ବୋଲି ସରକାରୀ ଭାବେ ଜଣାପଡିଛି । ଶ୍ରୀ ସାହୁ ଦୁଇ ମାସ ପାଇଁ ତାଲିମ ନେବାକୁ ଯାଉଥିବାରୁ ଏହି ପଦବୀ ରେ ଶ୍ରୀ ଦାଶ ରହିବା ସହିତ ତହସିଲଦାର ଦାୟୀତ୍ୱ ମଧ୍ୟ ତୁଲାଇବେ । ଶ୍ରୀ ସାହୁ ୨୦୧୮ ବ୍ୟାଚ ର ଓଡିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ନିଯୁକ୍ତି ସହ ବିଭିନ୍ନ ସ୍ଥାନରେ ପ୍ରବେଶନାରୀ ତାଲିମ ନେଇ ପ୍ରଥମ ବିଡ଼ିଓ ଭାବେ ବସ୍ତାରେ ଯୋଗ ଦେଇଥିଲେ ।ତାଙ୍କ ବ୍ୟାଚ ର ୬୦ ଜଣ ଅଧିକାରୀ ଏହି ଦୁଇ ମାସ ପାଇଁ ତାଲିମ ନେବାକୁ ଯାଉଛନ୍ତି ।

## ନୀଳଗିରିର ବିଭିନ୍ନ ସ୍ଥାନର ଚଢ଼ାଉ, ଶିଶୁ ଶ୍ରମିକ ଉଦ୍ଧାର

ନୀଳଗିରି,୦୮/୦୬ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାର ଚାଇଲ୍ଡ଼ ଲାଇନ ଓ ଶ୍ରମ ବିଭାଗ ତରଫରୁ ଆଜି ନୀଳଗିରି ବଜାରର ବିଭିନ୍ନ ସ୍ଥାନରୁ ଚଢ଼ାଉ କରାଯାଇଛି । ମାଂସ ଦୋକାନ, ଥଣ୍ଡା ପାନୀୟ ଜଳ ଦୋକାନ ରୁ ମୋଟ ୭ଜଣଙ୍କୁ ଉଦ୍ଧାର କରିଥିବା ବେଳେ ୨ଜଣଙ୍କୁ ବୟସ ହୋଇଥିବାରୁ ଛାଡ଼ି ଦେଇଥିଲେ । ଅନ୍ୟ ୫ଜଣ ଶିଶୁ ଶ୍ରମିକଙ୍କୁ ଉଧାର କରି ଶିଶୁ ମଙ୍ଗଳ କମିଟି ବାଲେଶ୍ୱର ଙ୍କୁ ପଠା ଯାଇଥିବା ସୂଚନା ଦେଇଥିଲେ । ଏହି ଚଢ଼ାଉରେ ଚାଇଲ୍ଡ଼ ଲାଇନ ଖଇରା, ବାଲେଶ୍ୱର ଟିମ୍ ଲିଡର ତପସ୍ୱିନୀ ନାୟକ, ପଂଚାନନ ତ୍ରିପାଠୀ, ଲେବର ଅଫିସର ନୀଳଗିରି ଦୀପ୍ତିରଂଜନ ସାହୁ, ଲେବର ଅଫିସର ବାଲେଶ୍ୱର ଦୀଲ୍ଲିପ କୁମାର ହଂସଦା ସାମିଲ ଥିଲେ ।

## ବାରାଣସୀ ଜିଲ୍ଲା କୋର୍ଟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦଙ୍କ ଆବେଦନକୁ ଖାରଜ କଲେ

ବାରାଣସୀ, ୦୮/୦୬ (ନି.ପ୍ର): ବାରାଣସୀ ଜିଲ୍ଲାକୋର୍ଟ ବୁଧବାର ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ରାଗ-ଭୋଗ ଏବଂ ଜ୍ଞାନବାପି କ୍ୟାମ୍ପସରେ ମିଳିଥିବା ଶିବଲିଙ୍ଗର ପୂଜାପାଠ ଉପରେ ଆବେଦନ କରିଥିବା ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ଆବେଦନକୁ ଖାରଜ କରି ଜିଲ୍ଲା ଜଜ୍ ଡକ୍ଟର ଅଜୟ କୃଷ୍ଣ ବିଶ୍ୱେଶ କହିଛନ୍ତି ଯେ, ଗ୍ରୀଷ୍ମ ଛୁଟି ପରେ ଅଭିଯୋଗକାରୀ ଏକ ନୂତନ ମୋକଦ୍ଦମା ଦାୟର କରିପାରିବେ । ଜିଲ୍ଲା ଜଜ୍ ଡକ୍ଟର ବିଶ୍ୱେଶର କହିଛନ୍ତିଯେ, ଶିବଲିଙ୍ଗର ପୁନରୁଦ୍ଧାର ବିଷୟରେ ସୂଚନା ମେ ୧୬ରେ ହୋଇଥିଲା । ଏଭଳି ପରିସ୍ଥିତିରେ ୩୧ ମେ ପର୍ଯ୍ୟନ୍ତ ମୋକଦ୍ଦମା ଦାୟର କରାଯାଇ ନାହିଁ । ଏପରି ପରିସ୍ଥିତିରେ ଗ୍ରୀଷ୍ମ ଛୁଟିରେ ଏକ ଆବେଦନ ଦାଖଲ କରିବା ମୋକଦ୍ଦମାର ଜରୁରୀ ନୁହେଁ । ଗତ ମଙ୍ଗଳବାର ଦିନ ଏହି ମାମଲା ଜିଲ୍ଲା କୋର୍ଟରେ ଶୁଣାଣି ହୋଇଥିଲା ।

# ପ୍ରତ୍ୟେକ ପଂଚାୟତ ଏବଂ ବ୍ଲକ ସ୍ତରରେ ଜଣେ ଜଣେ ଉଦ୍ୟୋଗୀ ସୃଷ୍ଟି ହିଁ ସବୁଠାରୁ ବଡ ସଫଳତା : ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ ବୁଧବାର ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ତାଙ୍କୁ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଶର୍ମା ମନ୍ତ୍ରୀଙ୍କ ସହ ଅଧିକାରୀମାନଙ୍କ ପରିଚୟ କରାଇଥିଲେ । ମନ୍ତ୍ରୀ ଇଂ ଘଡାଇ କହିଥିଲେ ଯେ ଆଜିର ପିଢି ନୂତନ ଯୁଗର ପ୍ରଯୁକ୍ତିବିଦ୍ୟାର ସମ୍ମୁଖୀନ ହେଉଛନ୍ତି । ସଂପ୍ରତି ଫିନ୍‌ଟେକ୍, ଏଜୁଟେକ୍ ଓ ଫୁଡ୍‌ଟେକ୍ କ୍ଷେତ୍ରରେ ଅଧିକ ନିଯୁକ୍ତିର ସୁଯୋଗ ରହିଛି । ଆମ ରାଜ୍ୟରେ ମଧ୍ୟ ଏହି ସବୁ କ୍ଷେତ୍ରରେ ସ୍କିଲିଂ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ହେବ। ସ୍କିଲ ହେଉଛି ଆଜିର ଆବଶ୍ୟକତା । ସ୍କିଲ ହିଁ କର୍ମନିଯୁକ୍ତି ଆଡକୁ ପଥ ପ୍ରସ୍ତୁତ କରିଥାଏ । ତେଣୁ ସ୍କିଲ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ଜଣେ ଜଣେ ଉଦ୍ୟୋଗୀ ସୃଷ୍ଟି କରିପାରିଲେ ତାହା ହିଁ ସବୁଠାରୁ ବଡ ସଫଳତା ହେବ ବୋଲି ମନ୍ତ୍ରୀ ଇଂ ଘଡାଇ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା, ବିଭାଗ ଅଧୀନସ୍ଥ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, କର୍ମନିଯୁକ୍ତି ନିର୍ଦ୍ଦେଶାଳୟ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ, ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ବିପିୟୁଟି, ଭିସୁଟ୍ ଓ ଓୟୁଟିଆର ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସେହିପରି ବିଭାଗ ଦ୍ୱାରା ପରିଚାଳିତ ଦୀର୍ଘମିଆଦୀ ଏବଂ ସ୍ୱଳ୍ପମିଆଦୀ ପ୍ରଶିକ୍ଷଣ ସହ ସୁଦକ୍ଷା ଯୋଜନା ବିଷୟରେ ମଧ୍ୟ ସମ୍ୟକ ସୂଚନା ଦେଇଥିଲେ । ୱାର୍ଲ୍ଡ ସ୍କିଲ ସେଂଟର ବିଷୟରେ ସୂଚନା ଦେଇ ଶ୍ରୀ ଶର୍ମା କହିଥିଲେ ଯେ ଆଇଟିଆଇ ଏବଂ ପଲିଟେକନିକରୁ ଉତୀର୍ଣ୍ଣ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଏକ ଫିନିସିଙ୍ଗ ସ୍କୁଲ ଭାବରେ କାର୍ଯ୍ୟ କରୁଛି । ଜାତୀୟ ସ୍କିଲ ପ୍ରତିଯୋଗିତାରେ ଆମ ରାଜ୍ୟ ସର୍ବଶେଷ୍ଠ ପ୍ରଦର୍ଶନ କରିଛି ଏବଂ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତର ଏକମାତ୍ର ସ୍ୱର୍ଣ୍ଣ ଓଡିଶା ଆଣିଥିଲା । ଓଡିଶାର ସ୍କିଲ ଗୁଣବତା ସବୁଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ନିକଟ ଅତୀତରେ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟରୁ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସରକାରୀ ଇଞ୍ଜିନିୟରିଂ ଏବଂ ମେଡିକାଲ ମହାବିଦ୍ୟାଳୟରେ ପଢିବା ପାଇଁ ୧୫% ସ୍ଥାନ ସଂରକ୍ଷଣ କରିଛନ୍ତି ।

## ଯାଜପୁର ଜିଲ୍ଲା କୈବର୍ତ୍ତ ସଭାର ନୂତନ କମିଟି ଗଠିତ

କୋରେଇ,୦୮/୦୬ (ନି.ପ୍ର): ଯାଜପୁର ଜିଲ୍ଲା କୈବର୍ତ ସଭାର ଏକ ବୈଠକ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ କର୍ମକତା ମାନେ ବୈଠକରେ ଯୋଗଦାନ କରିଥିଲେ । ଜିଲ୍ଲାର ମୁଖ୍ୟ ଉପଦେଷ୍ଟା ବ୍ରଜ କିଶୋର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ମା ବାଗଦେବୀଙ୍କ ପୂଜାର୍ଚ୍ଚନା କରାଯିବା ସହ ନୀଳମଣି ବେହେରା ଓ ପୂର୍ଣ୍ଣ ଚନ୍ଦ୍ର ତରାଇ ଶ୍ଳୋକ ଆବୃତି କରିଥିଲେ। ପ୍ରତିନିଧି ମାନେ ନିଜ ନିଜର ପରିଚୟ ପ୍ରଦାନ ପରେ ଜିଲ୍ଲା ସଭାପତି ଜଗନ୍ନାଥ ମାଝୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏହା ପରେ ନିଖିଳ ଉତ୍କଳ କୈବର୍ତ ମହାସଭାର ଚିଠି ପଠନ କରାଯାଇଥିଲ । ଜିଲ୍ଲା ସଙ୍ଗଠନର କାର୍ଯ୍ୟକାଳ ପୁରି ଯାଇଥିବାରୁ ସଭାପତି ନୂତନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏନେଇ ଆଲୋଚନ ପରେ ସର୍ବ ସମ୍ମତି କ୍ରମେ ନୂତନ କମିଟିର ରୂପରେଖ ଗଠନ କରାଯାଇଥିଲା । ସଭାପତି ଭାବେ ପ୍ରଧ୍ୟାପକ ଶିବ ଚରଣ ମାଝୀ, ଉପସଭାପତି ବାସୁଦେବ ପରିଡା ଓ ନୀଳମଣି ବେହେରା, ସାଧାରଣ ସମ୍ପାଦକ ଅନନ୍ତ ଚରଣ ମଲିକ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ରାଜ କିଶୋର ବେହେରା, କୁଳମଣି ପରିଡା, ପୂର୍ଣ୍ଣ ଚନ୍ଦ୍ର ତରାଇ, କୋଷାଧ୍ୟକ୍ଷ ପ୍ରକାଶ ତରାଇ, ସହ କୋଷାଧ୍ୟକ୍ଷ ଚକ୍ରଧର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ କିଶୋର ତରାଇ, ଜଗନ୍ନାଥ ମାଝୀ, ଉମାକାନ୍ତ ମାଝୀ, ଋଷି ପରିଡା, ଶଙ୍କର୍ଷଣ ପରିଡା, ମାୟାଧର ମଲିକ, ମନୋଜ କୁମାର ତରାଇ, ସସ୍ମିତା ମାଝୀ, ଜୟନ୍ତୀ ଦଳାଇ, ଅକ୍ଷୟ କୁମାର ତରାଇଙ୍କୁ ମନୋନିତ କରାଯାଇଥିଲା ।

## ବିଜେପି ପକ୍ଷରୁ ଦଳିତ ସମାବେଶ

ଭଦ୍ରକ,୦୮/୦୬ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପ ।ୟତ ବଉଳଡିହ ଦଳିତ ବସ୍ତିରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମୋଦି ସରକାରଙ୍କ ୮ବର୍ଷ ପୁର୍ତ୍ତି ଉପଲକ୍ଷେ ଦଳିତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଦଳର ମଣ୍ଡଳ ସଂଯୋଜକ ଶ୍ରୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଦଳର ନିର୍ବାଚନମଣ୍ଡଳୀନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ ଅତିଥି ଭାବେ ଯୋଗଦେଇ ଦଳିତମାନଙ୍କ ଉନ୍ନତିକଳ୍ପେ ମୋଦି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ, ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସଂଯୋଗ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନରେ ରାସନ ସାମଗ୍ରୀ ବିତରଣ, ସାମାଜିକ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ଶିକ୍ଷା ଯୋଜନା, ସ୍ୱାବଲମ୍ବିଶୀଳତା ପାଇଁ ଋଣ ଯୋଜନା ଆଦି ସମ୍ପର୍କରେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ପ୍ରଦ୍ୟୁମ୍ନ ସେନାପତି, ସ୍ୱରାଜ ମହାପାତ୍ର, ତରଣୀକାନ୍ତ ଜେନା, ରବିନାରାୟଣ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନଟବର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଦଶରଥ ମଲିକ, କେଦାର ସାହୁ, ଦେବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯାତ୍ରାରେ ଅଭିନୟ କରି ନାୟିକା ଭାବେ ବେଶ ପରିଚିତ ଭଦ୍ରକ ଜିଲ୍ଲାର ଏହି ଯାତ୍ରା କଳାକାର



ଭଦ୍ରକ, ୦୮/୦୬ (ନି.ପ୍ର): ଅନେକ ଯାତ୍ରା ରେ ଅଭିନୟ କରି ଦର୍ଶକଙ୍କ ମୁହଁରେ ହଂସ ଫୁଟେଇ ପାରୁଥିବା ନାୟିକା ପୂଜା ରାଣୀ ବିଶ୍ୱାଳ। ଜଗସିଂଗପୁର ଜିଲ୍ଲା ଏରସମା ରେ ଜନ୍ମ ଗ୍ରହଣ କରିଥିଲେ ପୂଜା । କିନ୍ତୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ପୂଜା ବିବାହ କରିଛନ୍ତି। ତାଙ୍କର ୧୦ ବର୍ଷ ହୋଇଥିବା ବେଳେ ସେ ଅଭିନୟ ଜଗତକୁ ଉଳେହି ଆସିଥିଲେ ବୋଲି କହିଛନ୍ତି । କଳା ଏତେ ବାନ୍ଧି ରଖିଥିଲା କି ସେ କୌଣଷି ମୁହୂତ ରେ କଳାକୁ ଛାଡି ପାରୁନଥିଲେ ପୂଜା। ୧୦ ବର୍ଷ ହୋଇଥିବା ବେଳେ ସେ ଘରୁ ପଳେଇ ଆସିଥିଲେ ଯାତ୍ରା ଦୁନିଆକୁ । ଯାତ୍ରା ଅଷ୍ଟଶମ୍ଭୁ ଗଣନାଟ୍ୟ ରେ ଅଭିନୟ ଆରମ୍ଭ କରିଥିଲେ ପୂଜା, ପ୍ରଥମେ ସେହି ଯାତ୍ରାପାର୍ଟିରେ ଛୋଟ କଳାକାର ଭାବେ ଅଭିନୟ କରିଆସୁଥିଲେ, ପରେ ତାଙ୍କର ପ୍ରତିଭା ଦେଖି ଧୀରେ ଧୀରେ ଆଗକୁ ବଢ଼ି ଆଜି ନାୟିକା ଭାବେ ବେଶ୍ ପରିଚିତ ହୋଇ ପାରିଛନ୍ତି। ଆଜକୁ ପ୍ରାୟ ୨୨ ବର୍ଷ ହେବ ଅଭିନୟ କରି ଆସୁଛନ୍ତି ପୂଜା ରାଣୀ ବିଶ୍ୱାଳ। ପ୍ରଥମେ ଅଭିନୟ କରିଥିବା ନାଟକ- ଆଖି ନାହିଁ ମୋ ସାକ୍ଷୀ ନାହିଁ ନାଟକରେ ଅଭିନୟ କରି ବେଶ୍ ଚର୍ଚ୍ଚା ସାଉଣ୍ଟି ଥିଲେ ନାୟିକା ପୂଜା। ଏବେ ସେ ଯାତ୍ରା ଧଉଳୀ ଗଣନାଟ୍ୟ ରେ ନାୟିକା ଭାବେ ଅଭିନୟ କରୁଛନ୍ତି। ତାଙ୍କର ସୁପର୍ ହିଟ ନାଟକ ମଧ୍ୟରୁ , କଳଙ୍କ ମୋ ପାଇଁ ଚନ୍ଦନ ଟୋପା ନାଟକରେ ଅଭିନୟ କରି ଦର୍ଶକଙ୍କୁ କନ୍ଦାଇ କନ୍ଦାଇ ବେଶ୍ ଚର୍ଚ୍ଚା ସାଉଁଟି ଥିବା ଦେଖିବାକୁ ମିଳିଛି । ସେ କହିଛନ୍ତି ମୁଁ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଛି ଏଭଳି ମୁଁ ମୋ ଦର୍ଶକଙ୍କୁ ଅଭିନୟ କରି ବେଶ୍ ଖୁସି ବାଣ୍ଟୁ ଥିବି।

## ଜଳକଷ୍ଟ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା ଅବରୋଧ

ନୀଳଗିରି,୦୮/୦୬ (ନି.ପ୍ର): ସହିପାରିଲେନି ଜଳକଷ୍ଟ । ମିତ୍ରପୁର ଅଯୋଧା ରାସ୍ତାକୁ ଅବରୋଧ କଲେ ଗ୍ରାମବାସୀ । ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅଧୀନ ମହିଷାପଟା ପଂଚାୟତରେ । ମହିଷାପଟା ପଂଚାୟତର ଜାମବଣି ଗ୍ରାମରେ ଦୀର୍ଘଦିନ ଧରି ବସୁଧା ଯୋଜନାରେ ଆସୁଥିବା ପାଣି ବନ୍ଦ ହୋଇଯାଇଥିଲା । ଗାଁରେ ଥିବା ନଳକୂପ ଗୁଡ଼ିକର ଜଳସ୍ତର କମିଯିବାରୁ ପାଣି ପାଇ ପାରୁ ନ ଥିଲେ ଗ୍ରାମବାସୀ । ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସମାଧାନ ହୋଇ ନ ଥିଲା । ଗ୍ରାମବାସୀ କୌଣସି ରାସ୍ତା ନ ପାଇ ସମସ୍ୟାର ସମାଧାନ ପାଇଁ ଜାମବଣି ଗ୍ରାମର ଶତାଧିକ ମହିଳା ପୁରୁଷ ବାଲଟି ଗଗରା ଧରି ସକାଳ ୬.୩୦ମି. ରେ ମିତ୍ରପୁର-ଅଯୋଧା ରାସ୍ତାକୁ ଅବରୋଧ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ସରପଂଚ ରବିନ୍ଦ୍ର ସିଂ, ସମିତିସଭ୍ୟ ଦୁଶାସନ ପୃଷ୍ଟି, ବିଜେପି ନେତା ଗଙ୍ଗାଧର ମିଶ୍ର, ବିଜେପି ଯୁବ ନେତା ତାପସ ମହାନ୍ତି, ଆର.ଡବଲୁ.ଏସ.ଏସ. ଏସ.ଡି.ଓ. ରୂପେଶ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ଓ ବିଭାଗୀୟ କର୍ମଚାରୀମାନେ ପହଂଚି ବନ୍ଦ ପଡ଼ିଥିବା ନଳକୂପକୁ ମେସିନ ସାହାଯ୍ୟରେ ମରାମତି କରିଥିଲେ । ଏହା ସହ ଯୁଦ୍ଧକାଳିନ ଭିତିରେ ୨ନଳକୂପ ଖୋଲାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ ଗ୍ରାମବାସୀ ।

## ପଡ଼ୁବେଡ୍ଡୁ ଚାଷୀଙ୍କ ମୁହଁରେ ହସ ଆଣି ଦେଇଛି ଏସଏସଟି

ଥିରୁବନାମଲାଇ, ୦୮/୦୬ (ନି.ପ୍ର): ଥିରୁଭାନାମଲାଇ ଜିଲ୍ଲାର ମଧ୍ୟଭାଗରେ ଥିବା ଅନେକ ଗ୍ରାମରେ ବର୍ଷସାରା ଟଙ୍କାର ଫସଲ ବୁଣାଯାଏ ଏବଂ କଟାଯାଏ । ପୂର୍ବରୁ ଜଳସେଚନ ପାଇଁ ସମ୍ବଳ ଅଭାବରୁ ଏବଂ ଏହି ଅଂଚଳରେ ଭୂତଳ ଜଳ ସ୍ତର ହ୍ରାସ ହେତୁ ଗୋଟିଏ ଫସଲ ଅମଳ କରିବା ମଧ୍ୟ କଷ୍ଟସାଧ୍ୟ ଥିଲା, କିନ୍ତୁ ବର୍ତମାନ ଏଠାରେ ଥିବା ଚାଷୀମାନେ ଗୋଟିଏ ବଦଳରେ ଧାନ ଓ କଦଳୀ ଚାଷ କରୁଛନ୍ତି । କେବଳ ଏତିକି ନୁହେଁ, ଏଠାରେ ଥିବା ଚାଷୀଙ୍କ ମୁହଁରେ ଏବେ ହସ ଦେଖାଯାଉଛି । ପଡ଼ୁବେଡ୍ଡୁ ଗ୍ରାମ ପଂଚାୟତର ପୁଡୁର ଗାଁର କୃଷକ ପି. ସୁବ୍ରମଣ୍ୟମ୍ ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ କହିଛନ୍ତି ଯେ, ଏହି ଗ୍ରାମରେ ସବୁଜତା ଏବଂ ନୂନ ଚାଷ କୌଶଳର ଶ୍ରେୟ ଶ୍ରୀନିବାସନ୍ ସର୍ଭସେନ ଟ୍ରଷ୍ଟ (ଏସଏସଟି) କୁ ଯାଉଛି । ସୁବ୍ରମଣ୍ୟମ କହିଛନ୍ତି ଯେ, ଗାଁର ଲୋକମାନେ ସେମାନଙ୍କ ସମସ୍ୟା ନେଇ ଏସଏସଟିର ଫିଲ୍ଡ ନିର୍ଦ୍ଦେଶକ ତ୍ୟାଗରାଜନଙ୍କ ନିକଟକୁ ଯାଇଥିଲେ । ଫଳସ୍ୱରୂପ, ଆଖପାଖ ଗାଁର ପୋଖରୀକୁ ସଜୀବ କରିବା କାମ ଆରମ୍ଭ ହେଲା । ଆଜି ଏସଏସଟି ହେତୁ ଆମେ କେବଳ ଗୋଟିଏ ବର୍ଷରେ ତିନି ତିନୋଟି ଫସଲ ଅମଳ କରୁନାହୁଁ, ବରଂ କୃଷିର ଉନ୍ନତ କୌଶଳ ମଧ୍ୟ ଗ୍ରହଣ କରୁଛୁ । ସୁବ୍ରମଣ୍ୟମ୍ କହିଛନ୍ତି ଯେ, ଏସଏସଟି ସାହାଯ୍ୟରେ ଆମର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଆସିଛି । ଫିଲ୍ଡ ଡାଇରେକ୍ଟର ତ୍ୟାଗରାଜନ କହିଛନ୍ତିଯେ, ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ପରେ ଏସଏସଟି ପୁଡୁର ଗ୍ରାମର ପୋଖରୀରୁ ସିଲ୍ଟ ହଟାଇବା ପାଇଁ ଯୋଜନା ପ୍ରସ୍ତୁତ କରି ଏହାକୁ ସମ୍ପୂର୍ଣ୍ଣ କରିଛି । ଯାହା ପରେ ବର୍ଷା ଜଳର ସଂରକ୍ଷଣ ଆରମ୍ଭ ହେଲା । ଫଳସ୍ୱରୂପ, ବର୍ଷସାରା ଜଳସେଚନ ପାଇଁ ଜଳ ଉପଲବ୍ଧ ହେଲା ଏବଂ ଭୂତଳ ଜଳସ୍ତର ବୃଦ୍ଧି ପାଇଲା । ବର୍ତମାନ ପୁଦୁର ଗାଁରେ ଭୂତଳ ଜଳ ସ୍ତର ୭୦୦ ଫୁଟରୁ ୧୫ରୁ ୨୦ ଫୁଟକୁ ଖସି ଆସିଛି । ତ୍ୟାଗରାଜନ ଆହୁରି ସୂଚନା ଦେଇଛନ୍ତି ଯେ, ପୁଦୁର ଗ୍ରାମ ବ୍ୟତୀତ ଅନନ୍ତପୁରମ୍ ଏବଂ ପଡୁବେଡୁ ଗ୍ରାମ ପଂଚାୟତର ୯ଟି ଗ୍ରାମର ୧୭ଟି ପୋଖରୀରୁ ସିଲ୍ଟ ହଟାଇବା କାର୍ଯ୍ୟ ସ୍ଥାନୀୟ ଗ୍ରାମ ପଂଚାୟତ ସହାୟତାରେ ଏସଏସଟି ଦ୍ୱାରା ଶେଷ ହୋଇଛି । ଏକକାଳୀନ, ତାମ୍ରାଇ (କମଳ) ଜଳସେଚନ ପୋଖରୀରୁ ସିଲ୍ଟ କାଢ଼ିବା ବ୍ୟତୀତ ଏହି ପୋଖରୀରେ ବର୍ଷା ଜଳ ସଂରକ୍ଷଣ ଚ୍ୟାନେଲ (ପଥ) ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଏସଏସଟିର ଏହି କାର୍ଯ୍ୟ ଦୁଇଟି ଗ୍ରାମ ପଂଚାୟତର ୯ଟି ଗ୍ରାମର ୫୩୦୦ ଜନସଂଖ୍ୟାକୁ ଉପକୃତ କରିଥିଲା । ୧୩୩୨ ଏକର କୃଷି ଜମିକୁ ଜଳସେଚନ ପାଇଁ ବର୍ଷସାରା ଜଳ ଉପଲବ୍ଧ ଥିଲା । ୫୦୫୦ ହେକ୍ଟର ଜଙ୍ଗଲ କ୍ଷେତ୍ର ପ୍ରସ୍ତୁତ ତ୍ୟାଗରାଜନ ଦର୍ଶାଇଛନ୍ତି ଯେ, ପୌଲୁର ଏବଂ ପଶ୍ଚିମ ଆର୍ଣି ଅଂଚଳ ଚାଷପାଇଁ ଅନୁପଯୁକ୍ତ ଭୂମି । ବନ ବିଭାଗ ସହଯୋଗରେ ଏସଏସଟି ଏହି କ୍ଷେତ୍ରରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କଲା । ୧୯୯୭ ରୁ ୨୦୦୮ ବର୍ଷ ଅର୍ଥାତ୍ ୧୧ ବର୍ଷ ମଧ୍ୟରେ ଏହି କ୍ଷେତ୍ର ଏକ ଜଙ୍ଗଲ ଅଂଚଳରେ ପରିଣତ ହୋଇ ସବୁଜତା ଆଣିଲା । ଏହିପରି ୫୦୫୦ ହେକ୍ଟର ସମୁଦାୟ ଜଙ୍ଗଲ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାସ୍ତାରୁ ହଟିବ ପୁରୁଣା....

ବେଳେ ସେଗୁଡିକ କେବଳ ଅତ୍ୟଧିକ ବାୟୁ ପ୍ରଦୂଷଣ କରୁନାହାନ୍ତି ବଂର ତାହା ଚଳାଇବା ମଧ୍ୟ ବ୍ୟୟବହୁଳ ବ୍ୟାପାର । କରୋନା ମହାମାରୀ ବ୍ୟାପିବା ପରେ ପରିବହନ ସଂସ୍ଥାଗୁଡିକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ତେବେ ନିତି ଆୟୋଗ ଏକ ଏକକ ପ୍ରକ୍ୟୁରମେଣ୍ଟ୍ ପୋର୍ଟାଲ ପ୍ରସ୍ତୁତ କରି ସେଥିରେ ସମସ୍ତ ଅଂଶୀଦାରଙ୍କୁ ଯୋଡିଛି । ସେହି ପୋର୍ଟାଲ ଜରିଆରେ ଦିଲ୍ଲୀ, ବେଙ୍ଗାଲୁରୁ, କୋଲକତା, ହାଇଦ୍ରାବାଦ୍ ଓ ସୁରଟ ୫, ୪୫୦ ଇଲେକ୍ଟ୍ରିକ୍ ବସ୍ ମଗାଇଛନ୍ତି । ୧୨ ମିଟର ଲମ୍ବା ବସର ସର୍ବନିମ୍ନ ମୂଲ୍ୟ କଲୋମିଟର ପିଛା ୪୩ଟଙ୍କା ୪୯ ପଇସା ଓ ୯ମିଟର ବସର ମୂଲ୍ୟ କିଲୋମିଟର ପିଛା ୩୯ ଟଙ୍କା ୨୧ ପଇସା ଧାର୍ଯ୍ୟ କରାଯାଇଛି । ଡିଜେଲ ଚାଳିବ ପୁରୁଣା ବସ୍ ହଟାଇ ଇଲେକ୍ଟ୍ରିକ୍ ଯାନ ଗ୍ରହଣୀୟତା ବଢିଲେ ଅଙ୍ଗାରକାମ୍ଳ ନିର୍ଗମନକୁ ନେଇ ଭାରତ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ ସହଜ ହୋଇପାରିବ । ଇଲେକ୍ଟ୍ରିକ୍ ବସ୍ ଚାଲିବା ଦ୍ୱାରା ଭଲ ଦୁଇପଇସା ରୋଜଗାର କରିପାରିବେ ବସ୍ ମାଲିକ ଏହା ସହିତ ଯାତ୍ରୀମାନଙ୍କ ପାଇଁ ମଧ୍ୟ ଭଡା କମିବ । ଡିଜେଲ ଦର ବଢିବା କାରଣରୁ ବସ୍ ଭଡାବି ବଢୁଛି । ପ୍ରତିଦିନ ବସ୍ ମାଲିକମାନେ କ୍ଷତି ସହୁଛନ୍ତି । ସେହି ଖର୍ଚ୍ଚକୁ କମ୍ କରିବାରେ ଇଲେକ୍ଟ୍ରିକ୍ ବସ୍ ସହାୟକ ହେବ ବୋଲି ଆଶା କରାଯାଉଛି । ଅନ୍ୟପଟେ, ଇଲେକ୍ଟ୍ରିକ୍ ବସ୍ ଚାଲିବା ଦ୍ୱାରା ପରିବେଷ ପ୍ରଦୂଷଣ କମିବ । ଖାସ କରି ଦିଲ୍ଲୀରେ ପରିବେଶ ପ୍ରଦୂଷଣ ଯେଉଁଭଳି ଭାବେ ବଢୁଛି, ତାକୁ ଦୃଷ୍ଟିରେ ରଖି ଇଲେକ୍ଟ୍ରିକ୍ ବସ ହିଁ ସବୁଠୁ ଭଲ ଉପାୟ ବୋଲି କୁହାଯାଇପାରିବ ।

## ରାଷ୍ଟ୍ରପତି ଭବନରେ 'ଲୋକତନ୍ତ୍ରର ସ୍ୱର'....

ଶିକ୍ଷା ନୀତି ବିଷୟରେ ମହାମହିମ ରାଷ୍ଟ୍ରପତି ଅଭିଭାଷଣରେ କହିଛନ୍ତି ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ପୂରଣ କରିବ। ଏହା ରାଷ୍ଟ୍ରପତିଙ୍କ ଦୁଇ ଚାରୋଟି ଶବ୍ଦ ନୁହେଁ ବରଂ ଆଗାମୀ ଦଶନ୍ଧିର ଏକ ବେଂଚମାର୍କ ଓ ଭିନ୍ନ ମୋଡ଼ ରହିବ। ସେହିପରି ଦେଶର ଶିକ୍ଷା ବ୍ୟବସ୍ଥା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି ନିଜ ଭାଷଣରେ ଏନଇପି ପ୍ରତି ରଖିଥିବା ଅପେକ୍ଷାକୁ ସାକାର କରିବାକୁ ହେବ ଏବଂ ତାଙ୍କ ମାର୍ଗଦର୍ଶନକୁ ବାସ୍ତବ ରୂପ ଦେବାକୁ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ଭବନ ଭାରତବର୍ଷର ୧୩୦ କୋଟି ଜନତାଙ୍କ ଆସ୍ଥାର ମନ୍ଦିର। ଆଜି ପ୍ରଜାତନ୍ତ୍ରର ମନ୍ଦିରରେ ସାଧାରଣ ଦଳିତ ଘରର ବ୍ୟକ୍ତି ଦେଶର ରାଷ୍ଟ୍ରପତି ଏବଂ ପର ଘରେ ବାସନ ମାଜି ଘର ଭରଣପୋଷଣ କରୁଥିବା ମାଆର ପୁଅ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଦୁନିଆର କେଉଁଠାରେ ସମୟରେ ଏପରି ଉଦାହରଣ ଦେଖିବାକୁ ମିଳେ କି ? ଏହା ହିଁ ଭାରତୀୟ ପ୍ରଜାତନ୍ତ୍ରର ପରାକାଷ୍ଠା ବୋଲି ରାଷ୍ଟ୍ରପତିଙ୍କ କଥାକୁ ଶ୍ରୀ ପ୍ରଧାନ ଦୋହରାଇଛନ୍ତି। ଭାରତ ଭଳି ବୃହତ ଗଣତନ୍ତ୍ରର ଦେଶ ଆଜି 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି। ଏହି ସମୟରେ ରାଷ୍ଟ୍ରପତିଙ୍କ ପ୍ରମୁଖ ବିଚାରର ଦୁଇ ଆଧାର ସ୍ତମ୍ଭ ହେଉଛି ନୈତିକତା ଓ ଦୃଷ୍ଟି। ଭାରତର ଅଭୁତପୂର୍ବ ବିଚାର ଓ ଆଧୁନିକ ଚ୍ୟାଲେଞ୍ଜ ସହ ଆଧୁନିକ ଦାୟିତ୍ୱ କଣ, ଏ ସମସ୍ତ ବିଷୟରେ ରାଷ୍ଟ୍ରନେତାଙ୍କ ପୁସ୍ତକକୁ ସମସ୍ତ ପ୍ରତ୍ୟକ୍ଷ ପୁସ୍ତକ ଓ ଇ-ପୁସ୍ତକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦିପୁର ରୋଡ଼ ବାପୁନ....

ବାପୁନ ବଳରାମଗଡ଼ିରୁ ବାଲେଶ୍ୱର ଟାଉନକୁ ଆସୁଥିବା ବେଳେ ମହର୍ଷି ମହାବିଦ୍ୟାଳୟ ନିକଟରେ ଆନ୍ନା ତାକୁ ପ୍ରଥମେ ଅଟକାଇ ବାକିଥିବା ଟଙ୍କା ମାଗିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ଆନ୍ନା ନିକଟରେ ଥିବା ଭୁଜାଲିରେ ବାପୁନକୁ ପ୍ରଥମେ ଆକ୍ରମଣ କରିଥିଲା। ପରେ ସେଠାରେ ଛକି ରହିଥିବା ଅନ୍ୟମାନେ ଏହି ଆକ୍ରମଣରେ ସାମିଲ ହୋଇଥିଲେ। ଆକ୍ରମଣ ପରେ ଆହତ ଆନ୍ନା ସମେତ ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗ ପଳାଇ ଯାଇଥିଲେ ବୋଲି ଆଇଜି କହିଛନ୍ତି। ଏନେଇ ଏକ ମାମଲା ରୁଜୁ ସହ ପୁଲିସ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସହ ଏସପି ସୁଧାଂଶୁ ମିଶ୍ର, ସିଟି ଡିଏସପି ଅମୂଲ୍ୟ ଧର, ସଦର ଡିଏସପି ପଦାରବିନ୍ଦ ମହାପାତ୍ର ଓ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଦ୍ଧୁ ମୁସେୱାଲା ହତ୍ୟାକାଣ୍ଡର ....

ଯଥାଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି। ଏନେଇ ପଞ୍ଜାବରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ୨୯ ତାରିଖରେ ପଞ୍ଜାବର ଲୋକପ୍ରିୟ ଗାୟକ ତଥା ରାଜନେତା ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରାଯାଇଥିଲା। ପଞ୍ଜାବର ମନ୍‌ସା ଜିଲ୍ଲାରେ କେତେକ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ପିଛା କରି ୨୫ ରାଉଣ୍ଡ ଗୁଳି ଚଳାଇଥିଲେଘଟଣାକୁ ନେଇ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। କାନାଡାରେ ରହୁଥିବା ଗ୍ୟାଙ୍ଗଷ୍ଟର ଗୋଲ୍ଡୀ ବ୍ରାର ଫେସବୁକ ପୋଷ୍ଟ ଜରିଆରେ ଘଟଣା ପାଇଁ ନିଜକୁ ଦାୟୀ କରିଛି।

## ବିମାନ ଯାତ୍ରୀଙ୍କ ପାଇଁ ମାସ୍କ ....

ଜୁନ ୩ ତାରିଖରେ ଦିଲ୍ଲୀ ହାଇକୋର୍ଟ କହିଥିଲେ କି, କରୋନା ମହାମାରୀ ଏବେ ଶେଷ ହୋଇନାହିଁ । ଏହି କ୍ରମରେ ବିମାନ ଯାତ୍ରୀମାନଙ୍କୁ ବାରମ୍ବାର କହିବା ପରେ ଯଦି କେହି ଏହି ନିୟମର ଅବମାନନା କରୁଛନ୍ତି ତେବେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ । କହିରଖୁ କି ପୁଣିଥରେ ଦେଶରେ ଦୈନିକ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ କରୋନା ସଂକ୍ରମଣ ୫ ହଜାର ଉପରେ, ରହିଛି । ଏସବୁକୁ ନଜରରେ ରଖି ଗତ କିଛିଦିନ ତଳେ କେନ୍ଦ୍ର ସରକାର ୫ ଟି ରାଜ୍ୟକୁ ଚିଠି ଲେଖି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ।

# ଅବ୍ୟବସ୍ଥା ଭିତରେ ଚାଲିଛି ପ୍ରାଥମିକ ଶିକ୍ଷା

ଜୟପୁର,୦୮/୦୬ (ନି.ପ୍ର): ନାହିଁ ନାହିଁରେ ଚାଲିଛି ବିଦ୍ୟାଳୟ, ଅବ୍ୟବସ୍ଥା ଭିତରେ ଚାଲିଛି ପ୍ରାଥମିକ ଶିକ୍ଷା, ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି ୩ଟି ଶ୍ରେଣୀର ଛାତ୍ରଛାତ୍ରୀ । ସରକାର ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟବରାଦ କରୁଛନ୍ତି କିନ୍ତୁ ପ୍ରଶାସନିକ ଅବହେଳା କାରଣରୁ ଏହା ଠିକ ଭାବେ କାର୍ଯ୍ୟ କାରୀ ହେଉ ନାହିଁ । ଛାତ୍ର ଛାତ୍ରୀ ଉତ୍ତମ ମାନର ପାଠ ପଢିବା ପାଇଁ ଶ୍ରେଣୀ ଗୃହ,ରୋଷେଇ ଗୃହ ,ପାଇଖାନା ଭଳି ସୁବିଧା ଆଜି ଯାଇଁ ପାଇ ପାରୁ ନାହାଁନ୍ତି ଛାତ୍ର ଛାତ୍ରୀ । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାମତା ପଞ୍ଚାୟତ ରତାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର । ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ରହିଛି କେବଳ ୩ଟି ଶ୍ରେଣୀ ଗୃହ । ଏହି ବିଦ୍ୟାଳୟରେ ୨୧୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । ୧୯୩୮ ମସିହାରେ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ଏଠାରେ ସ୍କୁଲ ପ୍ରତିଷ୍ଠା ହୋଇଥଲା । କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ଉନ୍ନତି ହୋଇ ନ ପାରି ଗ୍ରାମାଞ୍ଚଳର ଶିକ୍ଷାର ବିକାଶ ପାଇଁ ପ୍ରଶାସନିକ ତତ୍ପରତା କେତେ ଏହି ବିଦ୍ୟାଳୟକୁ ଦେଖିଲେ ଅନୁମେୟ ହେଉଛି । ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ,ପାଇଖାନା,ରୋଷେଇ ଗୃହ, ଛାତ୍ର ଛାତ୍ରୀଙ୍କ ପାଇଁ ପାନୀୟ ଜଳ ଭଳି ମୌଳିକ ସୁବିଧା ନଥିବା ଦେଖା ଦେଇଛି । ସ୍ଥାନୀୟ ଲୋକେ ବିଭିନ୍ନ ସରକାରୀ କର୍ମଚାରୀ ଏବଂ ରାଜନେତାଙ୍କୁ ଏହି ସ୍କୁଲର ବିକାଶ ପାଇଁ ବାରମ୍ବାର ଦାବି କରିଛନ୍ତି କିନ୍ତୁ ଏହାର ସମାଧାନ ହୋଉ ନଥିବା ଅଭିଯୋଗ ହୋଇଛି । ସେହିପରି ସ୍କୁଲର ଅସୁବିଧା କୁ ପ୍ରାଥମିକତା ଦେଇ ପ୍ରଶାସନ ସ୍କୁଲର ବିକାଶ କରିବା ପାଇଁ ପୁଣି ଥରେ ଦାବି କରିଛନ୍ତି ଅଭିଭାବକ ଏବଂ ଗ୍ରାମବାସୀ । ତେବେ ଏ ସମସ୍ୟା ସମ୍ପର୍କରେ ସ୍କୁଲ ପରିଚଳନା କମିଟି ମିଟିଂ ରେ ଆଲୋଚନା ହୋଇ ରେଜୁଲେସନ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇ ଥିବା କହିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ସେହିପରି ଅଭିଭାବକ ଏବଂ ଶିକ୍ଷକ ମାନଙ୍କ ଠାରୁ ସ୍କୁଲର ସମସ୍ୟା ବିଷୟରେ ଲିଖିତ ଅଭିଯୋଗ ମିଳିଛି ଏବଂ ଏହାକୁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଆମେ ସ୍କୁଲର ବିକାଶ ପାଇଁ ଜଣାଇ ଦେଇଥିବା ସଫେଇ ଦେଇଛନ୍ତି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝୀ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ ହେବ ଖୁଂଟୁଣି ପିଏଚ୍‌ସି

ଭୁବନେଶ୍ୱର, ୦୮/୦୬ (ନି.ପ୍ର): କଟକ ଜିଲ୍ଲା ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଂଟୁଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ପ୍ରସ୍ତାବ ଉପରେ ଆଜି ଲୋକସେବା ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୁଂଟୁଣି ପିଏଚ୍‌ସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ କୁମାର ଶର୍ମା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପ୍ରସ୍ତାବର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୁଂଟୁଣି ଠାରୁ ନିକଟବର୍ତ୍ତୀ ବରହମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୧୫ କିଲୋମିଟର ଏବଂ ଆଠଗଡ଼ ସବ୍‌ଡିଭିନାଲ ହସ୍‌ପିଟାଲ୍ ଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ସେହିପରି ଢେଙ୍କାନାଳ ଜିଲ୍ଲା ସଦର ହସ୍‌ପିଟାଲ୍ ଖୁଂଟୁଣି ଠାରୁ ୨୦ କିଲୋମିଟର ଏବଂ ୩୦ କିଲୋମିଟର ଦୂରତ୍ୱରେ ଅବସ୍ଥିତ । ଖୁଂଟୁଣି ପିଏଚ୍ ସିର ଜାତୀୟ ରାଜପଥ ପାର୍ଶ୍ୱର୍ରେ ଅବସ୍ଥିତି, ନିକଟବର୍ତ୍ତୀ ଅଞ୍ଚଳରେ ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧାରେ ଓ ହାତପାଆନ୍ତାରେ ଯୋଗାଇଦେବା ନିମନ୍ତେ ଖୁଂଟୁଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରିବା ଦିଗରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟର ସ୍ୱତନ୍ତ୍ର ସଚିବ ଡ. ଅଜିତ କୁମାର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ଡ. ପରେଶ ଚନ୍ଦ୍ର ମିଶ୍ର, କଟକ ସିଡିଏମ୍ ଓ ଡ. ଏସ୍. ବି. ଛୋଟରାୟ, ଆଠଗଡ଼ ସବ୍‌ଡିଭିଜନାଲ ହସ୍‌ପିଟାଲ୍ ର ସୁପରିଟେଣ୍ଡେଣ୍ଟ ଡ. ବି.କେ. ମିଶ୍ର ଓ ସ୍ୱାସ୍ଥ୍ୟ ଓ ପିରବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ଜସ୍ମିନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥ ବଡ଼ଦାଣ୍ଡରେ ଜମୁଛି ଶ୍ରମିକ ହାଟ

ପୁରୀ, ୦୮/୦୬ (ନି.ପ୍ର): ବିଶ୍ୱ ଐତିହ୍ୟ ସହର ଶ୍ରୀକ୍ଷେତ୍ର । ବଦ୍ଳୁଛି ପୁରୀ । ଝଲସୁଛି ବଡ଼ଦାଣ୍ଡ । ପ୍ରତିଦିନ ଜାତୀୟ ରାଜପଥ ବଡ଼ଦାଣ୍ଡ ମରଚିକୋଟ ଛକରେ ସକାଳୁ ସକାଳୁ ଜମୁଛି ମଣିଷ ଶ୍ରମିକ ହାଟ । ବାବୁ ମୋତେ କାମକୁ ନିଅ । ଶୁଭୁଛି କରୁଣସ୍ୱର । କାମ ନପାଇଲେ ପରିବାର ଉପାସ । ଏଭଳି ସ୍ଥିତି ପ୍ରତିଦିନ ବଡ଼ଦାଣ୍ଡର ମରଚିକୋଟ ଛକ ,ମାର୍କେଟ ଛକ ଓ ଶରଧାବାଲିରେ ଦେଖିବାକୁ ମିଳୁଛି । ବିଭିନ୍ନ ପ୍ରକାର ଶ୍ରମିକ ଭୋରୁ ଉଠି ଟିଫିନରେ ଖାଦ୍ୟ ଧରି ସକାଳ ୭ଟା ପୂର୍ବରୁ ବଡ଼ଦାଣ୍ଡରେ ଠିଆ ହେଉଛନ୍ତି । ହାତରେ କୋଡ଼ି, କୋଦାଳ, ଶାବଳ, ଗଇନ୍ତି ଧରି ଅତି କରୁଣ ଭାବେ କାମ ପାଇବା ଆଶାର ଚାହାଁଣିରେ ମାଲିକଙ୍କୁ ଚାହିଁ ବସୁଛନ୍ତି । ଘର ସିମେଂଟ ଗୋଡ଼ି କାମ, ରଙ୍ଗକାମ, ହେଲପର, ରାଜମିସ୍ତ୍ରୀ, ପାଣିକଳ ମିସ୍ତ୍ରୀ ଆଦି ଶ୍ରମିକମାନେ ବିଭିନ୍ନ କାମ ଆଶାରେ ଚାହିଁ ରହୁଛନ୍ତି । ସକାଳ ୭ଟାରୁ କାମ ପାଇବା ପରେ ସଂଧ୍ୟା ୫ଟା ପରେ ଘରକୁ ଫେରୁଛନ୍ତି । ଯେଉଁଦିନ କାମ ନପାଉଛନ୍ତି ମନ ଦୁଃଖରେ ନୀଳଚକ୍ର ବାନାକୁ ମୁଣ୍ଡିଆ ମାରି ଘରକୁ ଫେରୁଛନ୍ତି । ଶ୍ରମିକମାନେ ପୁରୀ ସହର ନିକଟ ମଙ୍ଗଳାଘାଟ, କୋଇଲାଅଡ଼ା, କଣ୍ଣପୁର, ଗୋରୁଆଳ, କପିଳେଶ୍ୱର ପୁର, ଗୋପୀନାଥପୁର, ଚାଳିଶବାଟିଆ, ଖଣ୍ଡିଆବନ୍ଧ, ଚନ୍ଦନପୁର, ଗୋପାଳପୁର, ବାଲିଗୁଆଳି, ସମଗରା, ବେଲଦଳ ଆଦି ନିକଟ ଗ୍ରାମରୁ ଶ୍ରମିକମାନେ ଆସି ବଡ଼ଦାଣ୍ଡରେ ଠିଆ ହେଉଛନ୍ତି । ଏହାସହ ଅନେକ ଶ୍ରମିକ ପୁରୀ ସହରର ବିଭିନ୍ନ ଝୁମ୍ପୁଡ଼ି ବସ୍ତିରେ ଭଡ଼ାରେ ରହି ଶ୍ରମିକ ଭାବେ କାମ କରୁଛନ୍ତି । କୌଣସି ଠିକାଦାରଙ୍କ ନିକଟରେ ପଞ୍ଜିକୃତ ଶ୍ରମିକ ହୋଇନଥିବାରୁ ଲେବରକାର୍ଡ଼ ପାଇବାରୁ ବଂଚିତ ହୋଇଛନ୍ତି । ଶ୍ରମିକମାନେ ସାଇକେଲ ଓ ମଟରସାଇକେଲରେ ଆସି ଅପେକ୍ଷା କରୁଛନ୍ତି । କାମ ମିଳିଲେ ମାଲିକଙ୍କ ସାଥିରେ ମଟରସାଇକେଲରେ ଯାଉଛନ୍ତି । ଅତିଦୟନୀୟ ଅବସ୍ଥାରେ ମଣିଷ ହାଟକୁ ଦେଖି ବିଦେଶୀ ପର୍ଯ୍ୟଟକମାନେ ସେମାନଙ୍କ ଫଟୋ ଉତୋଳନ କରି ନେଉଥିବା ଦେଖିବାକୁ ମିଳୁଛି ।

# ଶିଶୁ, କିଶୋରୀ ମାନଙ୍କ ନିମନ୍ତେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୮/୦୬ (ନି.ପ୍ର): ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ସଚେତନତା ପାଇଁ ସୋସାଇଟି ଫର ଉଇକର କମ୍ୟୁନିଟ୍ ଦ୍ୱାରା ପରିଚାଳିତ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରାୟୋଜିତ ଚାଇଲ୍ଡ ଲାଇନ୍, ଭଦ୍ରକ ତରଫରୁ ଭଦ୍ରକ ପୌରପାଳିକା ଅନ୍ତର୍ଗତ ୧୫ନଂ. ୱାର୍ଡ କୁଆଁସରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭଦ୍ରକ, ଜିଲ୍ଲାଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଂଗଳ କମିଟିଙ୍କର ସହଯୋଗରେ କୁଆଁସ, ଜେନାସାହି ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶିଶୁ, କିଶୋରୀ, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଷୟ ବିଶାରଦ ରୂପେ ଶିଶୁ ମଙ୍ଗଳ କମିଟିର ସଦସ୍ୟା



ସ୍ମୃତିରେଖା ମହାନ୍ତି ଶିଶୁ ଓ କିଶୋରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ କିଶୋର ନ୍ୟାୟ ଆଇନ ଅନ୍ତର୍ଭୁକ୍ତ ଶିଶୁ ନ୍ୟାୟ ଓ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ୍ର ପ୍ରୋବେସନ ଅଧିକାରୀ ସୁବ୍ରତଦାସ ଶିଶୁମାନଙ୍କ ପାଇଁ ବିଭିନ୍ନ ଆଇନ୍ ବ୍ୟବସ୍ଥା, ଯୌନ ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିପଦ ସମୟରେ ଶିଶୁ ମାନଙ୍କୁ ସୁରକ୍ଷା ଦେବାସହ ତତ୍କାଳୀନ ସାହାଯ୍ୟ ପାଇଁ ୧୦୯୮ ଚାଇଲ୍ଡ ଲାଇନ ହେଲ୍ପ ଲାଇନ୍ ନମ୍ବର (ଟୋଲ ଫ୍ରି) ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଉଚିତ୍ ବୋଲି ଆଲୋଚନା ହୋଇଥିଲା । ଆଲୋଚନା ଚକ୍ରରେ ୧୫ୱାର୍ଡର ପରିଷଦର ପ୍ରତିନିଧି କବିତା ମହାନ୍ତି, ପୂର୍ବତନ ପରିଷଦ ଦେବାଶିଷ ରାଉତ, ଅଙ୍ଗନୱାଡିକର୍ମୀ ସସ୍ମିତା ଲେଙ୍କା, ତପସ୍ୱିନୀ ଦଳେଇ, ମଂଜୁଲତା ରାଉତ, କମଳା ନାୟକ, ମହାସଂଘର ସଭାପତି ନିରୁପମା ଜେନା ପ୍ରମୁଖ ଯୋଗଦାନ କରିଥିଲେ । ବହୁ ଶିଶୁ, କିଶୋରୀ ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଚାଇଲ୍ଡ ଲାଇନ କର୍ମକର୍ତ୍ତା ସାହିଲ୍ ଖାନ ଓ ସଂଯୁକ୍ତା ମଲ୍ଲିକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ପରିଚାଳନାରେ ସହଯୋଗ କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଭଦ୍ରକ ପୌରପାଳିକାର ପ୍ରତ୍ୟେକ ୱାର୍ଡରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନବନିଯୁକ୍ତ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀଗଣ, ବିଭିନ୍ନ ଡିଭିଜନର ରାଜସ୍ୱ ଆୟୁକ୍ତ, ବୋର୍ଡ଼ ଅଫ ରେଭିନ୍ୟୁର ସଚିବ, ଲଘୁ ଖଣିଜ ସମ୍ପଦ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ରୋଟୀର ନିର୍ଦ୍ଦେଶକ, ଆଇ. ଜି. ଆର, ଭୂ ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଓ ଯୁଗ୍ମ ରିଲିଫ କମିଶନର ସ୍ୱାଗତ ଜଣାଇଥିଲେ । ଏହାପରେ ରାଜସ୍ୱ ମନ୍ତ୍ରୀଙ୍କୁ ବିଭାଗର ବରିଷ୍ଠ ଅଧିକାରୀମାନେ ବିଭାଗରେ ହେଉଥିବା କାର୍ଯ୍ୟ ବିଷୟରେ ଯଥା ଦାଖଲ ଖାରଜ, ଘରବାଡ଼ି ପଟ୍ଟା, ସାର୍ଟିଫିକେଟ ସେବା, ରେଜିଷ୍ଟ୍ରେସନ ସେବା, ଲଘୁ ଖଣିଜ ସମ୍ପଦର ପରିଚାଳନା, ଜମି ଅଧିଗ୍ରହଣ ଓ ବିସ୍ଥାପିତଙ୍କ ଥଇଥାନ, ହାଇ-ଟେକ ସର୍ଭେ, ଓଡିଶା ପ୍ରଶାସନିକ ସେବା ଓ ଓଡିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ କାର୍ମିକ ପରିଚାଳନା ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ । ଲଘୁ ଖଣିଜ ସମ୍ପଦର ସୁଚାରୁ ପରିଚାଳନା, ବେଆଇନ ଉଠାଣ ଓ ଚୋରି ରୋକିବା ନିମନ୍ତେ ସ୪ଗଗ ମାଧ୍ୟମରେ ଲଘୁ ଖଣିଜ ଉତ୍ସର ଜିଓ-ଫେନସିଂ କରିବା, ଭେଇକିଲ ଟ୍ରାକିଙ୍ଗ ସିଷ୍ଟମ, ଅନଲାଇନ ଟ୍ରାନଜିଟ ପାସର ପ୍ରଚଳନ ଇତ୍ୟାଦି ଅତ୍ୟାଧୁନିକ ବ୍ୟବସ୍ଥାର ଖୁବ ଶୀଘ୍ର ପ୍ରଚଳନ କରାଯାଉଛି । ସେହିପରି, ନିବନ୍ଧନ କାର୍ଯ୍ୟାଳୟ ମାନଙ୍କରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଏକ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମର ପ୍ରଚଳନ କରାଯାଉଥିବାର ସୂଚନା ଦିଆଯାଇଥିଲା । ରାଜସ୍ୱ ମନ୍ତ୍ରୀ ବସୁନ୍ଧରା ମାଧ୍ୟମରେ ସମସ୍ତ ବାସହୀନ ଲୋକଙ୍କୁ ତୁରନ୍ତ ବାସଯୋଗ୍ୟ ଜମି ଆଇନ ଅନୁସାରେ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ହୀରାକୁଦ ବନ୍ଧର ବିସ୍ଥାପିତଙ୍କ ସମସ୍ୟାକୁ ସମାଧାନ କରିବାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲଘୁ ଖଣିଜ ସମ୍ପଦର ବିଲୁପ୍ତି ପରେ ସେହି ଉତ୍ସକୁ ସମତୁଲ କରି ବୃକ୍ଷରୋପଣ କରିବାକୁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ଓଡିଶାର ସୁନ୍ଦରଗଡ ତଥା ଅନ୍ୟ ଜିଲ୍ଲା ମାନଙ୍କରେ ତ୍ୱରିତ ପଦକ୍ଷେପ ନେଇ ହାଇ-ଟେକ ସର୍ଭେ ସମ୍ପୂର୍ଣ କରିବାକୁ ନିର୍ଦ୍ଦେଶ ଦେଲେ ଏହାପରେ ମୁଖ୍ୟମନ୍ତ୍ରୀଙ୍କ ୫-'ଟି' ଓ 'ମୋ ସରକାର' ସୂତ୍ର ଅନୁଯାୟୀ ବିଭିନ୍ନ ଜନହିତକର କାର୍ଯ୍ୟକୁ ଆଗେଇ ନେବା ସହିତ ସମାଜର ଶେଷ ଧାଡ଼ିର ନାଗରିକଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ।

## ଥୋମାସ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ଥୋମାସ କପ୍ ୨୦୨୨ ବିଜେତା ଭାରତୀୟ ପୁରୁଷ ବ୍ୟାଡମିଂଟନ ଟିମ୍ ର ପ୍ରତି ଖେଳାଳି ଓ କୋଚ୍ ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନର କନଭେନସନ ସେଂଟରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜାତୀୟ କୋଚ୍ ପୁଲେଲା ଗୋପୀଚାନ୍ଦ , ବ୍ୟାଡମିଂଟନ ଖେଳାଳୀ କିଦାମ୍ବି ଶ୍ରୀକାନ୍ତ, ଧ୍ରୁବ କପିଲା, ପ୍ରଣୟ ଏଚଏସ୍, ପ୍ରିୟାଂଶୁ ରାଜାୱତ, ବିଷ୍ଣୁବର୍ଦ୍ଧନ ଗୌଡ. ଜିକେ ପ୍ରସାଦ, ଅର୍ଜୁନ୍ ଏମଆର, ଚିରାଗ ଚନ୍ଦ୍ରଶେଖର ସେଟ୍ଟୀ ଓ ରାକିରେଡ୍ଡୀ ସାତ୍ୱିକ ସାଇରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଥୋମାସ୍ କପ୍ ଜିତିଥିବା ଭାରତୀୟ ଦଳର ସମସ୍ତ ଖେଳାଳୀଙ୍କୁ ୧୦ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଥିଲା । ଖେଳାଳୀମାନେ ମଧ୍ୟ ସେମାନଙ୍କ ଦ୍ୱାରା ସ୍ୱାକ୍ଷର କରାଯାଇଥିବା ଟିମ୍ ଇଣ୍ଡିଆର ଏକ ଜର୍ସିକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ୧୪ ଥର ଥୋମାସ କପ୍ ବିଜେତା ଇଣ୍ଡୋନେସିଆକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା ଭାରତୀୟ ପୁରୁଷ ବ୍ୟାଡମିଂଟନ ଟିମ୍ ।

# ଗୋଟିଏ ଦିନରେ ୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୫୪୫କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୬୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୦ ଜଣ ସଂଗରୋଧରୁ ଓ ୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧. କଟକ ଜିଲ୍ଲାରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧, ନୂଆପଡା ଜିଲ୍ଲାରୁ ୧, ସୁନ୍ଦରଗଡ ଜିଲ୍ଲାରୁ ୧ ତଥା ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୪ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# କଷାଫଳ ହାଇସ୍କୁଲରେ ପରିଚାଳନା କମିଟି ଗଠିତ

ଲଙ୍ଗଳେଶ୍ୱର, ୦୮/୦୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତ ରେ ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ଆଜି ପରିଚାଳନା କମିଟି ଗଠନ ହୋଇଯାଇଛି ।ଦୀର୍ଘ ଛଅ ବର୍ଷ ପରେ କମିଟି ହେବାଦ୍ୱାରା ସମସ୍ତ ଅବିଭାବକ ମନରେ ଉତ୍ସାହ ଦେଖାଯାଇଛି ।ଗତ ତିନି ତାରିଖ ଦିନ ସମସ୍ତ ଅଭିଭାବକ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା । ଏଇ ବୈଠକରେ ୧୨ଜଣ ଅବିଭାବକ ଅବିଭାବିକା ଙ୍କୁ କମିଟି ସଦସ୍ୟ ସଦସ୍ୟା ଭାବେ ନିର୍ବାଚିତ କରାଯାଇଥିଲା । ଆଜି ଏଇ ନିର୍ବାଚିତ ସଦସ୍ୟ ମାନଙ୍କୁ ନେଇ ବିଧିବଦ୍ଧ ଭାବେ ସଭାପତି ଓ ଉପସଭାପତି ନିର୍ବାଚିତ ହୋଇଛି । ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷକ ଭୀମ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ବୈଠକରେ ଗୌର ଗୋପାଳ ମଣ୍ଡଳ ସଭାପତି ନିର୍ବାଚିତ ହେବା ସହିତ ଉପସଭାପତି ଭାବେ ପ୍ରତିମା ଜେନା ନିର୍ବାଚିତ ହୋଇଥିଲେ ।କମିଟିର ସଦସ୍ୟ ଭାବେ ଅନୁପ କୁମାର ପାତ୍ର,ଅନୁରୁଦ୍ଧ ହଟେଇ,ଅରୁଣ ବାଗ,ଜୟନ୍ତୀ ପାତ୍ର,ଝରଣା ପାତ୍ର,ଅକ୍ଷୟ ଜେନା,ସୁକାନ୍ତି ମଣ୍ଡଳ,ସଞ୍ଜୟ କୁମାର ପାତ୍ର,ବିମଳ କୁମାର ମଣ୍ଡଳ ପ୍ରମୁଖ ନିର୍ବାଚିତ ହୋଇଥିଲେ ।ବିଦ୍ୟାଳୟର ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରିବେ ବୋଲି ସଭାପତି ଶ୍ରୀ ମଣ୍ଡଳ ଓ ଉପସଭାପତି ଶ୍ରୀମତୀ ଜେନା କହିଛନ୍ତି ।

# ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ପାଇଁ ଆହ୍ୱାନ

ପୁରୀ,୦୮/୦୬ (ନି.ପ୍ର): ପୁରୀ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଜିଲ୍ଲା ଶ୍ରମ ବିଭାଗ ଗତ ସପ୍ତାହ ଧରି ଜିଲ୍ଲାରେ ପ୍ରଚାର କରୁଛି । ଶିଶୁମାନଙ୍କୁ ଶିକ୍ଷା ସେମାନଙ୍କ ସୁରକ୍ଷା ଓ ଅଧିକାର ଜଣାଇବା ପାଇଁ ପ୍ରଚାର ପ୍ରସାର କରୁଛନ୍ତି । ଆଜି ଗୁଣ୍ଡିଚା ମନ୍ଦିର ଠାରେ ଏକ ସଚେତନ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଏହି ଶୋଭାଯାତ୍ରା ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଏହି ଶୋଭାଯାତ୍ରାରେ ଡ଼ିଭିଜିନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲ୍ଲାଶ୍ରମ ଅଧିକାରୀ ଦିଲୀପ କୁମାର ପାଣି, ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ହାପିନେସ ଫାଉଣ୍ଡେସନର ଟିମ ଲିଡ଼ର ପ୍ରଦୀପ କୁମାର ଦାସ, ଚାଇଲଡ଼ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ଆୟୁଷ ଆଥେଲେଟିକ କ୍ଲବ,ସ୍ପନ୍ଦନ ଅନୁଷ୍ଠାନ,ନେହେରୁ ଯୁବକେନ୍ଦ୍ର,ଏନଏସଏସ, ସ୍ୱେଚ୍ଛାସେବୀ ଓ ଶ୍ରମ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମୃତ, ଜଣେ ଆହତ

ଖୋର୍ଦ୍ଧା,୦୮/୦୬ (ନି.ପ୍ର): ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି ।ମୃତକ ଜଣକ ହେଲେ ଦେବରାଜ ସେଠି ଓ ଆହତ ଜଣକ ହେଲେ ମାନପୁରମ ଗୋଲଡ଼ ଲୋନ ସଂସ୍ଥାର ଅଫିସର ରାଜେଶ ମହାନ୍ତି । ସୂଚନା ମୁତାବକ ନାଚୁଣୀ ବଜାର ଅଞ୍ଚଳର ଦେବରାଜ ସେଠି ନାମକ ଜଣେ ବ୍ୟକ୍ତି ଏକ ଲଣ୍ଡ୍ରି ଦୋକାନ ଦେଇଥିଲେ । ତେବେ ଆଜି ଅପରାହ୍ନରେ ଲଣ୍ଡ୍ରି ଦୋକାନ ପାର୍ଶ୍ୱରେ ଥିବା ମନପୁରମ ଗୋଲଡ଼ ଲୋନ ଅଫିସର ଲୁହା ସିଡିରେ ପ୍ରତିଦିନ ଭଳି ବସିଥିବା ବେଳେ ହଠାତ ସିଡିରେ କୌଣସି କାରଣରୁ ବିଦ୍ୟୁତ ଚାର୍ଜ ହୋଇଯାଇଥିଲା । ଫଳରେ ଦେବରାଜ ଚିତ୍କାର କରିବାରୁ ଅଫିସ ଭିତରେ ଥିବେ ମନପୁରମ ଅଫିସର ମୁଖ୍ୟ ରାକେଶ ମହାନ୍ତି ଚିତ୍କାର ଶୁଣି ତଳକୁ ଆସିଲା ବେଳେକୁ ସେ ମଧ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ । ତେବେ ଉଭୟଙ୍କୁ ଟାଙ୍ଗୀ ମେଡିକାଲ ଭର୍ତି କରାଯାଇଥିଲା । ହେଲେ ଦେବରାଜଙ୍କ ମୃତ୍ୟୁ ଘଟିଥିଲା ଏବଂ ରାକେଶଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଘଟଣାସ୍ଥଳରେ ଉତେଜନା ଲାଗି ରହିଥିବାରୁ ଖବର ପାଇ ନାଚୁଣୀ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଂଚି ଉତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ ।

# କୋଣାର୍କ ଅର୍ବାନ ହାଟଠାରେ କ୍ରାଫ୍ଟ ବଜାର

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଭାରତ ସରକାରଙ୍କ ଅଧିନସ୍ଥ ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଙ୍କ ଆର୍ଥିକ ସହାୟତାରେ ଏବଂ ଓଡିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ମିଳିତ ସହାୟତା କ୍ରମେ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା କୋଣାର୍କ ସ୍ଥିତ ଅର୍ବାନ ହାଟଠାରେ ଚଳିତ ଜୁନ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପୀ କ୍ରାଫ୍ଟ ବଜାରର ଆୟୋଜନ କରାଯାଇଛି । ୧୦୦ ଜଣ କାରିଗର ଏଥିରେ ଅଂଶ ଗ୍ରହଣ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରୟ କରୁଛନ୍ତି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଶିଙ୍ଘ, ବାଉଁଶ, ବେତ, ପିପିଲି ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, ଲୌହ ଶିଳ୍ପ, ଲାଖ, ଆଦିବାସୀ ଜୁଏଲାରୀ, ଇମିଟେସନ ଜୁଏଲାରୀ, ସବାଇ ଘାସ, କାଇଁଚ ଶିଳ୍ପ, କତା ଶିଳ୍ପ ସର୍ବୋପରି ସମ୍ବଲପୁରୀ ବସ୍ତ୍ର ଓ ରୂପା ତାରକଶୀ ଆଦି ସାମଗ୍ରୀ ଏହି କ୍ରାଫଟ ବଜାରରେ ଉପଲବ୍ଧ ହେଉଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଏହି ବଜାରର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ଶୁଭା ଶର୍ମା, କମିଶନର ତଥା ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର ଏହି ବଜାରକୁ ଉଦଘାଟନ କରିଛନ୍ତି । ସରୋଜ କୁମାର ପଟେଲ, ସ୍ୱତନ୍ତ୍ର ଶାସନ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ, ଉତ୍କଳିକା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ୫୦ ହଜାର ଦର୍ଶକଙ୍କର ସମାଗମ ହେବା ସହିତ ୪୦ ଲକ୍ଷ ଟଙ୍କାର ବ୍ୟବସାୟ ହେବାର ଆଶା କରାଯାଉଛି ।

# ୫-ଟି ରୂପାନ୍ତରଣରେ ଜିଲ୍ଲାର ୮୦ଟି ସ୍କୁଲ ଲୋକାର୍ପିତ




ଭଦ୍ରକ,୦୮/୦୬ (ନି.ପ୍ର): ୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ପ୍ରଥମ ଦଫାରେ ୧୭ଟି ସ୍କୁଲ ପରେ ଦ୍ୱିତୀୟ ଦଫାରେ ଭଦ୍ରକ ଜିଲ୍ଲାର ୮୦ଟି ହାଇସ୍କୁଲର ଲୋକାର୍ପଣ ଉତ୍ସବ ଆଜି ସନ୍ଧ୍ୟାରେ ଚାନ୍ଦବାଲି ବ୍ଲକର ଶାରଳା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଉତ୍ସବ ପାଇଁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଚାନ୍ଦବାଲି ବି.ଡ଼ି.ଓ ଜ୍ୟୋତି ବିକାଶ ଦାସ, ଶାରଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନୀଲ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା ନେଇ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ । ସୂଚନା ଯୋଗ୍ୟକି ଆଜି ଲୋକାର୍ପିତ ହୋଇଥିବା ୮୦ଟି ସ୍କୁଲ ମଧ୍ୟରେ ବାସୁଦେବପୁର ବ୍ଲକ୍‌ର ୧୩ଟି, ଭଦ୍ରକ ପୌରପାଳିକାର ୪ଟି, ଭଦ୍ରକ ବ୍ଲକର ୧୩ଟି, ଭଣ୍ଡାରିପୋଖରୀ ବ୍ଲକର ୮ଟି ସ୍କୁଲ ଅନ୍ତର୍ଭୁକ୍ତ । ଶାରଳା ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ ସୋନାଲି ସୁପ୍ରିୟା ସାହୁ ମୁଖ୍ୟମନ୍ତ୍ରୀ ସହ ବାର୍ତ୍ତାଳାପ କରିଥିଲେ । ଡ଼.ରାୟ ବକ୍ତବ୍ୟ ପ୍ରସଂଙ୍ଗରେ ଭଦ୍ରକ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରିବା ସହିତ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିପାରିଛି ଏବଂ ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ସୁଯୋଗ ସୃଷ୍ଟି କରିପାରିଛି ବୋଲି କହିଥିଲେ । ଏହି ଉତ୍ସବରେ ସମସ୍ତ ବିଡ଼ିଓ, ଚାନ୍ଦବାଲି ତହସିଲଦାର, ନିର୍ବାଚିତ ଜନ ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଜନଜାତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ : ସମୀର ମହାନ୍ତି

ଭୁବନେଶ୍ୱର,୦୮/୦୬ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଗତ ୮ ବର୍ଷ ଯାତ୍ରାରେ ଜାତି, ପରିବାର, ଭ୍ରଷ୍ଟାଚାର, ତୁଷ୍ଟିକରଣ ଭାରତୀୟ ରାଜନୀତିକୁ ସର୍ବସ୍ପର୍ଶୀ, ସର୍ବ ସମାବେଶୀ, ବିକାଶବାଦର ଜୟଯାତ୍ରାରେ ପରିଣତ କରାଯାଇଛି । ଗରୀବ, ପଛୁଆ, ଦଳିତ, ଆଦିବାସୀ, ମହିଳା, ଯୁବକ, ଅଳ୍ପସଂଖ୍ୟକ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ବାସ କରୁଥିବା ଲୋକଙ୍କ ଜୀବନମାନର ଉତ୍ଥାନର ଯାତ୍ରା ହେଉଛି ଗତ ୮ ବର୍ଷ । ଜନଜାତି ସଂପ୍ରଦାୟଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ପରଂପରାର ସଂରକ୍ଷଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ଜନଜାତି ବର୍ଗ ଲୋକଙ୍କ ପାଇଁ ମୋଦୀ ସରକାର ସମ୍ମାନ, ଅଧିକାର ଓ ସୁଯୋଗ ଯୋଗାଇ ଦେବା ସହ ବିକାଶ ଲାଗି ଅନେକ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ କରିଛନ୍ତି । ଜନଜାତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସମାନ ଅଧିକାର ଦେବା ପାଇଁ ମୋଦି ସରକାର ସଦାସର୍ବଦା ପ୍ରଚେଷ୍ଟା କରୁଛନ୍ତି । ଗତ ୮ ବର୍ଷରେ ମୋଦି ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସୁଫଳ ପାଇଛନ୍ତି ଜନଜାତି ସଂପ୍ରଦାୟ । ଡିବିଟି ଜରିଆରେ ସିଧାସଳଖ ହିତାଧିକାରୀଙ୍କ ପାଖକୁ ସହାୟତା ରାଶି ଆସୁଛି । ମୋଦି ସରକାର ମିଶନଶକ୍ତି ମାଧ୍ୟମରେ ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବି କରିବା ସହ ବନଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରିବାର ସୁଯୋଗ ଦେଲେ ବୋଲି କେନ୍ଦୁଝର ଜିଲ୍ଲା ତେଲକୋଇଠାରେ ଅନୁଷ୍ଠିତ 'ଅନୁସୂଚିତ ଜନଜାତି ହିତାଧିକାରୀ ମେଳା'ରେ ଯୋଗ ଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏହି ଅବସରରେ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କୁ ଶ୍ରୀ ମହାନ୍ତି ସମ୍ମାନିତ କରିଛନ୍ତି । ଜନଜାତିଙ୍କ ବିକାଶ ପାଇଁ ମୋଦୀ ସରକାର କେନ୍ଦ୍ର ବଜେଟ୍‌ରେ ୮୮ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସେହିପରି ଜନଜାତି ଛାତ୍ରବୃତି ପରିମାଣକୁ ୯୭୮ କୋଟିରୁ ୨୭୨୬ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୯୦ରୁ ୫୧୨ ପହଂଚିଲାଣି । ଜନଜାତି ସଂସ୍କୃତି ଓ ପରଂପରାର ସଂରକ୍ଷଣ ପାଇଁ ସମଗ୍ର ଦେଶରେ ୧୦ଟି ସ୍ୱାଧିନତା ସଂଗ୍ରାମୀ ସଂଗ୍ରାହଳୟ ପ୍ରତିଷ୍ଠା କରାଯାଇଛି । ଜଙ୍ଗଲ ଅଧିକାରରେ ୨ଗୁଣା ବୃଦ୍ଧି କରାଯାଇ ୧୦୩.୫ ଟନ୍ ଏକରରେ ପଂହଚିଛି । ଦେଶର ୧୧୭ଟି ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ ଓ ସମୃଦ୍ଧି କରିବା ପାଇଁ ମୋଦୀ ସରକାର ଆକାଂକ୍ଷୀ ଜିଲ୍ଲା ଭାବେ ନିଜ ହାତକୁ ନେଇଛନ୍ତି । ଆଦିବାସୀ ଅଧୁଷିତ ଖଣି ଅଂଚଳର ବିକାଶ ପାଇଁ ସ୍ୱତନ୍ତ୍ର ଡିଏମଏଫ୍ ପାଂଠି ଗଠନ କରାଯାଇଛି । ଆଦିବାସୀ ସ୍ୱତନ୍ତ୍ରତା ସେନାନୀଙ୍କ ଉଦ୍ଦେଶ୍ୟରେ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରି ଜନଜାତି ବର୍ଗଙ୍କୁ ନ୍ୟାର୍ଯ୍ୟ ସମ୍ମାନ ପ୍ରଦାନ କରିଛନ୍ତି ମୋଦି ସରକାର ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦେଶରେ ସର୍ବାଧିକ ଜନଜାତି ଥିବା ରାଜ୍ୟ ହେଲା ଓଡ଼ିଶା । ଓଡ଼ିଶା ଜନସଂଖ୍ୟାର ପ୍ରାୟ ୨୪% ହେଉଛନ୍ତି ଆଦିବାସୀ ଏବଂ ୬୨ଟି ସମ୍ପ୍ରଦାୟ ଓ ୧୩ଟି ପିଭିଟିଜି ସଂପ୍ରଦାୟର ଜନଜାତି ବସବାସ କରନ୍ତି । ରାଜ୍ୟର ୩୩ଟି ବିଧାନସଭା ଅନୁସୁଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଏବଂ ୩୧୪ଟି ବ୍ଲକରୁ ୧୧୯ଟି ହେଉଛି ଆଇଟିଡିଏ ବ୍ଲକ । ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଜନଜାତି ଅଂଚଳରେ ବିକାଶ ପହଂଚି ପାରିନାହିଁ । ସଠିକ ପ୍ରଚାର ପ୍ରସାର ଅଭାବରୁ ୨୧ଟି ଜନଜାତି ଭାଷା ପ୍ରାୟ ବିଲୁପ୍ତ । ଜନଜାତିଙ୍କୁ ସାମ୍ବିଧାନିକ ଅଧିକାର ଯୋଗାଇ ଦେବା ପାଇଁ ପ୍ରଣୟନ ହୋଇଥିବା ପେସା ଆଇନକୁ ରାଜ୍ୟ ସରକାର ଜାଣିଶୁଣି କାର୍ଯ୍ୟକାରୀ ନକରି ସମସ୍ତ କ୍ଷମତା ନିଜେ ଜାବୁଡି ଧରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲ୍ଲାପାଳ ଓ ପ୍ରଶାସନ ହାତରେ ନ୍ୟସ୍ତ କରିଛନ୍ତି । ରାଜ୍ୟରେ ୬୫% ଆଦିବାସୀ ଶିଶୁ ରକ୍ତ ହୀନତାର ଓ ଅପପୁଷ୍ଟିର ଶିକାର । ରାଜ୍ୟରେ ପ୍ରାୟ ଅପହଂଚ ଗାଁ ସଂଖ୍ୟା ୨,୪୭୬ରୁ ୧,୩୨୬ ଗାଁ କେବଳ ୫୦% ଆଦିବାସୀ ବସବାସ କରୁଥିବା ୯ଜିଲ୍ଲା ଗୁଡ଼ିକରେ ଅବସ୍ଥିତ । ୨୦୨୦ରେ ଓଡିଶାରେ ଅନୁସୁଚିତ ଜନଜାତି ବର୍ଗଙ୍କ ବିରୋଧରେ ଅପରାଧ ମାମଲା ୬୨୪ଟି ରୁଜୁ ହେବା ସହ ଏହା ଦେଶରେ ଚତୁର୍ଥ ସର୍ବାଧିକ ଥିଲା । ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ଅତ୍ୟାଚାର ଓ ପୋଲିସଠାରୁ ନ୍ୟାୟ ନମିଳିବାରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି । ଦଳିତ ବିରୋଧୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ । ଅଧିକାଂଶ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଉନାହିଁ । ଏହି କାରଣରୁ ଜନଜାତି ବର୍ଗ ଆଜି ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଥାନାରୁ ନ୍ୟାୟ ନପାଇ ଏସପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମରୁ ବାଛନ୍ଦ ପରିବାର

କେନ୍ଦୁଝର, ୦୮/୦୬ (ନି.ପ୍ର): କେନ୍ଦୁଝରରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ସ୍ୱାଧିନତାର ଦୀର୍ଘ ୭୫ ବର୍ଷ ପରେ ଆଜି ବି କେନ୍ଦୁଝର ଭଳି ଜିଲ୍ଲାରେ ଚାଲିଛି ଜୋର ଯାର ମୂଲକ ତାର ଭଳି ତୋଗଲକୀ ଶାସନ । ଯାହା ପ୍ରତି ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା । ଯେଉଁଥିପାଇଁ ପୀଡିତ ପରିବାରଙ୍କର ପୀଡା ବଢିବାର ଲାଗୁଛି ।ଏବଂ ସରାକାରଙ୍କ ପ୍ରତି ଲୋକଙ୍କ ମନରେ ଦ୍ୱେଷ ଜମାଟ ବାନ୍ଧୁଛି । ପ୍ରଜାକୋର୍ଟ ଭଳି କୋର୍ଟ ବସି ଲୋକଙ୍କୁ ଦଣ୍ଡ ବିଧାନ କରାଯାଉଛି । ଏଥିରେ ସହଯୋଗୀ ସାଜିଛି ପୋଲିସ । ଏଭଳି ଏକ ଘଟଣା କେନ୍ଦୁଝର ଜିଲ୍ଲାରେ ଏବେ ଲୋକଲୋଚନକୁ ଆସିଛି । କେନ୍ଦୁଝର ଜିଲ୍ଲାର ନୟାକୋଟ ଥାନ ଅନ୍ତର୍ଗତ ଟିଲପଶି ଗ୍ରାମ । ଟିଲପଶି ଗ୍ରାମର ଶରତ ପଲେଇ ଙ୍କ ସହ କିଛି ଲୋକ ମିଳିତ ଭାବେ ଗ୍ରାମର ଗଦାଧର ପଲେଇଙ୍କ ଚାଷ ଜମିରେ ବଳପୂର୍ବକ ଟ୍ରାକ୍ଟର ଓ ହଳ ବଳଦ ଲଗାଇ ଚାଷ କରିବା ସହ ତାଙ୍କର ସେହି ଚାଷ ଜମି ସବୁକୁ ହଡପ କରବାକୁ ଉଦ୍ୟମ କରୁଛନ୍ତି । ଏହାର ଦୃଢ ପ୍ରତିବାଦ କରିବାରୁ କାହ୍ନୁ ପଲେଇ ଙ୍କ ସହ ତାଙ୍କୁ ଗତ ମେ ମାସରୁ ଗ୍ରାମରୁ ବାଛନ୍ଦ କରାଯାଇଥିବା ଗଦାଧର ପଲେଇ ଅଭିଯୋଗ କରିଛନ୍ତି । ଏପରି କି ସେମାନଙ୍କ ର ଯିବା ଆସିବା ରାସ୍ତାକୁ ବାଡ ଦିଆଯାଇ ଅବରୋଧ କରାଯାଉଥିବା ବେଳେ ଜଳ ଆଣିବାକୁ ଓ ବଜାରଘାଟ ମଧ୍ୟ ବାରଣ କରାଯାଉଛି । ଏପରିକି ଗଦାଧରଙ୍କ ପତ୍ନୀଙ୍କ ଉପରେ ଗାଡି ଚଢାଇ ହତ୍ୟା ଉଧ୍ୟମ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଆହୁରି ମଧ୍ୟ ଗ୍ରାମର ଯେ କେହି ବ୍ୟକ୍ତି ବା ପରିବାର ଯଦି ଏହି ଦୁଇ ପରିବାର ସହ ସଂପର୍କ ରଖିଲେ କିମ୍ବା ସହେଯାଗ କଲେ ତାଙ୍କ ଉପରେ ୫୦୦ ଟଙ୍କା ଲେଖାଁଏ ଜୋରିମାନ ଲଗାଇ ଆଦାୟ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏଭଳି ଅନ୍ୟାୟ ତଥା ଅତ୍ୟାଚାର ସଂପର୍କରେ ଗଦାଧରଙ୍କ ପକ୍ଷରୁ ଏକାଧିକ ବାର ନୟାକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟବଧି ଫଳ ଶୂନ୍ୟ ରହିଛି । ଏପରିକି ଘଟଣାର ସତ୍ୟା ସତ୍ୟର ସାମାନ୍ୟତମ ଅନୁସନ୍ଧାନ ମଧ୍ୟ ହେଉନାହିଁ । ଥାନାରୁ ନ୍ୟାୟ ପାଇବାର ଆଶା ମଉଳି ଯିବା ପରେ ପୀଡିତ ଗଦାଧର ପଲେଇ , କାହ୍ନୁ ଚରଣ ପଲେଇ , କସ୍ତୁରୀ ପଲେଇ ଓ ଚାଇ ପଲେଇ ପ୍ରମୁଖ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo